₹ : 25

ମାସିକ ପତ୍ରିକା

# ଆମରି ସତ୍ୟ

# AMARI SATYA




ତ୍ରୟୋଦଶ ବର୍ଷ, ପଞ୍ଚମ ସଂଖ୍ୟା
ନଭେମ୍ବର ୨୦୨୨, ପୃଷ୍ଠା ସଂଖ୍ୟା ୩୬

RNI Regn. No. - ODI/ODI/2010/350521
Postal Regd. No. : PURI-33/2022-24



## 'କ୍ଷୁଦ୍ରଗଳ୍ପ' ଏକ ଆଲୋଚନାଚକ୍ର

# 'କଳ୍ପନା ଭିତରେ ଜନଜୀବନର ଅଭିଜ୍ଞତା ହିଁ ଗଳ୍ପ'














**ଖୋର୍ଦ୍ଧା,୨୭।୧୦(ସମିସ):** ଖୋର୍ଦ୍ଧା ଆମରିସତ୍ୟ ବିକାଶ ପରିଷଦ ଆନୁକୂଲ୍ୟରେ "କ୍ଷୁଦ୍ର ଗଳ୍ପ" ଉପରେ ଏକ ଆଲୋଚନା ଚକ୍ର ସ୍ଥାନୀୟ ପି.ଏନ୍. କଲେଜ ରୋଡସ୍ଥିତ ବିଶ୍ୱାମିତ୍ର ଜନସେବା କାର୍ଯ୍ୟାଳୟ ପରିସରରେ ଡ. ପ୍ରସନ୍ନ କୁମାର ଜେନାଙ୍କ ଅଧ୍ୟକ୍ଷତା ଏବଂ ଦାଶରଥି ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଗାଳ୍ପିକ ସୁନିଲ୍ କୁମାର ବୋଷ ଏବଂ ସମ୍ମାନୀତ ଅତିଥି ଭାବରେ ଡ. ବିଷ୍ଣୁଚରଣ ସାହୁ ଏବଂ ଆଦିନାରାୟଣ ଖଣ୍ଡୁଆଳ ଯୋଗ ଦେଇଥିଲେ। ଜୀବନର ପ୍ରତ୍ୟେକ ଅନୁଭୁତି ହିଁ ଏକ ଗଳ୍ପ। ଯାହା ଜୀବନ୍ତ ଏବଂ ସତ୍ୟ ଉପରେ ଆଧାରିତ। କିନ୍ତୁ ତାକୁ ଗଳ୍ପ ମାଧ୍ୟମରେ ପ୍ରକାଶ କରିବା ଚାତୁରି କେବଳ ଗାଳ୍ପିକ ପାଖରେ ହିଁ ଥାଏ। ତେଣୁ କଳ୍ପନା ଭିତରେ ଜନଜୀବନର ଅଭିଜ୍ଞତା ହିଁ ପ୍ରକୃତ ଗଳ୍ପ ହୋଇପାରେ। ଯାହା ପାଠକମାନଙ୍କ ମନକୁ ଛୁଇଁ ଯାଇଥାଏ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଉପସ୍ଥିତ ଥିବା ଗାଳ୍ପିକ ଜଗନ୍ନାଥ ନାୟକ, ରମାକାନ୍ତ ମିଶ୍ର, ପଦ୍ମନାଭ ପାଣୀଗ୍ରାହି, ବାସୁଦେବ ସାହୁ, ମିନାରାଣୀ ସାହୁ, ପଦ୍ମଲୋଚନ ସାହୁ, ଆଶିସ ରାୟ, ସତ୍ୟନାରାୟଣ ସାମନ୍ତରାୟ, ଇନ୍ଦୁମତୀ ସାହୁ, ଜବାହାରଲାଲ ସୁବୁଦ୍ଧି, ଆଦିନାରୟଣ ଖଣ୍ଡୁଆଳ, ପ୍ରମୋଦ କୁମାର ମହାନ୍ତି, ବିଭୁପ୍ରସାଦ ହରିଚନ୍ଦନ, ରଶ୍ମିତା ନାୟକ, କାଶୀନାଥ ଦାସ, ବିଜୟ କୁମାର ମହାପାତ୍ର, ପ୍ରଫୁଲ୍ଲ ସାମନ୍ତରାୟ, କିଶୋର ପାଇକରାୟ, ନାରାୟଣ ଦାସ, ରାମଶଙ୍କର, ସମରଜିତ୍ ପଟ୍ଟନାୟକ, ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱଲିଖିତ ଗଳ୍ପ ପଠନ କରିଥିଲେ। ଏହି ଅବସରରେ କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଆମରିସତ୍ୟ ପରିବେଶ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ପ୍ରତିଷ୍ଠାତା
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

ସମ୍ପାଦକ
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

ସହଯୋଗୀ ସମ୍ପାଦକ
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

ମୁଖ୍ୟ ସହ ସମ୍ପାଦକ
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

ସହ ସମ୍ପାଦକ
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

ସଂଯୋଜକ
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

ପରିଚାଳନା ସଂଯୋଜକ
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

ପ୍ରଚ୍ଛଦ ଓ ଅଙ୍ଗସଜ୍ଜା
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮

# ଆମରି ସତ୍ୟ
# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...
ତ୍ରୟୋଦଶ ବର୍ଷ ◆ ପଞ୍ଚମ ସଂଖ୍ୟା ◆ ନଭେମ୍ବର ୨୦୨୨

**ଯୋଗାଯୋଗ:**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩ ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ,ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକ ଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟତା | ଟ.୩୦୦୦/- |

(ଆଜୀବନ ସଦସ୍ୟତା ୧୪ ବର୍ଷ ପାଇଁ )

**ପରାମର୍ଶଦାତା ମଣ୍ଡଳୀ**
**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର
**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର
**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା
**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା
**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ ମନି ଅର୍ଡର, ଡ୍ରାଫଟ୍, ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ତଥା UPI ପଠାଇବାକୁ ଅନୁରୋଧ
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151

'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ

**AMARISATYA :** AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
**Website: www.amarisatya.in Email:amarisatya@gmail.com, amarisatya@rediffmail.com**

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : ସଂଜ ପ୍ରାର୍ଥନା | ରମେଶ ମଙ୍ଗରାଜ | ୨ |
| ୨. | ସମ୍ପାଦକୀୟ | | ୩ |
| ୩. | ହିତ ବାଣୀ | | ୪ |
| ୪. | ନୋବେଲ ପୁରସ୍କାର - ୨୦୨୨ | | ୫ |
| ୫. | କରୁଣା ଓ ସମ୍ବେଦନା | ତୁଳସୀ ଜୈନ | ୬ |
| ୬. | ରାସ୍ତା | ବୈଜୟନ୍ତୀ ପଟ୍ଟନାୟକ | ୮ |
| ୭. | କଥା କୁହ ଓ ବୁଝ ଠିକ୍ ... | ଶ୍ରୀ ଜଗନ୍ନାଥ ନାୟକ | ୯ |
| ୮. | ଅଦ୍ଭୁତ ଯୁକ୍ତିର ପୁରସ୍କାର | ରମାକାନ୍ତ ମିଶ୍ର | ୧୦ |
| ୯. | ବନ୍ଧୁ | ମେଜର କ୍ଷୀରୋଦ ପ୍ରସାଦ | ୧୧ |
| ୧୦. | ଦୀପାବଳି ତୁମେ ଚାଲିଗଲା ... | ଅଜୟ କୁମାର ସେଠୀ | ୧୨ |
| ୧୧. | ମଧୁମେହ | ମହାରଥି ରଣା | ୧୨ |
| ୧୨. | ପୁଅର ବାପା - ୨ | ସତ୍ୟନାରାୟଣ ସାମନ୍ତରାୟ | ୧୩ |
| ୧୩. | ଆହେ ପ୍ରଭୁ ଲିଙ୍ଗରାଜ | ବାବାଜୀ ଚରଣ ଜେନା | ୧୪ |
| ୧୪. | ଏବେ ବି ରହିଛି ମଣିଷପଣିଆ | ଶିଶିର କୁମାର ପଣ୍ଡା | ୧୫ |
| ୧୫. | ଆଶିଷ | ଶ୍ରୀ ପ୍ରଭୁ ଚରଣ ପତି | ୧୫ |
| ୧୬. | ନିଶାରୁ ନାଶ | ପଦ୍ମନାଭ ପାଣିଗ୍ରାହୀ | ୧୬ |
| ୧୭. | ତିମି ଜଣେଇଲା କୃତଜ୍ଞତା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୭ |
| ୧୮. | ପୁଣି ଆସିଗଲା ଫିଫା ବିଶ୍ୱକପ | ଆଶିଷ କୁମାର ରାୟ | ୧୮ |
| ୧୯. | ବାସ୍ତବତା | ସତ୍ୟନାରାୟଣ ସିଂହ | ୧୯ |
| ୨୦. | ଡ଼ାକଟିକଟରୁ ଜ୍ଞାନ | ଡ ଭବାନୀ ଶଙ୍କର ଦାଶ | ୨୦ |
| ୨୧. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୨୨. | ସମ୍ବାଦ ବିଚିତ୍ରା | | ୨୪ |
| ୨୩. | ସାଧାରଣ ଜ୍ଞାନ ଓ ବିବିଧ ସୂଚନା | | ୨୫ |




## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

**ରମେଶ ମଙ୍ଗରାଜ**



ପେଟର ଭୋକକୁ ମୁହଁରଲାଜକୁ
କା'ଆଗେ ଦେଖାଇ ପାରୁନାହିଁ
ମରମକଥାକୁ ମନରେ ରଖିଛି
କାଳିଆ ସାଆନ୍ତେ ତମ ପାଇଁ ॥୦॥
ମନର ବେଦନା କାହାକୁ କହିବି
କାହାମନେ କିଆଁ ଦେବି ବ୍ୟଥା
ଯାହା ଜଞ୍ଜାଳରେ ଯିଏ ଲାଗିଅଛି
କିଏ ବା ଶୁଣିବ ମୋର କଥା
ଆଖିରେ ଦେଖୁଛି ସଭିଁଏ ଚଞ୍ଚଳ
ଶୁଣିବାକୁ କା'ର ବେଳ କାହିଁ ? ॥୧॥
ପେଟର ଭୋକକୁ ....
ନିଜର ଭାବିକି କହିଲେ କା'ଆଗେ
କିଏ ବା' କାହାର ଦୁଃଖନେବ
ଆହାପଦେ କହି ଶୁଣିବା ଲୋକଟି
ତା' ନିଜ ବାଟରେ ଚାଲିଯିବ
ଆଉକାହା ଆଗେ କହିବି କାହିଁକି
ତମଭଳି ପ୍ରଭୁଥାଇ ॥୨॥
ପେଟର ଭୋକକୁ .....

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା,**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**



ଗୁଡ଼ାଏ କହିବା ଅହଂକାରର ଚିହ୍ନ। - ରେଲେ



# ସମ୍ପାଦକୀୟ....

ଗତମାସରେ "ଆମରି ସତ୍ୟ"ର ମାସିକ ସାହିତ୍ୟ ଆସର ଅବସରରେ କ୍ଷୁଦ୍ରଗଳ୍ପ ଉପରେ ଏକ ଆଲୋଚନାଚକ୍ର ସହିତ ସ୍ୱ-ରଚିତ ଗଳ୍ପ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରାୟ ତିରିଶି ସରିକି ଗାଳ୍ପିକ ସ୍ୱ ସ୍ୱ ଗଳ୍ପଗୁଡ଼ିକ ପାଠ କରିଥିଲେ । ସବୁଗୁଡ଼ିକ ପ୍ରାୟ ଗାଳ୍ପିକମାନଙ୍କର ନିଜସ୍ୱ ମୌଳିକ ରଚନା ହୋଇଥିଲେ ହେଁ ଯାହା ସବୁଠାରୁ ଅଧିକ ମୌଳିକ ଓ ହୃଦୟଗ୍ରାହୀ ତଥା ଭାବୋଦ୍ଦୀପକ ହୋଇଥିଲା, ତାହା ଥିଲା ନିଜର ଦୈନନ୍ଦିନ ଜୀବନରେ ଅଙ୍ଗେ ନିଭେଇଥିବା ଘଟଣାସବୁ । ସେ ସବୁରେ ବର୍ଣ୍ଣନାର ସେତେ ଚାତୁର୍ଯ୍ୟ ନଥିଲେ ମଧ୍ୟ, ସେଥିରେ ବାସ୍ତବ ଜୀବନର ରଙ୍ଗ ଭରି ରହିଥିଲା ଏବଂ ପ୍ରତ୍ୟେକ ହୃଦୟକୁ ସମ୍ବେଦନଶୀଳ ଓ ନମନୀୟ କରିବାକୁ ଯଥେଷ୍ଟ ଥିଲା । ସମସ୍ତ ଗାଳ୍ପିକ ସେହି ସମୟତକ ନିଜେ ଜଣେ ଜଣେ ଗାଳ୍ପିକ ବୋଲି ଭୁଲି ଯାଇ ଶ୍ରୋତା ହୋଇଯାଇଥିବାର ମନସ୍କତାରେ ବୁଡ଼ିଯାଇଥିବାର ଅନୁଭବ ହେଲା । ଏଥିରୁ ଓଡ଼ିଆ ସାହିତ୍ୟର ଏକ ବଡ଼ ଉପଲବ୍ଧି ବାହାରି ଆସିଲା - ଯାହା ଓଡ଼ିଆ ଭାଷା ଓ ସାହିତ୍ୟର ଏକ ସଂପନ୍ନ ଭବିଷ୍ୟତକୁ ଦର୍ଶାଉଥିଲା ।

ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠେ । ଅନେକ ଚିନ୍ତାଶୀଳ ବ୍ୟକ୍ତି ଏଥିପାଇଁ ନକାରାତ୍ମକ ଆଭିମୁଖ୍ୟ ପୋଷଣ କରନ୍ତି । ଇଂରାଜୀ ଶିକ୍ଷାର ବହୁଳତା ଭିତରେ ଓଡ଼ିଆ ଭାଷା ତା'ର ଗାମ୍ଭୀର୍ଯ୍ୟ ହରାଉଥିବାର ଅଭିଯୋଗ ବି ଉଠେ । ଏପରି ଅଭିଯୋଗ ଅହେତୁକ ନହେଲେ ମଧ୍ୟ, ଏପରି ବିଚାର ନିରପେକ୍ଷ ନୁହେଁ । ଏହାକୁ ଏକପାଖିଆ ଭାବରେ ମନମୁଖୀ ତର୍ଜମାକରି କୌଣସି ସିଦ୍ଧାନ୍ତ ପରିବେଷଣ କରିବା ଅର୍ଥ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ସାବ୍ୟସ୍ତ ହେବ । କାରଣ, ଏକ ମର୍ଯ୍ୟାଦାବନ୍ତ, ସୁସଂହତ ଭାଷାର ସ୍ଥାନ ଅନ୍ୟ କେହି ଆବୋରି ବସିବା ଏତେ ସହଜ ନୁହେଁ ।

ସମୟ ଥିଲା, ଅତୀତରେ ଓଡ଼ିଆ ଭାଷା ଏହିଭଳି ସଙ୍କଟରେ ଉପନୀତ ହୋଇଥିଲା । ଏ ଭାଷା ଲୋପ ପାଇଯିବ କିମ୍ବା ଏହା ବଙ୍ଗଳା ଭାଷା ସହିତ ମିଶିଯିବାର ଘୋରତର ଚକ୍ରାନ୍ତ ଭିତରେ ଆକ୍ରାନ୍ତ ହୋଇଥିଲା । ଓଡ଼ିଆ ଭାଷା ଗୋଟିଏ ସ୍ୱତନ୍ତ୍ର ଭାଷା ନୁହେଁ ବରଂ ବଙ୍ଗଭାଷାର ଉପଭାଷା ଏକଥାକୁ କିଛି କୁଚକ୍ରୀ ଗୋଷ୍ଠୀ ସାବ୍ୟସ୍ତ କରିବାକୁ ତତ୍ପର ହୋଇଉଠିଲେ । ଏଥିପାଇଁ ବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକ ଆକାରରେ ବଙ୍ଗଳା ଭାଷାର ପାଠ୍ୟ ଯୋଗାଇ ଦିଆଗଲା । ଅବଶ୍ୟ ଏଥିପାଇଁ ସେମାନଙ୍କୁ ଯାହା ଅଧିକ ପ୍ରୋତ୍ସାହିତ କଲା, ତାହା ଥିଲା, ଓଡ଼ିଆ ଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ । ଏଭଳି ଅଭାବକୁ ବଙ୍ଗାଳୀମାନେ ସୁଯୋଗ ଭାବି ନିଜ ଭାଷାକୁ ଓଡ଼ିଆ ବିଦ୍ୟାଳୟମାନଙ୍କରେ ପ୍ରୟୋଗ କରିବାକୁ ଉତ୍ସାହିତ ହୋଇଥିଲେ ।

ମାତ୍ର, ସେମାନଙ୍କର ଏଭଳି ଉଦ୍ୟମ ଅଧିକ ଦିନ କାର୍ଯ୍ୟକାରୀ ହୋଇପାରିଲାନି । ଓଡ଼ିଆ ପାଠ୍ୟପୁସ୍ତକର ସ୍ଥାନ ପୂରଣପାଇଁ ଭକ୍ତକବି ମଧୁସୂଦନ ରାଓ 'ବର୍ଣ୍ଣବୋଧ' ଭଳି ଅନ୍ୟାଅନେକ ପୁସ୍ତକ ରଚନାକଲେ ଓ ତା'କୁ ବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକ ଆକାରରେ ପ୍ରଣୟନ କରିବାରେ ସକ୍ଷମହେଲେ । ତାଙ୍କ ସହ କବିବର ରାଧାନାଥ ରାୟ ଓ ବ୍ୟାସକବି ଫକୀର ମୋହନ ସେନାପତି ଯୋଗଦେଇ ଓଡ଼ିଆ ସାହିତ୍ୟର ମାନରକ୍ଷା କଲେ ।

ସୁତରାଂ, ଦୀର୍ଘ ତିନିହଜାର ବର୍ଷ ତଳର ଏ ପ୍ରାଚୀନ ଭାଷା, ସଂପ୍ରତି ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିବା ଏ ଅମୂଲ୍ୟ ଭାଷା, କେବେ ବି ମରି ପାରିବନି କି କେହି ଏହାକୁ ମାରିପାରିବେନି, ଏ ଉପଲବ୍ଧି ସେଦିନ "ଆମରି ସତ୍ୟ"ର ସାହିତ୍ୟ ଆସରରୁ ମିଳିଥିଲା । ଏହିଭଳି ସାହିତ୍ୟ ଆସର, ଆଲୋଚନା ଚକ୍ର ଏବଂ ପଢ଼ିବା ଓ ପଢ଼େଇବାର ଆଗ୍ରହ ସୃଷ୍ଟିକରିବାକୁ ଉଦ୍ୟମକରିବା, ଏ ଭାଷାକୁ ଆହୁରି ସଜୀବ ଓ ସମୃଦ୍ଧ କରିବ ଏଥିରେ ସନ୍ଦେହ ନାହିଁ ।

ଭବିଷ୍ୟତରେ "ଆମରି ସତ୍ୟ" ଏହିଭଳି ଆଲୋଚନା ଚକ୍ର ଓ ସାହିତ୍ୟ ସମ୍ମିଳନୀ କରି ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ବିଧାନ କରିବାକୁ ପ୍ରତିଶ୍ରୁତିବଦ୍ଧ । ସେଥିପାଇଁ ଏହାର ପାଠକ ଓ ଗୁଣଗ୍ରାହୀ ମୁଗ୍ଧ ସାହିତ୍ୟିକମାନେ ସେମାନଙ୍କର ଅକୁଣ୍ଠ ସହଯୋଗ ଯୋଗାଇଦେଲେ, "ଆମରି ସତ୍ୟ"ର ଏ ଆଶା ପୂରଣ ହୋଇପାରିବ । ତେଣୁ ଏ ଅବସରରେ ମୁଁ ସେମାନଙ୍କଠାରୁ ଆଶୀର୍ବାଦ କାମନା କରିବା ସହିତ ସେମାନଙ୍କର ମଙ୍ଗଳକାମନା କରୁଛି ।


ଜୟ ଜଗନ୍ନାଥ !

**ଡ ପ୍ରସନ୍ନ କୁମାର ଜେନା**



ଗୁଣ ଯାହା ପାଖରେ ଅଛି, ତାକୁ ବା ଆଦର କିଏ ନ କରିବ । - ରାଜେନ୍ଦ୍ର ପାସାଦ

# ହିତ ବାଣୀ



## ଗୀତା

ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମ ବ୍ୟକ୍ତଂ ପର୍ଯ୍ୟୁପାସତେ ।
ସର୍ବତ୍ରଗମଚିନ୍ତ୍ୟଂ ଚ କୂଟସ୍ଥମଚଳଂ ଧ୍ରୁବମ୍।।
ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ।
ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ।।

ପରନ୍ତୁ ଯେଉଁ ପୁରୁଷମାନେ ଇନ୍ଦ୍ରିୟସମୁଦାୟକୁ ଭଲରୂପେ ବଶ କରି ମନ-ବୁଦ୍ଧିର ଅତୀତ, ସର୍ବବ୍ୟାପୀ, ଅନିର୍ବଚନୀୟ ସ୍ୱରୂପ ଓ ସଦା ଏକରସ ହୋଇ ରହୁଥିବା ନିତ୍ୟ, ଅଚଳ, ନିରାକାର, ଅବିନାଶୀ, ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କୁ ନିରନ୍ତର ଏକୀଭାବରେ ଧ୍ୟାନରତ ହୋଇ ଭଜନ୍ତି, ସମସ୍ତ ପ୍ରାଣୀଙ୍କ ହିତରେ ରତ ଓ ସମସ୍ତଙ୍କଠାରେ ସମାନ ଭାବ ରଖୁଥିବା ସେହି ଯୋଗୀମାନେ ମୋତେ ହିଁ ପ୍ରାପ୍ତ ହୁଅନ୍ତି।

## ଭାଗବତ ବାଣୀ

ଧନ୍ୟ ଜୀବନ ଏ ଜଗତେ। ଯେ ପ୍ରାଣୀ ଧରେ ପରହିତେ।।
ଧନ୍ୟ ଜୀବନ ଧନ୍ୟ ତାର। ଦୁର୍ଲଭ କର୍ମ ଏ ବେଭାର।।

## କୁହତ ଦେଖି

ଚିଲ ଶାଗୁଣା ଏକତ୍ର ବାସ
ଡିମ୍ବ ଫୁଟାଇଲେ ଶହେ ପଚାଶ।

ଉତ୍ତର- ଗୁଆ

## ପ୍ରବାଦ

କଥା ନାଶ ଯାଏ ବାଟରେ
ସୁତା ନାଶ ଯାଏ ହାଟରେ
ସ୍ତ୍ରୀ ନାଶ ଯାଏ ଯାତରେ
ପାଣି ନାଶ ଯାଏ ଫାଟରେ

କଥା, ସୁତା, ସ୍ତ୍ରୀ ଓ ପାଣି ବାଟ, ହାଟ, ଯାତ୍ରା ଓ ଫାଟରେ ନଷ୍ଟ ହୋଇଥାଆନ୍ତି।

## ଚାଣକ୍ୟ ନୀତି

ବିଦ୍ୱାନ୍‌ପୁତ୍ର କୁଳକୁ ଉଜ୍ଜ୍ୱଳ କରିଥାଏ -
ଏକେନାପି ସୁପୁତ୍ରେଣ ବିଦ୍ୟାଯୁକ୍ତେନ ସାଧୁନା ।
ଆହ୍ଲାଦିତଂ କୁଳଂ ସର୍ବଂ ଯଥା ଚନ୍ଦ୍ରେଣ ଶର୍ବରୀ ।।

ଗୋଟିଏ ବିଦ୍ୱାନ ଏବଂ ସଜ୍ଜନ ପୁତ୍ର କୁଳକୁ ଉଦ୍ଧାର କରିଥାଏ ଏବଂ ସୁଖ ଦେଇଥାଏ, ଯେପରି ଗୋଟିଏ ଚନ୍ଦ୍ରମାଦ୍ୱାରା ରାତ୍ରିର ଉଜ୍ଜ୍ୱଳତା ପ୍ରକାଶିତ ହୋଇ ସୁଖଦାୟିନୀ ହୋଇଥାଏ।

## ଅମର ଲେଖନୀରୁ

ବଦରିକା ବନେ ନିତ୍ୟ ନିବାସ,
କରି ଆଚରି ବ୍ରତ ଉପବାସ,
ପ୍ରଯତ୍ନ କଲେ ହେଁ ନାନା ପ୍ରକାର
ଖଦ୍ୟୋତ ହୋଇବ କି ପ୍ରଭାକର ?

(କବିସୂର୍ଯ୍ୟ ବଳଦେବ ରଥ)

## ରୁଢ଼ି ପ୍ରୟୋଗ

| | |
|---|---|
| ଅରଣ୍ୟ ରୋଦନ | - ନିଷ୍ଫଳ ନିବେଦନ |
| ଅଲଗା କଥା | - ମୂଲ୍ୟହୀନ କଥା |
| ଅତିରୁ ଇତି | - ଅତି ମାତ୍ରାର ପରିଣତି ଖରାପ |



ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ କରିବାର କୌଣସି ଅର୍ଥ ନାହିଁ।- ବର୍ଣ୍ଣାଡ ଶ




# ନୋବେଲ ପୁରସ୍କାର ୨୦୨୨



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

## ସାହିତ୍ୟ

ପ୍ରସିଦ୍ଧ ଫ୍ରାନ୍ସ ଲେଖିକା ଆନି ଏର୍ନକ୍ସଙ୍କୁ ତାଙ୍କ ବହି "Courage and Clinical Acuity" ପାଇଁ ସାହିତ୍ୟ କ୍ଷେତ୍ରରେ ୨୦୨୨ ବର୍ଷ ପାଇଁ ସାହିତ୍ୟରେ ନୋବେଲ ପୁରସ୍କାର ଦିଆଯିବ। ଆନ୍ନିଙ୍କ ଏହି ବହିରେ ବ୍ୟକ୍ତିଗତ ସ୍ମୃତିର ମୂଳ, ପ୍ରଣାଳୀ ଓ ସାମୂହିକ ପ୍ରତିବନ୍ଧକକୁ ଉଜାଗର କରାଯାଇଛି।

ବିଶ୍ୱର ବିଭିନ୍ନ ଭାଷାରେ ତାଙ୍କର ଅଗଣିତ ଲେଖା ଅନୁଦିତ ହୋଇଛି। ଶ୍ରେଣୀ ଓ ଲିଙ୍ଗଗତ ଭାବନାକୁ ନିଜର ଉପନ୍ୟାସରେ ସ୍ଥାନୀତ କରି ସାହିତ୍ୟ ଜଗତରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ଶାନ୍ତି

୨୦୨୨ ବର୍ଷ ପାଇଁ ବେଲାଋଷ ମାନବାଧିକାର ଅଧିବକ୍ତା ଏଲେସ୍ ବିୟାଲିୟାସ୍କିଙ୍କୁ ତାଙ୍କ ଜୀବନକୁ ଦେଶର ଗଣତନ୍ତ୍ର ଓ ଶାନ୍ତିପୂର୍ଣ୍ଣ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ଉତ୍ସର୍ଗ କରିଥିବା ପାଇଁ ନୋବେଲ ଶାନ୍ତି ପୁରସ୍କାର ଦିଆଯିବ।

ଏହା ସହିତ ପୂର୍ବତନ ସୋଭିଏତ ସଂଘର ମାନବାଧିକାର କାର୍ଯ୍ୟକର୍ତ୍ତାମାନେ ସ୍ଥାପନା କରିଥିବା 'ଋଷିଆ ମାନବାଧିକାର ସଙ୍ଗଠନ ମୋମୋରିଆଲ'କୁ କମ୍ୟୁନିଷ୍ଟ ଶାସନରେ ଉତ୍ପୀଡ଼ନର ଶିକାର ଲୋକଙ୍କ ସ୍ମୃତି ଉଦ୍ଦ୍ୟେଶରେ ନିଜ କର୍ତ୍ତବ୍ୟ ପାଳନ କରିବା ପାଇଁ ଏବଂ ୟୁକ୍ରେନ ମାନବାଧିକାର ସଙ୍ଗଠନ 'ସେଣ୍ଟର ଫର ସିଭିଲ ଲିବର୍ଟିଜ'କୁ ୟୁକ୍ରେନରେ ମାନବାଧିକାର ଓ ଗଣତନ୍ତ୍ରକୁ ମଜଭୁତ କରିବା ଉଦ୍ଦେଶ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମଧ୍ୟ ନୋବେଲ ଶାନ୍ତି ପୁରସ୍କାର ଦିଆଯିବ।

## ଅର୍ଥନୀତି

୩ ଆମେରିକୀୟ ଅର୍ଥନୀତିଜ୍ଞ ବେନ୍ ଏସ୍ ବର୍ଣ୍ଣାନକେ, ସିକାଗୋ ୟୁନିଭର୍ସିଟି ଅଧ୍ୟାପକ ଡଗଲସ ଡବ୍ଲୁ ଡାଇମଣ୍ଡ ଏବଂ ଫିଲିପ୍ ଏଚ୍ ଡାଇଭିଙ୍ଗ୍ ବ୍ୟାଙ୍କ ଓ ଆର୍ଥିକ ସଂକଟ ବିଷୟରେ ଗବେଷଣା ପାଇଁ ନୋବେଲ୍ ପୁରସ୍କାର ୨୦୨୨ ଦିଆଯିବ। ମନୋନିତ ଅର୍ଥନୀତିଜ୍ଞମାନେ ଅର୍ଥନୀତିରେ ବ୍ୟାଙ୍କର ଭୂମିକା ବିଶେଷକରି ଆର୍ଥିକ ସଂକଟରେ ବ୍ୟାଙ୍କର ଭୂମିକାକୁ ଲୋକଙ୍କୁ ଭଲଭାବରେ ବୁଝାଇଛନ୍ତି। ତା' ଛଡ଼ା ବ୍ୟାଙ୍କିଂ ସଂକଟରୁ ରକ୍ଷା ପାଇଁ ଅର୍ଥନୀତି କାହିଁକି ମହତ୍ତ୍ୱପୂର୍ଣ୍ଣ ଏହା ମଧ ତାଙ୍କ ଗବେଷଣାରୁ ଜଣାପଡ଼ିଛି ବୋଲି ନୋବେଲ୍ ପୁରସ୍କାରଦାତା ସଂସ୍ଥା ରୟାଲ ସ୍ୱିଡିସ୍ ଆକାଡେମୀ କହିଛି।

## ମେଡିସିନ୍

ସ୍ୱିଡେନ୍‌ର ସ୍ୱାନ୍ତେ ପାବୋଙ୍କୁ ଫିଜିଓଲଜି ତଥା ମେଡିସିନ୍‌ରେ ମାନବ ବିବର୍ତ୍ତନ ସଂପର୍କିତ ଗବେଷଣା ପାଇଁ ନୋବଲ୍ ପୁରସ୍କାରରେ ସମ୍ମାନୀତ କରାଯାଇଛି। ପାବୋ ପେଲିଓଜେନେଟିକ୍ସର ଅନ୍ୟତମ ପ୍ରତିଷ୍ଠାତା ଅଟନ୍ତି, ସେ ନିଏଣ୍ଡରଥାଲ୍ ଜିନୋମ ଉପରେ ମୁଖ୍ୟ ରୂପେ କାମ କରିଥିଲେ। ସେ ଜର୍ମାନୀର ଲିପିଜିଙ୍ଗରେ ଥିବା 'ମ୍ୟାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟ୍ ଫର ଇଭୋଲ୍ୟୁସନାରୀ ଆନ୍ଥ୍ରୋପୋଲୋଜି'ରେ ମେଞ୍ଜେନେଟିକ୍ସ ବିଭାଗର ନିର୍ଦ୍ଦେଶକ ମଧ ଥିଲେ।

ପୁରସ୍କାର ଘୋଷଣା କରି ନୋବେଲ ପୁରସ୍କାର କମିଟି କହିଛନ୍ତି, "ଅଗ୍ରଗାମୀ ଅନୁସନ୍ଧାନ ମାଧ୍ୟମରେ ସ୍ୱାନ୍ତେ ପାବୋ ଏପରି କିଛି କାର୍ଯ୍ୟ କରିଛନ୍ତି ଯାହା ଅସମ୍ଭବ ମନେହୁଏ। ବର୍ତ୍ତମାନର ମଣିଷର ବିଲୁପ୍ତ ସମ୍ପର୍କୀୟ ନିଏଣ୍ଡରଥାଲଙ୍କ ଜିନୋମକୁ ଆବିଷ୍କାର କରିବା ଏକ ବଡ ସଫଳତା। ଏହାପୂର୍ବରୁ ମଧ ସେ ଅଜଣା ଥିବା ଏକ ହୋମିନିନ୍ (ବିବର୍ତ୍ତନ ଅନୁସାରେ ମାନବର ପୂର୍ବ ରୂପ) ଡେନିସୋଭାର ଆବିଷ୍କାର କରିଥିଲେ।"

## ରସାୟନ ବିଜ୍ଞାନ

୨୦୨୨ ପାଇଁ ଆମେରିକାର କାରୋଲିନ ବର୍ତ୍ତୋଜୀ, ବେରୀ ଶାର୍ପଲେସ୍ ଓ ଡେନମାର୍କର ମୋର୍ଟେନ ମୋଲଡାଲ 'କ୍ଲିକ ରସାୟନ ଏବଂ ବାୟୋର୍ଥୋଗୋନାଲ ରସାୟନର ବିକାଶ' ଉପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରସାୟନ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

୮୧ ବର୍ଷୀୟ ବେରୀ ଶାର୍ପଲେସ ଦ୍ୱିତୀୟଥର ପାଇଁ ଏହି ପୁରସ୍କାର ପାଇଛନ୍ତି। ସେ ୨୦୦୧ ମସିହାରେ ଏହି ପୁରସ୍କାର ପାଇଥିଲେ।

## ପଦାର୍ଥ ବିଜ୍ଞାନ

କ୍ୱାଣ୍ଟମ ଇନ୍‌ଫର୍ମେଶନ ବିଜ୍ଞାନରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୩ ପଦାର୍ଥ ବୈଜ୍ଞାନିକ ଫ୍ରାନ୍ସର ଆଲେନ ଆସ୍‌ପେକ(୭୫), ଆମେରିକାର ଜନ୍ ଏଫ୍ କ୍ଲଜର(୭୯) ଏବଂ ଅଷ୍ଟ୍ରେଲିଆର ଆଣ୍ଟୋନ ଜେଲିଙ୍ଗର(୭୭) ନୋବେଲ ପୁରସ୍କାର ଜିତିଛନ୍ତି।

ହ୍ୱାଟ୍ସ ଆପ୍ ଏବଂ ଅନ୍ୟ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ୟୁଜର୍ସଙ୍କ ମେସେଜକୁ ଗୁପ୍ତ ରଖିବା ନିମନ୍ତେ ଏନକ୍ରପସନ୍ ସୁବିଧା ପାଇଁ କ୍ୱାଣ୍ଟମ ବିଜ୍ଞାନ ବ୍ୟବହାର କରାଯାଏ।



ଘୋର ଦାରିଦ୍ର୍ୟ ଓ ଅମାପ ସମ୍ପତ୍ତି ଉଭୟ ବିବେକର ଶତ୍ରୁ। - ଫିଲଡ଼ି

# କରୁଣା ଓ ସମ୍ବେଦନା



ତୁଳସୀ ଜୈନ

ସ୍ୱାର୍ଥ, ପରାର୍ଥ, ସର୍ବାର୍ଥ, ପରମାର୍ଥ ଓ ନିଃସ୍ୱାର୍ଥ ଆଦି ସମସ୍ତେ କେବଳ ଗୋଟିଏ ଶବ୍ଦର ପରିକ୍ରମା କରିଥାନ୍ତି ଏବଂ ତାହା ହେଉଛି 'ଅର୍ଥ' । ସୀମା ଓ ସାମର୍ଥ୍ୟ ଅନୁସାରେ ଯାହା କିଛି ଭିନ୍ନତା ରହିଛି । ଜନ୍ମ ଓ ମୃତ୍ୟୁର ଅନ୍ତରୀଣ କାଳଖଣ୍ଡ ହିଁ ଜୀବନ । ଅନନ୍ତଜନ୍ମର ତପସ୍ୟାର ଫଳ ସ୍ୱରୂପ ଏହି ଦେବଦୁର୍ଲଭ ମନୁଷ୍ୟ ଶରୀର ପ୍ରାପ୍ତ ହୋଇଥାଏ ଜୀବକୁ । ସୁରଲୋକରେ ରହିଥାଏ କେବଳ ଭୋଗ ଓ ରାଗର ପ୍ରାଚୁର୍ଯ୍ୟ । ଅଧ୍ୟାତ୍ମର ସମ୍ୟକ୍ ଆରାଧନା ତଥା ପରପୀଡ଼ା ହରଣ ସକାଶେ ପ୍ରଚେଷ୍ଟା କେବଳ ମଣିଷଲୋକରେ ସମ୍ଭବପର । ମନରେ କରୁଣା, ହୃଦୟରେ ସମ୍ବେଦନା ଓ ଆଚରଣରେ ସେବା ଓ ସହଯାଗ ହେଉଛି ଇହଲୋକର ଈର୍ଷଣୀୟ ବିଭୂତି । ସୁଖ-ସମୃଦ୍ଧି, ଭୋଗ-ବିଳାସର ଆହରଣ ମଣିଷ ଜାତିର ସ୍ୱାଭାବିକ ଅଭିଳାଷ,ଏଥିରେ କିମ୍ ଆଶ୍ଚର୍ଯ୍ୟମ୍ । ତେବେ ଅଳ୍ପ କିଛିଲୋକ ଜୀବନର ସକଳ ବ୍ୟାପ୍ତି ଓ ବିସ୍ତୃତି ମଧ୍ୟରେ ବ୍ୟକ୍ତିଗତ ଭୋଗବଳୟରୁ ବାହାରିଆସି ପୀଡ଼ିତ ମାନବର ସେବାକୁ ଜୀବନର ମନ୍ତ୍ର କରିନିଅନ୍ତି ।

କରୋନା ମହାମାରୀର ବିକଟ କ୍ଷଣରେ ଗତ ଦୁଇବର୍ଷ ମଧ୍ୟରେ ବ୍ୟକ୍ତିଗତସ୍ତରରେ ସେବାର ଅପ୍ରତିମ ଉଦାହରଣ ଦେଖିବାକୁ ମିଳିଥିଲା । ସଂସ୍ଥା ଓ ସଂଗଠନଗୁଡ଼ିକ ବି ଏ ଦିଗରେ ଆଗଭର ହୋଇ ନିଜ ଉତ୍କର୍ଷ ପ୍ରମାଣିତ କରିଥିଲେ । ହଜାର ହଜାର migrantsଙ୍କୁ food packets, water bottles, medicines ଆଦି ଉପଲବ୍ଧ କରୁଥାନ୍ତି । ପରିବାର ଲୋକେ ନିଜ ଆତ୍ମୀୟଜନଙ୍କ ଶବ ଛୁଇଁବାକୁ ଯେତେବେଳେ avoid କରୁଥିଲେ, ସେତେବେଳେ ଏହି ଦିବ୍ୟଆତ୍ମାମାନେ ନିଜ ସୁରକ୍ଷା ଚିନ୍ତା ଛାଡ଼ି ସେହି ଶବଗୁଡ଼ିକର ଅନ୍ତିମ ସଂସ୍କାର କରୁଥାନ୍ତି । ଏମାନଙ୍କ ନିଃସ୍ୱାର୍ଥ ସେବା କୌଣସି ଭଗବତ୍ ଉପାସନାଠାରୁ କୌଣସି ଗୁଣରେ କମ୍ ନୁହେଁ । ରାଜା ରନ୍ତିଦେବଙ୍କ ଭକ୍ତି ମନେପଡ଼େ –

**ନ ତ୍ୱହଂ କାମୟେ ରାଜ୍ୟଂ ନ ସ୍ୱର୍ଗଂ ନାପୁନର୍ଭବମ୍ ।**
**କାମୟେ ଦୁଃଖତପ୍ତାନାଂ ପ୍ରାଣିନାମାର୍ତ୍ତିନାଶନମ୍ ॥**

ମୁଁ ରାଜସୁଖ, ସ୍ୱର୍ଗ ବା ପୁନର୍ଭବର କାମନା କରୁନି । କେବଳ ଦୁଃଖତପ୍ତ ଲୋକଙ୍କ ବେଦନା ବିନାଶର କାମନା କରୁଛି । ସେବା ହେଉଛି ସାର୍ଥକ ବଶୀକରଣ ମନ୍ତ୍ର । ସଂସାରର ଏକ ବିଲକ୍ଷଣ ବିଭବ । ଆମେ ମନ୍ଦିରରେ ପୂଜା ଉପାସନା କରିବାରେ ଦୀର୍ଘ ସମୟ ବ୍ୟତୀତ କରିଥାଉଁ । କିଏ ଭଲା ଆପତ୍ତି କରିବ ? କିନ୍ତୁ ପରିବାର, ସମାଜ କିମ୍ବା ମାନବତାକୁ ଯେତେବେଳେ ଆମେ ଲୋଡ଼ା ହୋଇଥାଉଁ, ସେତେବେଳେ ଆମେ ଭିନ୍ନ ଏକ ରାଇଜରେ ବିଚରଣ କରୁଥିବା ଦେଖାଯାଏ । ସେବାର୍ଥୀ ସେବା ପାଇବାରୁ ବଂଚିତ । କ'ଣ ପ୍ରଭୁ ପ୍ରୀତ ହେବେ ? ଆମେ ନିଜ ଜନ୍ମଦାତ୍ରୀ ମା'ର ସେବା ଶୁଶ୍ରୂଷା ନ କରି ସୁଦୂର ବୈଷ୍ଣୋଦେବୀ ଚାଲିଚାଲି ଯାଇଥାଉଁ, କ'ଣ ଜଗଜ୍ଜନନୀ ରାଜି ହେବେ ? ରୁଗ୍ଣ ଅସହାୟ ବାପାଙ୍କ କ୍ରୂର ଅବହେଳା କରି ଜଳ ଚଢ଼ାଇବା ପାଇଁ ବାବାଧାମ ଯାତ୍ରା ଖାଲିପାଦରେ କରିଥାଉଁ ଶ୍ରାବଣ ମାସରେ । କିନ୍ତୁ ଘରେ ରହି ନିଜ ପିତାଙ୍କ ସେବା ଅମ୍ଳାନ ଭାବରେ କରିଥିଲେ ବୋଧହୁଏ ଆଶୁତୋଷ ଶୀଘ୍ର ବରଦାନ କରିଥାନ୍ତେ । ପାରିବାରିକ ସଂଗଠନର ସଶକ୍ତିକରଣ ପାଇଁ ସାମୂହାୟିକ ଚେତନାର ବିକାଶ ଜରୁରି । ପରସ୍ପରର ଇଚ୍ଛା, ରୁଚି, ବିଚାର ଓ ଭାବକୁ ବୁଝିବାର ଆନ୍ତରିକ ପ୍ରଚେଷ୍ଟା କରାଯିବା ଦ୍ୱାରା ଅନାବଶ୍ୟକ ସଂଘର୍ଷକୁ ଟାଳି ଦିଆଯାଇପାରନ୍ତା । କେବଳ ନିଜ ଚିନ୍ତା ଓ ନିଜ ଲୋକମାନଙ୍କର ହିତଚିନ୍ତାରେ ମଗ୍ନ ନ ରହି ପରିବାର ଓ ସମାଜର ଚିନ୍ତା କରାଗଲେ ଅବଶ୍ୟ ଚମତ୍କାର ଘଟିବ ।

**ପରହିତ ସରିସ ଧରମ ନହିଁ ଭାଇ,**
**ପରପୀଡ଼ା ସମ ନହିଁ ଅଧମାଇ ।**

ଗାଁରେ ହଜାରେ ଲୋକ ବାସ କରୁଛନ୍ତି । ସେମାନଙ୍କ ମଧ୍ୟରେ ସୁସଂପର୍କ ଓ ସହଯୋଗ ଯଦି ନାହିଁ ତେବେ ସେମାନଙ୍କ ସଂଖ୍ୟା କେବଳ ୧୦୦୦ ମଧ୍ୟରେ ହିଁ ପରିମିତ ହୋଇ ରହିଯିବ । ଏକ ବୃହତ୍ତର ସମାଜରେ ପରିଣତ ହୋଇପାରନ୍ତି ନାହିଁ । ଅଥଚ ସେବା, ସମର୍ପଣ ଓ ସଂବେଦନା ଭାବରେ ବନ୍ଧା ମାତ୍ର ୫/୧୦ ଜଣ ଲୋକ ବି ଏକ ସୁନ୍ଦର ସମାଜର ଗଠନ କରିଦେଇ ପାରନ୍ତି । ଧନ, ବୈଭବ ଏବଂ ସମ୍ପନ୍ନତାର ପ୍ରଦର୍ଶନ ସାମନାବାଲା ମନରେ ଈର୍ଷା ଓ ଅସହିଷ୍ଣୁତା ଉତ୍ପନ୍ନ କରିଥାଏ । ଉଚ୍ଚନୀଚର ଭେଦଭାବ ସୃଷ୍ଟିହୁଏ । ହେଭ୍ସ୍ ଓ ହେଭସ ନଟ୍ ବିବାଦ ଜାତ ହୁଏ । ସମାଜରେ ନୈସର୍ଗିକ କରୁଣା ହ୍ରାସପାଏ । ଶୋଷଣଜନ୍ୟ ଗୋଟିଏ ଟଙ୍କାର ଆଗମନ ବି ପରିବାରକୁ ଅନେକ ଦୁଃଖ ଓ ଦୁର୍ଦ୍ଦଶା ମଧ୍ୟକୁ ଟାଣିନିଏ – ଏହା ଆମ ପୂର୍ବଜମାନେ ଆମକୁ କହିଯାଇଛନ୍ତି । ତେବେ ଶୋଷଣ କାହାକୁ କହିବା ? ନିରୋଳାରେ ବସି ଆପଣା ହୃଦୟରେ ହାତ ଥାପିଲେ, ଆମେ ସ୍ପଷ୍ଟ ଜାଣିପାରିବା ଯେ – ଆମ କର୍ମ କେତେ



ଘୋର ସଂକଟ ସମୟରେ ସାହସ ଠାରୁ ବଳି ବଡ଼ ସହାୟକ ବନ୍ଧୁ ଆଉ କେହି ନାହିଁ । – ଚକ୍ରପାଣି

ନିଷ୍ପାପ ? ଅନ୍ୟର ଜୀବିକା ଅପହରଣ କରି କିମ୍ବା ତାକୁ ଦାଣ୍ଡର ଭିକାରି କରିବାର କ୍ରୂର ଅଭିଳାଷ ହିଁ ମଣିଷର ମନ୍ଦଭାଗ୍ୟର ରଚନା କରିଥାଏ । ତେଣୁ ଏପରି କର୍ମଠାରୁ ନିରାପଦ ଦୂରତ୍ୱ ବଜାୟ ରଖି ଅନ୍ତଃକରଣକୁ କରୁଣା ରସରେ ଆପ୍ଲାବିତ କରିପାରିଲେ ଆମ ଜୀବନ ସାର୍ଥକ ହେବ ।

ସତ୍ୟ ଘଟଣାଟିଏ – ଶ୍ରୀମଦ୍ ରାଜଚନ୍ଦ୍ର ଥିଲେ ଜଣେ ଉଚ୍ଚକୋଟୀର ସାଧକ । ତାଙ୍କୁ ମହାତ୍ମାଗାନ୍ଧୀ ବି ନିଜ ଆଦର୍ଶ ମଣୁଥିଲେ । ସେ ହୀରା ଜହରତ୍‌ର ବ୍ୟବସାୟ କରୁଥାନ୍ତି ।

ଥରେ ଗୋଟିଏ ବଡ଼ ସଉଦା କଲେ । ପରେ ପରେ ରତ୍ନପଥରରେ ଆକାଶଛୁଆଁ ଦରବୃଦ୍ଧି ଘଟିଲା । ସୌଦା କରିଥିବା ଲୋକର ସେତେବେଳକୁ ପଚାଶ ହଜାର ଟଙ୍କାର ଭାରି କ୍ଷତି ହେବାର ଥାଏ । ଆଜି ପଚାଶହଜାର ଟଙ୍କାର ବିଶେଷ ମୂଲ୍ୟ ନଥାଇ ପାରେ । କିନ୍ତୁ ୧୦୦/୧୫୦ ବର୍ଷପୂର୍ବେ ଏହା ଖୁବ୍ ବଡ଼ ରକମ ଥିଲା । ଲୋକଟା କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥାଏ ।

ଶ୍ରୀମଦ୍ ରାଜଚନ୍ଦ୍ର ଲୋକଟିକୁ ଡକାଇ ପଠାଇଲେ । ସେ ଡରିମରି ଆସିଲା । ରାଜଚନ୍ଦ୍ର କହିଲେ – 'କୁହ ଭାଇ ! କେମିତି ଅଛ ?'

ଲୋକଟି ଉତ୍ତର ଦେଲା, 'ଆପଣ ଚିନ୍ତା କରନ୍ତୁନି ଶ୍ରୀମନ୍ତ ! ମୁଁ ଧୀରେ ଧୀରେ ସବୁ ଶୁଝିଦେବି ।'

'ମୁଁ ଟଙ୍କାର କଥା ଜମା ପଚାରୁନାହିଁ । ତୁମେ ଏବେ କ'ଣ କରୁଛ ? କେମିତି ଚଳୁଛ ?', ରାଜଚନ୍ଦ୍ର କହିଲେ ।

ଲୋକଟି ଆହୁରି ଡରିଯାଇ କହିଲା – 'ଆପଣଙ୍କ ଋଣ ମୋ' ଉପରେ ବାକି ଅଛି । ମୁଁ ନିଶ୍ଚୟ ପରିଶୋଧ କରିବି । ଆପଣ ଦୟାକରି ମୋତେ କିଛି ସମୟ ଦିଅନ୍ତୁ । '

ଶ୍ରୀମଦ୍ ରାଜଚନ୍ଦ୍ର କହିଲେ – 'ଆମ ଦୁହିଁଙ୍କ ମଧ୍ୟରେ ସ୍ୱାକ୍ଷରିତ ଦଲିଲଟି ଆଣିଛ କି ?'

ଲୋକଟି ସମ୍ଭାବ୍ୟ ମୋକଦ୍ଦମା ଆଶଙ୍କା କରି କମ୍ପିବାକୁ ଲାଗିଲା । ଥରହର ହାତରେ ସଉଦା ଦଲିଲ ତାଙ୍କ ହାତକୁ ବଢ଼ାଇଦେଲା ।

ରାଜଚନ୍ଦ୍ର ଦଲିଲଟିକୁ ଫାଡ଼ି ଫୋପାଡ଼ିଦେଇ କହିଲେ ରାଜଚନ୍ଦ୍ର କ୍ଷୀର ପିଇପାରେ, କିନ୍ତୁ ଅନ୍ୟର ରକ୍ତନୁହେଁ । ମୋ ସବୁ ବକେୟା ସୁଧ ସହିତ ମୁଁ ପାଇ ଯାଇଛି । ତୁମେ ବର୍ତ୍ତମାନ ସଂପୂର୍ଣ୍ଣ ଋଣମୁକ୍ତ । ଆଉ ଆଖି ତଳକୁ କରିବା ଦରକାର ନାହିଁ ।'

ଲୋକଟି ଅଶ୍ରୁପ୍ଲୁତ ନୟନରେ ତାଙ୍କ ପାଦରେ ଲୋଟି ପଡ଼ିବାରୁ, ସେ ତାକୁ ମଝିରୁ ଟୋକି ଆଣି ନିଜ ବକ୍ଷଦେଶରେ ଭିଡ଼ି ପକାଇଲେ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜମାନେ ସମ୍ବନ୍ଧ ଓ ସହଯୋଗର ସ୍ମାରକ ମାତ୍ର । ଆଗମବାଣୀ ହେଉଛି – 'ପରସ୍ପରୋପଗ୍ରହୋ ଜୀବାନାମ୍' । ପ୍ରତ୍ୟେକ ଜୀବ ପରସ୍ପର ପ୍ରତି ନିର୍ଭରଶୀଳ । ଆମେ ବ୍ୟକ୍ତିଗତ ସ୍ତରରେ ବି ଜୀବଜଗତ ପ୍ରତି ଉତ୍ତରଦାୟୀ ଅଟୁଁ । କ୍ରିୟାର ଯେପରି ପ୍ରତିକ୍ରିୟା ଥାଏ ଦାନର ବି ନିଶ୍ଚିତ ପ୍ରତିଦାନ ମିଳିଥାଏ । ତେବେ ଆମେ କୌଣସି ପ୍ରତ୍ୟାଶା ନରଖି ଶୁଦ୍ଧ ନିରବଦ୍ୟ କର୍ମ କରିଯିବା ଉଚିତ ।

ଆମେରିକା ଫିଲାଡେଲଫିଆର ଏକ ଭୟାନକ ରାତି । ପ୍ରବଳ ଝଡ଼ ବତାସ ବହୁଛି । ମଧ୍ୟରାତ୍ରିର ଟିକିଏ ପୂର୍ବରୁ ଏକ ପ୍ରୌଢ଼ ଦମ୍ପତ୍ତି ହୋଟେଲରେ ପ୍ରବେଶ କରି ରାତି ବିତାଇବା ପାଇଁ ରୁମ୍ ବୁକ୍ କରିବାକୁ ଚାହିଁଲେ । ସେତେବେଳକୁ ସେମାନେ ବର୍ଷାରେ ପୂରା ଭିଜି ସାରିଥାନ୍ତି । ରିସିପ୍‌ସନ କ୍ଲର୍କ୍ ଜର୍ଜ ୱ୍ଲେଟ୍ ଦୁଃଖର ସହିତ ରୁମ୍ ଆଲଟ୍ କରିବାରେ ଅସମର୍ଥତା ପ୍ରକାଶ କଲେ । ସିଟିରେ ସେହି ଦିନମାନଙ୍କରେ ୩ଟି ଅନ୍ତରାଷ୍ଟ୍ରୀୟ ସମ୍ମେଳନ ଚାଲିଥାଏ । କୌଣସି ହୋଟେଲରେ ବି ରୁମ୍ ଖାଲି ନଥାଏ ।

ଜର୍ଜ୍ ଆକସ୍ମିକ ଭାବରେ ପ୍ରସ୍ତାବ ଦେଲେ - 'ଯଦି ଆପଣଙ୍କୁ ଅସୁବିଧା ନହୁଏ ତେବେ ଆପଣ ମୋ ପର୍ସନାଲ ରୁମରେ ରାତ୍ରୀ ଯାପନ କରିପାରନ୍ତି ।' ବୃଦ୍ଧ ପଚାରିଲେ – 'ତୁମେ କେଉଁଠି ଶୋଇବ ?'

'ମୁଁ ଏହି ଲବିରେ ଯେମିତି ସେମିତି ଶୋଇ ପଡ଼ିବି । ଆପଣ ଚିନ୍ତା କରନ୍ତୁନି । ଆପଣଙ୍କ ଲୁଗା ଓଦା । ଶୀଘ୍ର ଯାଇ ବଦଳି ପକାନ୍ତୁ । ନହେଲେ ଦୁହିଁଙ୍କ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ । ମୁଁ ସଙ୍ଗେସଙ୍ଗେ ଚା' ପଠାଉଛି - ଜର୍ଜ୍ କହିଲେ ।

ଅନନ୍ୟୋ ପାୟ ଦମ୍ପତ୍ତି ଅତ୍ୟନ୍ତ ସଙ୍କୋଚ ସହକାରେ ତାଙ୍କ ରୁମ୍ ବ୍ୟବହାର କରିବାକୁ ବାଧ୍ୟ ହେଲେ ।

ପରଦିନ ସକାଳେ ବାହୁଡ଼ିଲା ବେଳକୁ ବୃଦ୍ଧ ଜଣକ ସେହି କ୍ଲର୍କର ଠିକଣା ଫୋନ୍ ନମ୍ବର ଆଦି ନିଜ ଡାଇରିରେ ଟିପିନେଇ କହିଲେ – 'ତୁମେ ଆମେରିକାର ସବୁଠୁ ବଡ଼ ହୋଟେଲର ମ୍ୟାନେଜର ହେବା ଯୋଗ୍ୟଲୋକ ।'

ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଛି । ଜର୍ଜ୍ ସେହି ଝଡ଼ରାତ୍ରୀର କଥା ପାସୋରି ଦେଇଥାନ୍ତି । ଦିନେ ତାଙ୍କ ଠିକଣାକୁ ନ୍ୟୁୟର୍କ ଆସିବାର ନିମନ୍ତ୍ରଣ ସହ ଏୟାର ଟିକଟ ସଂଲଗ୍ନ ପତ୍ରଟିଏ ଆସି ପହଂଚିଲା । ସେ ପହଂଚିବାରୁ ସେହି ବୃଦ୍ଧ ତାଙ୍କୁ ନ୍ୟୁୟର୍କର ବୃହତ୍ତମ ହୋଟେଲର ସିଇଓ ଚ୍ୟାମ୍ବରକୁ ନେଇ ସିଇଓ ଆସନରେ ବସାଇଲେ ।

ଜର୍ଜ୍ ଆଶ୍ଚର୍ଯ୍ୟ ହୋଇ କହିଲେ – 'ଆପଣ ମୋ ସହିତ କାହିଁକି ଥଟ୍ଟା କରୁଛନ୍ତି ସାର୍ । ବୃଦ୍ଧ କହିଲେ ମୁଁ ତୁମ ସହ କାହିଁକି ଥଟ୍ଟା କରିବି । ଆଜିଠାରୁ



ଘୋର ଦୁଃଖବେଳେ କେହି ଯଦି ମନୁଷ୍ୟକୁ ସାନ୍ତ୍ୱନା ଦେଇପାରିବ ତାହା ହେଉଛି ଭଗବତ ବିଶ୍ୱାସ। -ବେଲୋଜ

ତୁମେ ଏହି ହୋଟେଲର ମୁଖ୍ୟ ପ୍ରାଶାସନିକ ଅଧିକାରୀ (ସିଇଓ) । ତୁମ ମନରେ କରୁଣା ଭରି ରହିଛି । ଅନ୍ୟମାନଙ୍କ କଷ୍ଟ ତାପରେ ତମ ହୃଦୟ ତରଳି ଯାଏ । ବୃଦ୍ଧଜନଙ୍କ ପାଇଁ ତୁମେ ଲଜ୍ ରୁମ୍ ଛାଡ଼ି ଦେଇପାର । ଏପରି ସହଯୋଗ ଓ ସମ୍ବେଦନଭାବରେ ଯା' ମନ ଛଳଛଳ, କେବଳ ସେହି ଲୋକହିଁ ମୋ ହୋଟେଲ 'ଉଆଲଡର୍ଫ ଅଷ୍ଟୋରିୟା'ର ମୁଖ୍ୟ ପ୍ରଶାସକ ହେବା ପାଇଁ ଏକମାତ୍ର ଯୋଗ୍ୟବ୍ୟକ୍ତି । ମୁଁ ଏହି ହୋଟେଲର ମାଲିକ ।'

ମିଳିତ ଜାତିସଂଘର ଅଧିବେଶନମାନଙ୍କରେ ଯୋଗଦେବା ପାଇଁ ଯେତେବେଳେ ନରେନ୍ଦ୍ର ମୋଦୀ, ସି ଜିନ ପିଙ୍ଗ, ମେକରୋନ୍ ଆଦି ରାଷ୍ଟ୍ରମୁଖ୍ୟ ଆପଣା ବିଶାଳ ଡେଲିଗେସନ ସହ ନ୍ୟୁୟର୍କ ଆସିଥାନ୍ତି, ସେମାନେ ଏହି ହୋଟେଲରେ ଅବସ୍ଥାନ କରିଥାନ୍ତି । ଏପରିକି ସ୍ୱୟଂ ଆମେରିକାର ରାଷ୍ଟ୍ରପତି ବରାକ ଓବାମା, ଡୋନାଲ୍ଡ ଟ୍ରମ୍ପ ଆଦି ବି ଏହି ହୋଟେଲ ବ୍ୟବହାର କରୁଥିଲେ । ସତରେ କେତେ ସୁନ୍ଦର ପଂକ୍ତି ଦୁଇଟି –

**ହମ୍‌ନେ ରୋତୀ ହୁଇ ଆଖୋଁକୋ ହଁସାୟା ହେ ସଦା**
**ଇସ୍‌ସେ ବେହତର ଇବାଦତ ତୋ ନହୋଗୀ ହମ୍‌ସେ ॥**

ସହଯୋଗ, ସଂବେଦନା ଓ ସହନଶୀଳତା ହେଉଛି ସଂଯୁକ୍ତ ପରିବାରର ସୁରକ୍ଷା କବଚ, କେବଳ ସମୃଦ୍ଧି ନୁହେଁ । ସହଯୋଗଭାବ ଯଦି ନାହିଁ ଅସମ୍ବେଦନଶୀଳତା ଯଦି ସୁଦୂର ପ୍ରସାରିତ, ତେବେ ବ୍ୟକ୍ତିର ଚେତନା ନିମ୍ନମୁଖୀ ହୁଏ । ସଂକୀର୍ଣ୍ଣତାର ପରିଧି ମଧ୍ୟରେ ତାହା ଚକ୍କର୍ କାଟିଥାଏ । ଏପରି ଏକ ସମୟ ବି ଆସେ ଜୀବନରେ ସେ ଅନର୍ଥ କରିବସେ ।

ଏକ ସତ୍ୟ ଘଟଣାରୁ ଏହା ବୁଝିହେବ । ୧୯୯୩ ମସିହା । ଆଫ୍ରିକାର ସୁଦାନରେ ଭୟଙ୍କର ଦୁର୍ଭିକ୍ଷ ପଡ଼ିଥାଏ । ଚାରିଆଡ଼େ ହା ଅନ୍ନର ବିକଳ ରଡ଼ି ଶୁଭୁଥାଏ । ଚତୁର୍ଦ୍ଦିଗରେ କଙ୍କାଳସାର ମନୁଷ୍ୟମାନଙ୍କର ଭିଡ଼ । ଖାଦ୍ୟଅଭାବରୁ ଭୀଷଣ ଅକାଳମୃତ୍ୟୁର ପରିସ୍ଥିତି ଉପୁଜିଥାଏ ।

ଦକ୍ଷିଣ ଆଫ୍ରିକୀୟ ଫଟୋଗ୍ରାଫର କେବିନ କାର୍ଟର ଗାଆଁ ଗାଆଁ ବୁଲି ଏହି କରୁଣ ଦୃଶ୍ୟଗୁଡ଼ିକର ଚିତ୍ରଉତ୍ତୋଳନ କରୁଥାନ୍ତି । ଅକସ୍ମାତ୍ ଦେଖିଲେ ହାଡ଼କଙ୍କାଳସାର ଶିଶୁଟିଏ ମରିବା ଉପରେ । ତା' ପାଖରେ ଗୋଟିଏ ଶାଗୁଣା ବସିଛି ଓ ଛୁଆର ମୃତ୍ୟୁକୁ ଚାହିଁ ରହିଛି । ଏକ ଚମତ୍କାର ଫଟୋ ଉଠାଇଲେ ।

୨୬ ମାର୍ଚ୍ଚ ୧୯୯୩ ଦିନ ନ୍ୟୁୟର୍କ ଟାଇମ୍‌ସ୍‌ରେ ଫଟୋଟି ପ୍ରକାଶ ପାଇଲା । କେବିନ କାର୍ଟର ରାତାରାତି ପ୍ରସିଦ୍ଧ ହୋଇଗଲେ । ଏହି ଚିତ୍ରଲାଗି ମର୍ଯ୍ୟାଦାବନ୍ତ ପୁଲିତ୍‌ଜର୍ ପୁରସ୍କାର ପାଇବା ପାଇଁ ତାଙ୍କନାମ ଘୋଷିତ ହେଲା ।

ହଠାତ୍ ଦିନେ ଜଣେ ଅଜଣା ଲୋକ ତାଙ୍କୁ ଫୋନ କରି ପଚାରିଲେ – 'ଆପଣ ଯେଉଁ ପିଲାର ଫଟୋ ଉଠାଇଥିଲେ ସେ ପିଲାର କ'ଣ ହେଲା ?

କାର୍ଟର କହିଲେ, 'ମୁଁ ଜାଣିନି । ମୋ ଫ୍ଲାଇଟ୍ ସମୟ ହୋଇଯାଇଥାଏ । ମୁଁ ଫଟୋ ଉଠାଇ ତୁରନ୍ତ ସେଠାରୁ ଏୟାରପୋର୍ଟ ଅଭିମୁଖେ ବାହାରି ପଡ଼ିଥିଲି ।'

ଅଜଣା ଲୋକର ଦ୍ୱିତୀୟ ପ୍ରଶ୍ନ ଥିଲା – ସେଦିନ କେତୋଟି ଭଲଚର୍‌କୁ ଶିଶୁ ଉପରେ ନଜର ଥିବାର ଆପଣ ଦେଖିଥିଲେ ।

କାର୍ଟର ଉତ୍ତର ଦେଲେ – 'କାହିଁ ଗୋଟିଏ ପକ୍ଷୀ ବସିଥିଲା ତ !'

ସେପଟରୁ ନାଟକୀୟ ସ୍ୱର ଶୁଭିଲା – 'ଭୁଲ । ଗୋଟିଏ ନୁହେଁ ଦୁଇଟି ଶାଗୁଣା ସେଠାରେ ଉପସ୍ଥିତ ଥିଲେ । ଦ୍ୱିତୀୟ ଜଣକ ହାତରେ କ୍ୟାମେରା ରହିଥିଲା ।'

ଏହି ମର୍ମଭେଦୀ ବାଣୀରେ ବିଚଳିତ ହୋଇପଡ଼ି କାର୍ଟର ଆତ୍ମହତ୍ୟା କରିଥିଲେ ସେହି ରାତିରେ । ସାମାନ୍ୟ ଟିକିଏ ସଂବେଦନା ଯଦି ରହିଥାନ୍ତା ତେବେ ଶିଶୁଟିକୁ ମୃତ୍ୟୁମୁଖରୁ ସହଜରେ ରକ୍ଷା କରାଯାଇପାରିଥାନ୍ତା ।

**ତୁଷରା, ବଲାଙ୍ଗିର ମୋ - ୭୯୭୮୦ ୮୨୭୬୬**

## ରାସ୍ତା

ବୈଜୟନ୍ତୀ ପଟ୍ଟନାୟକ



ରାସ୍ତା ନେଇଯିବ କଢ଼େଇ
ତମକୁ ତମ ଲକ୍ଷ୍ୟ ପଥରେ-
ରାତି ବିତେଇଲା ପରେ
ଭୁଲିଗଲେ ହେଲା ଖାଲି
ପାନ୍ଥଶାଳାର ଠିକଣା- !
ଥକା ମାରିଥିଲ କେଉଁ ଗଛମୂଳେ
କୋଉ କୂଅମୂଳେ କଳସୀରୁ
ଢ଼ାଳି ଦେଇଥିଲା ଆଞ୍ଜୁଳିରେ କେହି ଜଣେ
ପାଣି ଆଞ୍ଜୁଳାଏ, ଶୋଷ ମାରିବାକୁ -
କାହା ଓଳି, ପିଣ୍ଡାତଳେ ଅଜାଡି ଦେଇଥିଲ
କ୍ଲାନ୍ତଦେହ ପଥ ଚାଲୁ ଚାଲୁ- !
ମନରେ ଥାଉ ସବୁ,
ମୋହରେ ନଥାଉ !
ରାସ୍ତା କେବେ ସରେ ନାହିଁ
ପଦ୍ମ ଘୁଞ୍ଚ ଘୁଞ୍ଚ
ଯାଉଥାଏ – ଦିଗ୍‌ବଳୟ
ଅପହଞ୍ଚ – ପହଞ୍ଚ ପାରିଥିବା
ଲକ୍ଷ୍ୟ, ଲକ୍ଷ୍ୟ ହେଇ ରହେନାହିଁ-
ପାଦତଳେ ରାସ୍ତା ଥାଏ,
ରାସ୍ତା ହିଁ କେବଳ !



ଚିନ୍ତାରେ ମଧ ସଂଯତ ହୁଅ, କାରଣ ତୁମର ଚିନ୍ତା କ'ଣ ସେକଥା ଈଶ୍ୱର ଜାଣନ୍ତି । – ୟଙ୍ଗ୍

# କଥା କୁହ ଓ ବୁଝ ଠିକ୍ ଭାବରେ

ଶ୍ରୀ ଜଗନ୍ନାଥ ନାୟକ

ଦିନେ ବାଟରେ ଯାଉଯାଉ ବହୁଦିନ ପରେ ଜଣେ ବନ୍ଧୁଙ୍କ ସହ ଦେଖା ହୋଇଗଲା। ପଚାରିଲି, 'ତୁମେ ବାହା ହେଲଣି?' ସେ କହିଲେ, 'ହେଇନି ଝିଅ ଦେଖା ଚାଲିଛି।' ପୁଣି ପଚାରିଲି, 'କେତୋଟି ଦେଖିଲଣି? ବିବାହ ସ୍ଥିର ହେଉନି କାହିଁକି?' ସେ ଉତ୍ତର ଦେଲେ, 'ଦଶ ବାରଟି ଝିଅ ଦେଖିଲିଣି। ଗୋଟିଏ ଗୋଟିଏ କାରଣରେ କଟିଯାଉଛି। ଶୁଣ ପ୍ରଥମ ଝିଅ କଥା କହୁଛି।

ଝିଅର ବାପଘରେ ଝିଅ ସଙ୍ଗେ କିଛି ସମୟ କଥା ହେବାପରେ ମୁଁ କହିଲି, 'ତୁମର ରୋଲ ଟେଷ୍ଟ ହେଲା। ଏହାପରେ ମୁଁ ତୁମର ଫିଜିକାଲ ଟେଷ୍ଟ କରିବି ଓ କରାଇବି।' ସେ କହିଲା, 'ଏଥିପାଇଁ ମୋ ପିତାମାତାଙ୍କ ଅନୁମତି ଦରକାର।' ମୁଁ କହିଲି, 'ଠିକ୍ ଅଛି ଅନୁମତି ଆଣ।' ସେ ଯାଇ ମାତାପିତାଙ୍କୁ ଏହା କହିବାରୁ ସେ ଦୁହେଁ ଓ ଝିଅର ଦୁଇଭାଇ ଆସି ମୋ' ଉପରେ ରାଗିଯାଇ କହିଲେ, 'ଅଭଦ୍ର ନିର୍ଲଜ, ଆମ ଝିଅର ଫିଜିକାଲ ଟେଷ୍ଟ କରିବ?' ଏହିଭଳି କହି ମୋତେ ମାରିବାକୁ ବାହାରିଲେ, ମୋ, ପକ୍ଷର ଲୋକେ ଏହାକୁ ପ୍ରତିରୋଧ କଲେ। ସାହିଲୋକେ ଚାଲିଆସି କହିଲେ, 'ଗଣ୍ଡଗୋଳ ବନ୍ଦ କରନ୍ତୁ। ବସନ୍ତୁ ଏହାର ବିଚାର କରିବା।' ସବୁ ବସିବା ପରେ ଝିଅର ବାପାଙ୍କୁ ପଚାରିଲେ, 'ଆପଣ କ'ଣ ଅଭିଯୋଗ କରୁଛନ୍ତି।' ସେ କହିଲେ, 'ଏଇ ପୁଅ କହିଛନ୍ତି ଆମ ଝିଅର ଫିଜିକାଲ ଟେଷ୍ଟ କରିବେ ଓ କରାଇବେ। ଏ କି ଅଭଦ୍ର?' ସାହିଲୋକ ମୋତେ ପଚାରିଲେ, 'ତୁମେ ଏମିତି କାହିଁକି କହିଲ?' ମୁଁ କହିଲି, 'ମୋ' କଥା ଆଦୌ ଅଭଦ୍ରାମି ନୁହେଁ। ସେ ମୋ' କଥା ବୁଝିପାରି ନାହାନ୍ତି। ମୁଁ କିଭଳି ଫିଜିକାଲ ଟେଷ୍ଟ କରିଥାନ୍ତି ଓ କରେଇଥାନ୍ତି କହୁଛି ଶୁଣନ୍ତୁ। ଏହା ସମୟୋପଯୋଗୀ ଆବଶ୍ୟକତା।

ମୁଁ ଚାହୁଁଥିଲି ତାଙ୍କୁ ଚଲେଇବାକୁ ଛୋଟୀ ଲକ୍ଷଣ ଅଛି କି ନାହିଁ? ତାଙ୍କ ହାତରେ ଓ ପାଦରେ ଆଙ୍ଗୁଠି ପାଞ୍ଚ ଲେଖାଏଁ କି ଛ'ଟା ବି ଅଛି? ଦେହରେ କେଉଁଠି (ମୁହଁ, ବେକ, ହାତ, ଗୋଡ) ଦାଗ ବା ଛୋଟ ଆବୁ ଅଛି କି ନାହିଁ। ମୁଁ ଚାହେ ନିଖୁଣ ଦେହ ଗଠନ। ଏ ସବୁ ଫିଜିକାଲ ଟେଷ୍ଟ କି ନାହିଁ? ଆଉ କରେଇଥାନ୍ତି ଜଣେ ଜ୍ୟୋତିଷ ଓ ଜଣେ ଡାକ୍ତର ଦ୍ୱାରା। ଦେହରେ କେତେଗୁଡ଼ିଏ ଲକ୍ଷଣ ଅଛି ଯାହାକୁ ଦେଖି ଜଣେ ଜ୍ୟୋତିଷ କହିପାରିବେ, ସେ ସ୍ୱାମୀ ପାଇଁ ଓ ନିଜ ପାଇଁ କେମିତି କ୍ଷତିକାରକ ଯେମିତି ଅକାଳ ବୈଧବ୍ୟ, ନିର୍ଦ୍ଧନତା, ଲକ୍ଷ୍ମୀଛଡ଼ା ଲକ୍ଷଣ, କଳିହୁଡି, ବଂଶନାଶ, ଅପୁତ୍ରିକ, ମୃତ୍ୟୁ ଲକ୍ଷଣ ଇତ୍ୟାଦି। ସେହିଭଳି ଶୁଭଲକ୍ଷଣ ବି ସ୍ୱାମୀ ପାଇଁ ଲକ୍ଷ୍ମୀ ଭଳିଆ, ପରିବାର ପାଇଁ ମଙ୍ଗଳମୟ, ମୁଖବ୍ୟକ୍ତିର ଉତ୍ସ, ସୁଶୀଳା, ଗୁଣବତୀ ଇତ୍ୟାଦି। ଏସବୁ କେବଳ ଜ୍ୟୋତିଷ କହିପାରିବେ। ଭୁଲ କେଉଁଠି? ଡାକ୍ତର ଦେହସାରା ପରୀକ୍ଷା କରି କହିପାରିବେ ଧଳା ଛଉ ଅଛି କି ନାହିଁ, କ୍ୟାନସରକୋରକୁ ବୃଦ୍ଧି ଅଛି କି ନାହିଁ, କରୋନା ଲକ୍ଷଣ ଅଛି କି ନାହିଁ 'ଅଧରମଧୁ'। ଆଉ ମୁଁ ଯେଉଁ ଝରଣାରେ ଗାଧୋଇବାକୁ ଚାହୁଁଛି, ତାହାକୁ ସେମାନେ ବା ସେ ଝିଅ ବୁଝି ପାରିନାହାନ୍ତି। ସେମାନେ ଭାବିଛନ୍ତି ପାହାଡରୁ ବା ପର୍ବତରୁ ବାହାରିଥିବା ଝରଣା। ମୋର ଉଦ୍ଦେଶ୍ୟ ତା' ନୁହେଁ। ମୋ ଝରଣାର ଅର୍ଥ 'ସୀତ ଝରଣା'। ଏବେ ଭାବନ୍ତୁ ମୋର କ'ଣ ଭୁଲ ଅଛି।" ସେମାନେ କହିଲେ, 'ହଁ ହଁ ତୁମେ କିଛି ଭୁଲ କହିନ। ଏବେ କୁହ ତୁମର ଝିଅ ପସନ୍ଦ ହୋଇଛି ତ? ବାହା ହେବାକୁ ଚାହୁଁଛ?' ମୁଁ କହିଲି, 'ପସନ୍ଦ ହୋଇଛି, ବାହା ହେବାକୁ ଚାହୁଁଥିଲି। ମାତ୍ର ଏଇ ଝିଅର ବାପା, ମାଆ, ଭାଇ ଯଦି ଏମିତି ମୋତେ ବାରମ୍ବାର ଭୁଲ ବୁଝିବେ; କଳି, ଅନର୍ଥ, ମନାନ୍ତର, ବିବାହ ବିଚ୍ଛେଦ ହୋଇପାରେ। ତେଣୁ ମୁଁ ଏଠାରେ ବାହା ହେବିନି?' ଏହା କହି ମୁଁ ଚାଲି ଆସିଥିଲି।

୨ୟ ଝିଅ କଥା ଶୁଣ। ସାକ୍ଷାତ ବାରରେ। ୧୫ମିନିଟ୍ କଥା ହେବାପରେ ଝିଅଟି କହିଲା, ତୁମକୁ ସ୍ୱାମୀ ରୂପେ ପାଇବାକୁ ରାଜି। ତୁମେ ତୁମର ନିଷ୍ପତ୍ତି ଜଣାଅ। ମୁଁ କହିଲି ମୋର କଥା ସରିନି। ମୋତେ ଉତ୍ତର ଦିଅ, ତୁମେ ମୋ ସହିତ ଯେଉଁ ଦାମ୍ପତ୍ୟ ପ୍ରେମ ସ୍ଥାପନା କରିବ ତାହା କିପରି ହେବ। ନଦୀ ସମୁଦ୍ର ପରି, ଚନ୍ଦ୍ର କୁସୁମ ପରି, ସୂର୍ଯ୍ୟ ପଦ୍ମ ପରି କିମ୍ବା ଫୁଲ ଭ୍ରମର ପରି? ଆଉ ଏଇ ଚାରିପ୍ରକାର ସେ କହିଲେ, ଉତ୍ତମ ଅନୁତ୍ତମ କ୍ରମରେ ସଜାଇ ଦିଅ। ସେ କହିଲେ ସିଧା ସଳଖ କହନ୍ତୁ। ଏମିତି ବଙ୍କେଇ ବଙ୍କେଇ କହିଲେ ମୁଁ ବୁଝିପାରୁନି। ଆଉ ଭଲ ଓ ମନ୍ଦ କ୍ରମରେ ମୁଁ ସଜାଇ ପାରିବିନି। ମୁଁ କହିଲି, ଶୁଣ- ନଦୀ ସମୁଦ୍ର ପ୍ରେମ ହେଉଛି ସମ୍ପୂର୍ଣ୍ଣ ସମର୍ପଣ। ବିବାହ ପରେ ସ୍ତ୍ରୀ ପତିବ୍ରତା ସହଧର୍ମିଣୀ ହୁଏ। ସ୍ୱାମୀ କଥା ମାନିଚଳେ। କୌଣସି ଅଭିମାନ ...। ଚନ୍ଦ୍ରକୁସୁମ ପ୍ରେମ ହେଲେ ସ୍ୱାମୀ ଯେତେ ଦୂରକୁ ଗଲେବି, ଯେତେ ଦିନ ବାହାରେ ରହିଲେ ବି ସ୍ତ୍ରୀ କେବେ ବି ଭୁଲି ପାରେ ନା କି କିଛି ବି ଭଲପାଇବା କମାଏନା ବା ଅନ୍ୟ ପୁରୁଷ ଆଡ଼କୁ ମନ ପକାଏ ନା। ସୂର୍ଯ୍ୟ ପଦ୍ମ ପ୍ରେମ ହେଉଛି ସ୍ୱାମୀକୁ ସ୍ତ୍ରୀ ଆତୁର ହୋଇ ଚାହିଁ ରହିଥାଏ, ସ୍ୱାମୀ ବାହାରକୁ ଯାଇଥିଲେ ସେ ନ ଆସିବା ପର୍ଯ୍ୟନ୍ତ ଖାଏ ନାହିଁ କି ମନରେ ଖୁସି ରଖେନା। ମାତ୍ର ଆସିଗଲେ ଅତିଶୟ ଖୁସିହୋଇ ତାଙ୍କର ସେବାଯତ୍ନରେ ଲାଗିଯାଏ। ସ୍ୱାମୀ ପୁଣି ବାହାରକୁ ଗଲେ ସେ ପୁଣି ଶୋଇଯାଏ ଯେପରି ସୂର୍ଯ୍ୟାସ୍ତ ହେଲେ ପଦ୍ମ ବନ୍ଦ ହୋଇଯାଏ ଅର୍ଥାତ ବିରସ ହେଲେ କି ସ୍ୱାମୀ .....ଧୈର୍ଯ୍ୟ ଧରି ରହେ। ଆଉ ଫୁଲ ଭ୍ରମର ପ୍ରେମ ହେଉଛି ଫୁଲଟି ଭ୍ରମରକୁ ପୂର୍ଣ୍ଣ ଭାବରେ ସନ୍ତୁଷ୍ଟ କରିପାରେନା। ତେଣୁ ଭ୍ରମର ଫୁଲକୁ ଫୁଲ ଉଡ଼ିବୁଲେ। ଫୁଲ ଯେପରି ଅନ୍ୟ ଭ୍ରମରକୁ ଚାହୁଥାଏ . ଭ୍ରମର ସେପରି ଅନ୍ୟ ଫୁଲକୁ ଚାହୁଥାଏ। ଏଠାରେ ଦୁହିଁଙ୍କ ଚରିତ୍ର ଠିକ୍ ରହେନା..... ଛଳନା ମୟ ହୋଇଯାଏ। କେହି ସନ୍ତୋଷ ପାଆନ୍ତିନି। (୧) ନଦୀ ସମୁଦ୍ର ପ୍ରେମ (୨) ଚନ୍ଦ୍ର କୁସୁମ ପ୍ରେମ (୩)ସୂର୍ଯ୍ୟ ପଦ୍ମ ପ୍ରେମ (୪)ଫୁଲ ଭ୍ରମର ପ୍ରେମ। ଏସବୁ ଶୁଣି ଝିଅଟି କହିଲା, ମୁଁ ଏଥର ବୁଝିଗଲି। ମୁଁ କହିଲି ବୁଝିଲ ଯେ ତୁମେ ସବୁବେଳେ ମୋ ମନକୁ ମୋ ମନକୁ ବୁଝିପାରିବନି। ତଥାପି ମୁଁ ଚିନ୍ତାକରି ମୋ ନିଷ୍ପତ୍ତି ଜଣାଇବି ଦଶଦିନ ଭିତରେ, ଏହା କହି ଚାଲି ଆସିଲି।

ମୋତେ ବହୁଜଣ କହିଲେ, ଏମିତି ହେଲେ, ତୁମର ଝିଅଦେଖା ସରିବନି। ତୁମେ ଗୋଟିଏ ପୁଅପିଲାକୁ ବାହା ହୋଇଯାଅ। ସମଲିଙ୍ଗ ବିବାହକୁ ସୁପ୍ରିମକୋର୍ଟ ବୈଧ କରିଛି।



ଚୋରି କରିବା ଓ ଚୋରି ମାଲ ରଖିବା ଭଳି ପରନିନ୍ଦା କରିବା ଓ ଶୁଣିବା ଉଭୟ ଦୋଷାବହ। - କ୍ଷୋର ଫଲଡ଼୍

# ଅଦ୍ଭୁତ ଯୁକ୍ତିର ପୁରସ୍କାର



ରମାକାନ୍ତ ମିଶ୍ର

ମହାରାଜ ଭୋଜଙ୍କ ରାଜସଭାରେ ଯେଉଁଦିନଠାରୁ ବାଣୀ ବରପୁତ୍ର କାଳିଦାସ ଯୋଗ ଦେଲେ ସେହିଦିନଠାରୁ ଅନ୍ୟ କବି ପଣ୍ଡିତ ଓ ବିଦୂଷକମାନେ ଜ୍ଞାନ, ବୁଦ୍ଧି ଓ ଚତୁରତାରେ ନିଷ୍ପ୍ରଭ ହୋଇଗଲେ। ଯେପରି ସୂର୍ଯ୍ୟ ଉଦୟରେ ନକ୍ଷତ୍ରମାନେ ଜ୍ୟୋତିହୀନ ପ୍ରତୀତ ହୁଅନ୍ତି ସେ ପରି ଅନ୍ୟମାନଙ୍କର ପାଣ୍ଡିତ୍ୟ ଥାଇ ମଧ୍ୟ ସେମାନେ ହତପ୍ରତିଭ ହୋଇଗଲେ। ସୁତରାଂ ଦିନକୁଦିନ ସେମାନଙ୍କର ଈର୍ଷ୍ୟା କାଳିଦାସଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହେଲା।

ଏକଦା କେତେଜଣ ପଣ୍ଡିତ ମିଶି ଚିନ୍ତାକଲେ ଯେ କାଳିଦାସଙ୍କୁ ରାଜସଭାରେ ସମସ୍ତଙ୍କ ଉପସ୍ଥିତିରେ ଅପମାନିତ କରିବେ। ଏହା ଚିନ୍ତାକରି ସେମାନେ ଯିବା ସମୟରେ ଦେଖିଲେ ନଗର ବାହାରେ ଗୋଟିଏ ବୃକ୍ଷ ମୂଳରେ ଜଣେ ବୃଦ୍ଧବ୍ୟକ୍ତି ବସିଅଛି। ତାଙ୍କ ରୂପଭେକ ଅତିମଳିନ ଓ କଦର୍ଯ୍ୟ ଦେଖାଯାଉଛି। ରୁକ୍ଷ ଜଟିଳ କେଶ, ଧୂଳି ଧୂସରିତ ଦେହ ଓ ଅତିମଳିନ ବସ୍ତ୍ରରୁ ବୃଦ୍ଧଟି ନିହାତି ମୂର୍ଖ ମ୍ଳେଚ୍ଛପରି ପ୍ରତୀୟମାନ ହେଉଛି। "ବିଦ୍ୟା ପ୍ରମାଣଂ ମୁଖଭାଷଣଂ ଚ" ନ୍ୟାୟରେ ବୃଦ୍ଧ ଯେ ଅତିମୂର୍ଖ ବୋଲି ଜାଣିବାରେ ପଣ୍ଡିତମାନଙ୍କର ଅସୁବିଧା ରହିଲା ନାହିଁ। ସେମାନେ ବିଚାର କଲେ ଏହି ମୂର୍ଖକୁ ନେଇ କାଳିଦାସଙ୍କୁ ଅପମାନ ଦେବେ। ତହୁଁ ସେମାନେ ବୃଦ୍ଧକୁ କିଛି ଅର୍ଥ ଦେଇ କହିଲେ "ତୁମେ ଏ ଧନ ରଖ ଏବଂ ଆମେ ଯାହା ବତାଇବୁ ତାହା ହିଁ କହିବ" କ'ଣ କହିବି ବୋଲି ବୃଦ୍ଧଟି ପଚାରିବାରୁ ପଣ୍ଡିତଗଣ କହିଲେ, "ତୁମକୁ ଯିଏ ତୁମର ପରିଚୟ ପଚାରିବ, ତୁମେ କହିବ, ମୁଁ କାଳିଦାସଙ୍କ ଗୁରୁ"। ବୃଦ୍ଧଜଣକ ଖୁସିହୋଇ ଧନ ରଖିଲା। ପଣ୍ଡିତମାନେ ରାଜସଭାକୁ ପଳାଇଲେ।

କିଛିସମୟ ପରେ ସେହି ବାଟଦେଇ ଯେଉଁ ପଥିକମାନେ ଯାନ୍ତି କିଏ କେମିତି ବୃଦ୍ଧକୁ ତା'ର ପରିଚୟ ପଚାରନ୍ତି। ବୃଦ୍ଧ କହେ, "ମୁଁ କାଳିଦାସଙ୍କ ଗୁରୁ", କିନ୍ତୁ ତାହାର ରୂପ ଭେକ ସହିତ କହିବା କଥା ସଙ୍ଗତ ନହେଉଥିବାରୁ ଲୋକେ ଅପସନ୍ଦ କରି ହସିଦେଇ ପଳାଇଯା'ନ୍ତି। କଥାଟି କ୍ରମଶଃ ରାଜାଙ୍କ କାନକୁ ଗଲା। ରାଜା ଭୋଜ ଏଥିରେ କୌତୁହଳୀ ହୋଇ କିଛିଭୃତ୍ୟ ପଠାଇ ବୃକ୍ଷମୂଳରୁ ବୃଦ୍ଧ ଜଣକୁ ନିଜ ସଭାକୁ ନେଇଗଲେ। ସଭାରେ କାଳିଦାସଙ୍କ ସହିତ ଅନ୍ୟ ପଣ୍ଡିତମାନେ ମଧ୍ୟ ଉପସ୍ଥିତ ଥିଲେ। ରାଜାଭୋଜ ବୃଦ୍ଧଜଣଙ୍କର ରୂପଭେକ ଦେଖି ମନେମନେ ବୁଝିଗଲେ ଯେ ଏହା ପଛରେ କିଛି ରହସ୍ୟ ରହିଛି। ତହୁଁ ସେ ବୃଦ୍ଧକୁ 'ତୁମେ କିଏ ?' ବୋଲି ପଚାରିବାରୁ ସେ କହିଲା ,"ମୁଁ କାଳିଦାସଙ୍କ ଗୁରୁ", ଏହାଦେଖି ଓ ଶୁଣି ସଭାସ୍ଥିତ ପଣ୍ଡିତ ଓ ଅମାତ୍ୟଗଣ ହସିଉଠିଲେ ରାଜା ମଧ୍ୟ ହସିଲେ। କିନ୍ତୁ କାଳିଦାସ ବିଚଳିତ ନହୋଇ ବିସ୍ମିତ ହେଲେ ଏବଂ ଭାବିଲେ ଏହା ତାଙ୍କୁ ଅପମାନିତ କରିବାର ଏକ ସୁପରିକଳ୍ପିତ ଯୋଜନା। ଅସାମାନ୍ୟ ପଣ୍ଡିତ କବି କାଳିଦାସଙ୍କ ଗୁରୁଙ୍କ ସହିତ ଶାସ୍ତ୍ର ଆଲୋଚନା କରିବାର ପ୍ରବଳ ଆଗ୍ରହ ରାଜା ଭୋଜଙ୍କର ତୁଟିଗଲା, ତଥାପି ସେ କୌତୁକ ପାଇଁ ଜାଣିଜାଣି ଗୋଟିଏ ଅତି ନଗଣ୍ୟ ପ୍ରଶ୍ନ ସେହି ବୃଦ୍ଧକୁ ପଚାରିଲେ, ପ୍ରଶ୍ନଟି ଥିଲା, 'ଲଙ୍କାର ରାଜା କିଏ ?' ବୃଦ୍ଧ ସଙ୍ଗେସଙ୍ଗେ ଉତ୍ତର ଦେଲା 'ରାଭଣ' ଏପରି ଉତ୍ତରରେ ସଭାରେ ପୁଣି ଗୋଟାଏ ହସରେ ଲହରି ଖେଳିଗଲା। ରାଜାନିଜେ ହସିଥିଲେ ମଧ୍ୟ ସଭାକୁ ପ୍ରଶ୍ନକଲେ "ଆପଣମାନେ କାହିଁକି ହସିଲେ" ? ତହୁଁ ସମସ୍ତ ପଣ୍ଡିତ ଉତ୍ତର କଲେ, "ମଣିମା ! ଆପଣ ଯାହାଙ୍କୁ ବଡ଼ ପଣ୍ଡିତ ଓ ମହାକବି ବୋଲି ମାନସମ୍ମାନରେ ପୋତି ଦେଉଛନ୍ତି ତାଙ୍କ ଗୁରୁଙ୍କର ଉତ୍ତର ଶୁଣିଲେ ତ"। ସେ "ରାବଣ" ନ କହି "ରାଭଣ" କହୁଛନ୍ତି ଏପରି ଜଣେ ମହାମୂର୍ଖଙ୍କର ଶିଷ୍ୟ ହେଉଛନ୍ତି କାଳିଦାସ।

ତହୁଁ କାଳିଦାସ ଦଣ୍ଡାୟମାନ ହୋଇ କହିଲେ "ମହାରାଜ ! ମୋ ଗୁରୁ ଠିକ୍ ଉତ୍ତର ଦେଇଛନ୍ତି। ଏ ସଭାର ପଣ୍ଡିତମାନେ ଏପରି ଉତ୍ତର ଯଥାର୍ଥତା ବୁଝିବାକୁ ଅକ୍ଷମ"। ଉତ୍ତରଟି କିପରି ଯଥାର୍ଥ, ରାଜା ତାହା ଜାଣିବାକୁ ଇଚ୍ଛା କରନ୍ତେ କାଳିଦାସ ନିମ୍ନଶ୍ଳୋକଟି ପାଠ କଲେ-

ଭକାରଃ କୁମ୍ଭକର୍ଣ୍ଣଶ୍ଚ ଭକାରଶ୍ଚବିଭୀଷଣଃ

ତ୍ରିଷୁଜ୍ୟେଷ୍ଠଃ କୁଳେଶ୍ରେଷ୍ଠଃ ଭକାରଃ କିଂ ନବିଦ୍ୟତେ,

ଅର୍ଥାତ- କୁମ୍ଭକର୍ଣ୍ଣ ନାମରେ ୨ୟ ଅକ୍ଷର 'ମ+ଭ'= 'ମ୍ଭ' ରେ 'ଭ' ଅକ୍ଷର ରହିଅଛି। ସେପରି "ବିଭୀଷଣ"ନାମରେ ୨ୟ ଅକ୍ଷର ମଧ୍ୟ 'ଭ' ରହିଅଛି। ତିନି ଭାଇଙ୍କ ମଧ୍ୟରେ ଯିଏ ଜ୍ୟେଷ୍ଠ ପୁଣି ତାଙ୍କ କୁଳରେ ଶ୍ରେଷ୍ଠ ତା'ର ନାମରେ ହେବ ?

"ରାଭଣ" ଶବ୍ଦଟି କହିବା ଓ ଲେଖିବା ନିମିତ୍ତ ଅର୍ଥହୀନ ଓ ଭୁଲ୍ ହେଲେ ମଧ୍ୟ ସେଦିନ କାଳିଦାସ କବିଙ୍କର ବିଚକ୍ଷଣ ବିଦ୍‌ବତା ପୂର୍ଣ୍ଣ ଯୁକ୍ତି ଅନ୍ୟ ପଣ୍ଡିତମାନଙ୍କ ପକ୍ଷରେ ଅଖଣ୍ଡନୀୟ ଥିଲା ଓ ସମସ୍ତେ ତଳକୁ ମୁହଁ ପୋତି ଦେଇଥିଲେ। କାଳିଦାସ ନିଜ ପ୍ରତିଭା ଓ ଯୁକ୍ତି ଯୋଗୁ ରାଜାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ।

ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ
ମୋ - ୭୭୮୬୮୨୪୮୭



ଚାଷି ମୁଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ- ସାମ୍ରାଜ୍ୟବାଦ ବିରୁଦ୍ଧରେ ଲଢ଼େଇ କରିବା ସଙ୍ଗେ ସମାନ। - ଭଗବତୀ ପାଣିଗ୍ରାହୀ

# ବବୃ



ମେଜର କ୍ଷୀରୋଦ ପ୍ରସାଦ

ବବୃ, ଡାକ ନାଁ – ବବୃବାହନ ତା'ର ଭଲ ନାଁ । ସହରରେ ଥିବା ସ୍କୁଲରେ ସେ ପଢ଼େ । ବାପା ସେଇ ସହରରେ ବୃତ୍ତିରେ ଅଛନ୍ତି । ଘରେ ସେ, ବାପା ଅବିନାଶ, ମା' ରିତା ଖୁସିବାସର ପରିବାର ।

ବବୃ ସ୍କୁଲକୁ ଭଲପାଏ । ଅନେକ ସମୟରେ ଭାବିଥାଏ ଯେ ସେ ତା' ସ୍କୁଲକୁ ଛାଡ଼ି ରହିପାରିବ ନାହିଁ । ସ୍କୁଲ ଓ ସେ ବିଚ୍ଛିନ୍ନ ହୋଇପାରିବେ ନାହିଁ । ସ୍କୁଲକୁ ଯାଏ । ଅଷ୍ଟମ ଶ୍ରେଣୀରେ ପଢ଼େ । ସ୍କୁଲରେ ତା'ର ଶିକ୍ଷକ ସୁଧାଂଶୁ ତା'କୁ ଭଲ ପାଆନ୍ତି, ଆଦର କରନ୍ତି । ସ୍କୁଲ ହତାରେ ଥିବା ଘରକୁ ନେଇ ଖାଇବାକୁ ଦିଅନ୍ତି । ବବୃ ପଛରେ ଜାଣିଲା ତାର ଶିକ୍ଷକ ସୁଧାଶୁଂଙ୍କର ଓ ତାଙ୍କ ଧର୍ମପତନ୍ନୀ ରୀତାଙ୍କର ପିଲାଛୁଆ ନାହିଁ । ସେମାନେ ନିଃସନ୍ତାନ । ମନକୁ ଊଣା କରି ବୁଲୁଥାଆନ୍ତି । ସୁଧାଂଶୁ ଜାଣିଥାଆନ୍ତି ଯେ ସେ ଜୀବନ ସାରା ନିଃସନ୍ତାନ ହୋଇ ରହିବେ । ସେ ବାପା ହୋଇ ପାରିବେ ନାହିଁ । ରୀତା ମା' ହୋଇ ପାରିବେ ନାହିଁ । ରୀତାକୁ କଥାଟି ଯେତେ ବୁଝାଇଲେ ସେ ବୁଝନ୍ତି ନାହିଁ । ତାଙ୍କର ଇଚ୍ଛା ସନ୍ତାନଟିଏ ହେଉ, ଯିଏ ସେମାନଙ୍କର କୋଳ ମଣ୍ଡନ କରିବ । ବବୃ ସବୁକଥା ଜାଣିପାରେ । ସାରଙ୍କୁ ଓ ମାଉସୀଙ୍କୁ ସବୁକଥା ବୁଝାଇ ପାରିବ ନାହିଁ । ଚୁପ୍ ରହେ । ସୁଧାଂଶୁ ସାର୍ ତାକୁ ଭଲ ପାଆନ୍ତି । ତାଙ୍କ କ୍ଲାସରେ ଭୂଗୋଳ ପଢ଼ାନ୍ତି । କ୍ଲାସରେ ପଢ଼ାଇବା ପରେ ତାର ଭଲ ମନ୍ଦ ବୁଝନ୍ତି । ବବୃ ତା, ବାପା ଆଉ ମା', ସୁଧାଂଶୁ ବାବୁ ଓ ମାଉସୀ ରୀତାଙ୍କର ସ୍ନେହ ଶ୍ରଦ୍ଧାରେ ପୋତି ହୋଇ ପଡ଼େ । କ'ଣ କରିବ ଜାଣିପାରେ ନାହିଁ ।

ହଠାତ୍ ସୁଧାଂଶୁବାବୁଙ୍କର ଦୂରକୁ ବଦଳି ହୋଇଗଲା । ବବୃ ଆଘାତ ପାଇଲା । ରୀତାଙ୍କର ଦୃଢ଼ ଧାରଣା ଯେ ସେ ମା' ହେବେ । ସେ ଯାହା ହେଉ ସୁଧାଂଶୁ ସାର୍, ରୀତା ମାଉସୀ ଦୂରକୁ ଗଲେ । ବବୃ ସ୍କୁଲରେ ଏକାଟିଆ ହୋଇ ରହିଗଲା । ବବୃର ବାପାଙ୍କ ପାଖକୁ ସାର ଚିଠିରେ ବବୃକୁ ସେମାନଙ୍କ ପାଖକୁ ପଠାଇବା ପାଇଁ ନିବେଦନ ଜଣାଇ ଲେଖିଲେ "ଆମ୍ଭେମାନେ ତା' ଅନୁପସ୍ଥିତି ସହିପାରୁ ନାହୁ । ଛୁଟିରେ ଆସି ବୁଲି ଯାଉ । ବବୃ ଜାଣେ ଯେ, ମାଉସୀ ତା'କୁ ସାରଙ୍କ ପରି ଭଲ ପାଆନ୍ତି ନାହିଁ । ସାର ଯଦି ସବୁ ସ୍ନେହ ଶ୍ରଦ୍ଧାକୁ ବବୃକୁ ଦେବେ, ତାଙ୍କ ସନ୍ତାନ କ'ଣ ପାଇବ ? କ'ଣ ଆଉ ରହିବ । ଛୁଟି ବେଶ କଟିଗଲା । ବବୃ ଫେରିବ । ସୁଧାଂଶୁ ସାର୍ ବ୍ୟସ୍ତ, ବବୃକୁ କିପରି ଖୁସିରେ ଫେରିବ । ତା'ର ଯେପରି ଅସୁବିଧା ହେବ ନାହିଁ । ବବୃର ମନେ ଅଛି ଯେଉଁଦିନ ସେ ଆସିଥିଲା ସେଦିନ ଦୁଇଘଣ୍ଟା ଧରି ଗାଡ଼ିକୁ ଅପେକ୍ଷାକରି ସୁଧାଂଶୁ ବାବୁ ବସଷ୍ଟାଣ୍ଡରେ ଅପେକ୍ଷା କରିଥିଲେ । ଗଲାବେଳକୁ ସାର୍ ଭାବବିହ୍ୱଳିତ ହୋଇ ପଡ଼ିଛନ୍ତି । ତା' ଆଖିରେ ଲୁହ ଜକାଇ ଆସିଛି । ବବୃ ଛିଡ଼ା ହାପପେଣ୍ଟଟିଏ ପିନ୍ଧିଥିଲା । ତା'କୁ ଦେଖି କେତେବେଳେ ସାର୍ ଯାଇ ୪ଟି ନୂଆ ପ୍ୟାଣ୍ଟ କିଣିଦେଇ ତା' ବ୍ୟାଗରେ ରଖିଛନ୍ତି ବୋଲି ତାକୁ କହିଛନ୍ତି ।

ଏହାଭିତରେ ଅନେକ ଦିନ ବିତିଯାଇଛି । ବବୃ ସ୍କୁଲ ପଢ଼ା ଶେଷକରି କଲେଜକୁ ଆସିଛି । ଆଉ ସୁଧାଂଶୁ ସାର୍ ଆସି ନାହାନ୍ତି କି ସେ ତାଙ୍କ ପାଖକୁ ଯାଇନି । ପାଠପଢ଼ା ସାରି ସେ ଚାକିରୀ କଲାଣି । ସାର୍ ଟେଲିଫୋନ୍‌ରେ କଥା ହୁଅନ୍ତି । ତାଙ୍କ ପାଖକୁ ଯିବା ପାଇଁ ଜିଗିର କରନ୍ତି । ଚାକିରୀ ଛାଡ଼ି ବବୃ ଯିବ କେମିତି । ବାପା ଓ ମା ସେଠି ଏକାଟିଆ । ରୀତା ମାଉସୀ ବୁଝିଲେ ନାହିଁ । ବରଂ ସାର୍ ଓ ମାଉସୀଙ୍କର ବିବାଦ ବଢ଼ିଲା । ସନ୍ତାନଟିଏ କୋଳକୁ ଆସିଲା ନାହିଁ । ସୁଧାଂଶୁ ସାର୍ ବବୃକୁ ପୁଅ କରିପାରିଲେ ନାହିଁ । ସୁଧାଂଶୁ ବାବୁ ତଥା ସାର୍ ବୃତ୍ତିରୁ ଅବସର ନେଲେ । ଗାଁ ରେ ଯାଇ ରହିଲେ । ସେ ବବୃକୁ ଅପେକ୍ଷା କରି ରହିଲେ । ସେ ପୁଅ ହୋଇ ତାଙ୍କପାଖରେ ରହିବ । ତାକୁ କୋଳରେ ଖୁଆଇବେ । ଘରକୁ ଫେରିଲେ ଝାଡ଼ିଝୁଡ଼ି ଦେବେ । ସେ ଆଶା ସେମିତି ମନ ଭିତରେ ରହିଗଲା । ରୀତା ମାଉସୀ ସେମାନଙ୍କର ସନ୍ତାନଟିଏ ପାଇଁ ଅପେକ୍ଷା କଲେ । ସବୁଦିନ ସବୁ ଖବର ସାର୍ ଦିଅନ୍ତି । ବବୃ ଛଟପଟ ହୁଏ, ଭାବେ ଯେତେକଷ୍ଟ ପଡୁପଛେ ସାରଙ୍କୁ ଭେଟି ଆସିବ ।

ଏମିତି ଅପେକ୍ଷା ଭିତରେ ଦିନେ ଖବର ପାଇଲା ଯେ ସୁଧାଂଶୁ ସାର୍ ଚାଲିଗଲେ । ତା' ମୁଣ୍ଡରେ ବଜ୍ରପାତ ହେଲାପରି ଲାଗିଲା । ସେ ଦୁଃଖ ସମ୍ବରଣ କରିପାରିଲା ନାହିଁ । ତା' ଚାକିରୀ ଯାଗାରୁ ମଟର ସାଇକେଲରେ ସିଧାଆସି ସାର୍‌ଙ୍କ ଘରେ ପହଞ୍ଚିଲା । ମାଉସୀ ନାହାନ୍ତି, କିଛିଦିନ ପୂର୍ବରୁ ମାଉସୀ ଅଭିମାନରେ ଚାଲିଯାଇଛନ୍ତି । ବେମାର ପଡ଼ିଛନ୍ତି, କେହି ଦେଖାଶୁଣା କରିବାକୁ ନାହାନ୍ତି । ମୋବାଇଲ ଫୋନ୍ ବବୃ ଦେଖିଲା । ମାଉସୀ ନମ୍ବର ଓ ତା' ନମ୍ବର ଫିଡ୍ ହୋଇରହିଛି, ଶେଷଦିନ ମାନଙ୍କରେ ତାକୁ ପାଇନାହାନ୍ତି । ବବୃ ଖାଲି କାନ୍ଦିଲା, କେହି ସାହାଭରଷା ନାହିଁ । ସେଇଠି ସେ ପରିଚୟ ଦେଲା ଯେ ସେ ସୁଧାଂଶୁ ସାର୍‌ଙ୍କ ପୁଅ । ସେମାନଙ୍କ ସହିତ ଶବର ସତ୍କାର କରିଦେଲା । ତା'ରି ଲୁହରେ ତିଳ ତର୍ପଣ କଲା । ସାର୍‌ଙ୍କ ଗାଁ ଛାଡ଼ି ମାଉସୀଙ୍କୁ ଖୋଜିବାକୁ ଗଲା । ରୀତା ମାଉସୀ ଏବେ ତ ତାକୁ ଆଦରି ନେବେ । ବାପା ଓ ମାଙ୍କୁ ମୁଣ୍ଡିଆ ମାରିଲା । ଆଉ ଭଗବାନଙ୍କୁ ପ୍ରାର୍ଥନା କଲା ଯେ ତାକୁ ସାର୍‌ଙ୍କ ପୁଅ ହେବା ପାଇଁ ବାପା ଓ ମା ଛାଡ଼ି ଦିଅନ୍ତୁ ।

ଜେଲରୋଡ୍, ଖୋର୍ଦ୍ଧା
ମୋ– ୯୪୩୭୩୦୨୪୧୭



ଚିତ୍ତ ବିନୋଦ ପାଇଁ କିଛି ନା କିଛି କର ତ ନାହେଲେ ଜୀବନଟା ନିରସ ବା ଶୁଷ୍କ ହୋଇଯିବ । – ଥାକ୍‌ର

# ଦୀପାବଳି ତୁମେ ଚାଲିଗଲା ପରେ



ଅଜୟ କୁମାର ସେଠୀ

ଦୀପାବଳି ତୁମେ ଚାଲିଗଲା ପରେ
ମାଟିମାଆ ଆଜି କାନ୍ଦୁଛି
ପରିବେଶ ଆଉ ପ୍ରକୃତି ଆଖିରୁ
ଲୁହ ନୁହେଁ ଲହୁ ଝରୁଛି।
ଦିନରାତି ସିନା ମଣିଷ ହାତରେ
ଅଗଣିତ ବାଣ ଫୁଟିଲା
ପ୍ରଦୂଷଣ ବିଷ ଜଳ,ସ୍ଥଳ,ବାୟୁ
ଚାରିଆଡେ ଖାଲ ଭାସିଲା।
ଭୟଙ୍କର ଶବ୍ଦ, ବିଷାକ୍ତ ବାୟୁରେ
କେତେ ଜୀବଯନ୍ତୁ ମରିଲେ
ସୁଖ, ଶାନ୍ତିର ଏ ଧରିତ୍ରୀ ଛାତିରେ
ମଣିଷବି ଟଳି ପଡିଲେ।
କେତେଟା ଘଣ୍ଟାରେ ସାରା ପୃଥିବୀର
ବଦଳିଲା ବାତାବରଣ
ପ୍ରକୃତିର ଏ ବିପର୍ଯ୍ୟୟ ପାଇଁ
ଦୀପାବଳି ଏକ କାରଣ।
କେତେ ଗଛଲତା, କେତେ ପଶୁପକ୍ଷୀ
ଧିରେ ଧିରେ ଲୋପହେଲାଣି
ତଥାପି ଆମେରେ ଆମରି ଭୁଲକୁ
ଦେଖୁଅଛେ ଟାଣି ଓଢ଼ଣି।
ଦୀପାବଳି ଦିନ କେତେ ଦୁର୍ଘଟଣା
ଘଟି ଚାଲିଲା ଏ ବିଶ୍ୱରେ
ସେଇ ଘଟଣାକୁ ନିରବରେ ଦେଖି
କାନ୍ଦେ ପରିବେଶ ଦୁଃଖରେ।
ଦୀପାବଳି ଚାଲିଗଲା ତା ବାଟରେ
ରୋଗ, ଦୁଃଖ, ଯନ୍ତ୍ରଣା ଦେଇ
ସେଇ ମହାମାରୀ ଆମ ସମାଜକୁ
ଗିଳୁଅଛି ରାକ୍ଷସ ହୋଇ।
ଏବେବି ସମୟ ଅଛି ଆମହାତେ
ସୁସ୍ଥ ପରିବେଶ ଗଢ଼ିବା
ବାଣ ନଫୁଟାଇ, ମାଟି ଦୀପଜାଳି
ସବୁବର୍ଷ ଖୁସି ପାଳିବା।

ଅଂଜିରା, ଓହ୍ଲାଣ
ନିରାକାରପୁର, ପୁରୀ - ୭୫୨୦୧୯
ମୋ-୯୯୩୭୧୯୮୮୭୮,୯୩୪୮୦୦୯୮୬୬

# ମଧୁମେହ

ମହାରଥି ରଣା

ମନେପଡ଼ି ଯାଉଛେ ଆଜି ସେ ପୁରୁଣା ଦିନ କଥା
ଯେତେବେଳେ ଧରିନେଇଛେ ଗୋଡ ହାତର ବ୍ୟଥା।
କେନ କେ ଗଲା କେନ ରହେଲା ଆଉ ସେ ଜମାନା
ଯାହା କେ ଦେଖଲେ ମୁଡ଼ବୁଲଉଛେ ଦୁର୍ବଳିଆ ହେନା।
ମିଠା ଆଳୁ ସାରୁ କନ୍ଦା ସବୁଯାକ ମନା
ଭାତ ଖାଇଲେ ବଢ଼ି ଯାଉଛେ ରୋଟି ଖାନା।
ପାଚଲା ଆମ କେ ଡ଼ାଲିମ ସାଙ୍ଗେ ଟେଭା କଳିନ୍ଦର
ଦେଖଲେ ତାକେ ଲାହା ଥିପୁଛେ ଖାଇ ନି ପାରୁତ।
ଏକ ବସଲେ ଚାଟି ବୁରୁଛେ ଘାଏ ଘାଏ କେ ମୁତା
ରାଏତ ସରତା ଚେତି ରହୁଛେ ଇଟା ତାର ବ୍ୟଥା।
ଝିଅ ଝିମିଆ ଗୋଡ଼ ହାତ କେ ଧୁମୁସିଆ ଆଖି
ଆଜକଲେ ଯୁଗର ଖାନା ସଙ୍ଗେ କୁଡ଼ିଆ ହେଲେ ସଭି।
ଘା' ଦା ହେଲେ ନାଇଁ ଶୁଖୁଛେ ଖଣ୍ଡିଆ ଖାବରା
ସିରପ ପିଇଲେ ବଢ଼ି ଯିବା ଲାଗେ ବାବରା।
ବଞ୍ଚି କରି ବି ମରି ରହୁଛେ ଦେଖି ଲାଳଚ
ଅଧା ବୟସେ ଜୀବନ ଯିବା ଖାଇଲେ ବିଷ।
ଯାହାକେ ତୁଇ ହେଇ ଯାଇଛୁ ନାଇଁ ମେଡ଼ିସିନ
ଭୁକେ ଉପାସେ ରହେଲେ ତୁଇ ଟିକେ ହଉ ହିନ।
ଏତେ ତୁଇ ହାରାମି କେନ୍ତା ହେଲୁରେ ରୋଗ
କିଏ କହୁଛେ ସୁଗାର ହେଲା କିଏ ମଧୁମେହ।
ବିଶ୍ୱ ମଧୁମେହ ଦିବସ ଚଉଦ ନଭେମ୍ବର
ସଂସାର ଯାକ ଭସେଇ ଦେଲୁ ହୋଇ ହବିଷ।
ଧଏନ ଧଏନ ତୋର ମହିମା ହଇରେ ମଧୁମେହ
ଲୁଚି ଛପିକରି ରହି ଶିଖିଛୁ ଜମାନା ହେନ୍ତା ତ।
ଆଗର ଭଳିଆ ପୂରନା କାଳିଆ ରହେଲେ ଆମେ ସତେ
କଚା ତୁନ ଶାଗ ବାସି ପଖାଳେ ଖାମା ଯଦି ସଭେ।
ଡରି କରି ତୁଇ ଭାଗି ଯିବୁ ହେତିର ଲାଗି ଭାଇ
ସଚେତନ ହୁଅ ସଭେ ଯାକ ସୁଗାର ଯିବା ଦୂରେଇ।

ଚାଉଳଡ଼ିଆ, ଲାଠୋର, ବଲାଙ୍ଗିର



ଜଣେ ଲୋକଙ୍କୁ ଯଦି ସଭ୍ୟ ଓ ଭଦ୍ର କରିବାକୁ ଇଚ୍ଛାକର ତେବେ ତା' ଆଇମା ଠାରୁ ଜାଣିବା ଉଚିତ୍ । - ଭିକ୍ଟରହ୍ୟୁଗ୍

# ପୁଅର ବାପା - ୨



ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଙ୍କ)

ପୁଅର ବାପା ହୋଇଛି ବୋଲି ତା ଗୋଡ଼ ତଳେ ଲାଗୁନି । ଭାରି ଖୁସି ହେଉଛି ମନେମନେ । ବେଳେବେଳେ କଣ ଭାବି ମନକୁ ମନ ହସି ଦେଉଛି । ଘଡ଼ିକି ଘଡ଼ି ପୁଅକୁ ଦେଖିବାକୁ ଦାଣ୍ଡରୁ ଘରକୁ ଧାଇଁ ଆସୁଛି । ଅଫିସ କାମରେ ମନ ଲାଗୁନି । ଧରିଦବାକୁ ଇଚ୍ଛା ହେଉଛି ଯେ, କୁଆଡ଼େ ଛୁଆଁ ଯାଇନି ବୋଲି ମାଇପେ ଆକଟ କରୁଛନ୍ତି । ଏକୋଇଶିଆ ପରେ ଛୁଆଁ ଯିବ ।

ପତ୍ନୀକୁ ମନେମନେ ଢ଼େର ପ୍ରଶଂସା କରୁଛି । ପତ୍ନୀର ବି ଘରେ ସମ୍ମାନ ବଢ଼ିଯାଇଛି । ତାଙ୍କ ସାଇପଡ଼ିଶାରେ ଯୋଉ ପାଞ୍ଚ କି ଛଅଟା ପିଲା ଏଇ ମାସକ ଭିତରେ ଜନ୍ମ ହୋଇଛନ୍ତି, ସବୁଗୁଡ଼ାକ ଝିଅ । ତାର ଏଇ ଗୋଟିକ ପୁଅ ହୋଇଛି । ଅତଏବ, ପୁଅ ଜନ୍ମ ଦେଇଥିବା ମାଆର ସମ୍ମାନ ବଢ଼ିବା ସ୍ୱାଭାବିକ ।

ସେଦିନ ଦୁଲେଇ ଦେଇ ନୀଳାମ୍ବରକୁ ମଝିଦାଣ୍ଡରେ ତା ଡେଣାଦି'ଟାକୁ ଧରି ଅଟକେଇଦେଲା । ଦୁଲେଇ ଦେଈ ଆମ ଗାଁ ଯାକର ଦେଈ । ବାହାହେଲାର ଦି ଦିନ ହେଇଚି, ଶାଶୂଘରୁ ବାପଘରକୁ ପଳେଇ ଆସିଲା । ପଳେଇ ଆସିଲା ଯେ ଆସିଛି, ଆଉ ଫେରିକି ଯିବାର ନାଁ ଧରିଲାନି । କଥା କଣ ବୁଝୁବୁଝୁ ଜଣାପଡ଼ିଲା କି ତା ସ୍ୱାମୀ କୁଆଡ଼େ ଜଡ଼ ଆଉ ବୋକାଟା ! ନୂଆବୋହୂକୁ କୋଉ ଗାଁ ମାଇପି ଦେଖିଲାବେଳେ ଦୁଲେଇ ଦେଈ କାନରେ ଚୁପ୍‌କିନା ଏ କଥାଟି କହିଦେଇଛି । ସେଇଥିରେ ଦୁଲେଇ ଦେଈ ମନ ବିକ୍ଷିପିତା ହୋଇଗଲା । ସିଏ ସେଇଦିନ ରାତିଅନ୍ଧାରେ ସମସ୍ତେ ଶୋଇପଡ଼ିଥିଲାବେଳେ ବାପଘରକୁ ପଳେଇଆସିଲା । ଆସିଲା ଯେ ଆସିଲା, ଆଉ ଗଲାନି !

ଦୁଲେଇ ଦେଈ ବାପଘରେ ସବୁଦିନକୁ ରହିଗଲା ।

ସେଇ ଦୁଲେଇ ଦେଈ, ଗାଁ ଯାକର ଦେଈ ! ବୟସ ସତୁରି ସରିକି । ସିଏ ସେଦିନ ନୀଳାମ୍ବରକୁ ଦାଣ୍ଡମଝିରେ ଅଟକେଇ କହିଲା, ଆରେ ନୀଲୁ, ତୋର ପରା ପୁଅଟେ ହେଇଚି । ଯାହାକହ, ତୋ ମାଇପଟା ଭାରି ଲକ୍ଷ୍ମୀବତୀ । ବରଷକ ଭିତରେ ପୁଅଟେ ଜନ୍ମ କଲା । ତୋର ଆଉ ଚିନ୍ତା କଣ ?

ନୀଳାମ୍ବର ଛାତି କୁଣ୍ଢେମୋଟ ହୋଇଗଲା । ସତରେ ତାର ଆଉ କଣ ଦରକାର ? ତାର ପୁଅଟେ ହୋଇଛି, ସେଇ ତାର ସବୁକିଛି ।


ବାଟରେ ଚକ୍ରଧର ସହ ଦେଖାହେଲା । ସିଏ ତାର ପିଲାଦିନର ସାଥୀ । ମିଲିଟାରୀରେ ଚାକିରି କରିଥିଲା । ସତରବର୍ଷର ଅବଧି ପୂରଣକରି ଅବସର ନେଇଛି । ଏଇ କିଛିଦିନ ହେଲା ତାର ଝିଅଟେ ହୋଇଛି । ଝିଅଟେ ହୋଇଛି ବୋଲି ଦୁଃଖ କରି ସିଏ ନୀଳାମ୍ବରକୁ କହୁଥିଲା । କହିଲା, ତୁ ତ ଭାଗ୍ୟବାନ, ତୋର ପୁଅ ହୋଇଛି । ମୋର ଝିଅଟା ହେଲା !

ନୀଳାମ୍ବର ପ୍ରବୋଧନା ଦେଇ କହିଲା, ଆରେ ପୁଅ ହଉ କି ଝିଅ, ସେଥିରୁ କଣ ମିଳିବ ? ପୁଅ ଯେତିକି ଝିଅ ସେତିକି, ମନଦୁଃଖ କରନା ।

ଚକ୍ରଧର କହିଲା, ହଁ ମ ! କହିବୁନି କାହିଁକି ? ତୋର ପୁଅଟେ ହୋଇଛି ବୋଲି ସିନା କହୁଛୁ । ଝିଅ ହୋଇଥିଲେ ଜାଣିଥା'ନ୍ତୁ ଯେ !

ନୀଳାମ୍ବର ତା କଥାକୁ ହାଲୁକା କରିବାକୁ କହିଲା, ହଉ ହେଲା ! ତୋତେ ଯଦି ଝିଅଟା ବୋଝ ହେଉଛି, ତେବେ ତୋ ଝିଅକୁ ମୁଁ ବୋହୂ କରିଆଣିବି । ଯାନିଯଉତୁକ କିଛି ଆଣିବିନି । ଯା' ଚିନ୍ତାକରନା ।

ଏ କଥା ଶୁଣି ଚକ୍ରଧର ସିନା ହସିହସି ସେଦିନ ଘରକୁ ଗଲା, ହେଲେ ନୀଳାମ୍ବରର ମନଟା କାହିଁକି କେଜାଣି ଏମିତି ଏକ ମାନସିକତାକୁ ମୋଟେ ଗ୍ରହଣ କରିପାରୁନଥିଲା । ସିଏ ପୁଅର ବାପା ହୋଇଯାଇଛି ବୋଲି ଗୋଟିଏ ଝିଅର ବାପାକୁ ବୁଝାଇବାକୁ ସାହସ କରିପାରିଲା, ନା ସିଏ ଯଦି ପ୍ରକୃତରେ ଝିଅର ବାପା ହୋଇଥାନ୍ତା, ତେବେ ସେହି ସାହସରେ ଚକ୍ରଧରକୁ ବୁଝେଇପାରିଥାନ୍ତା ? ହୁଏତ ପାରିନଥାନ୍ତା । କାରଣ, ସମସ୍ତଙ୍କ ପରି ସିଏ ବି ପୁଅଟିଏ ଚାହୁଁଥିଲା ।



ପିଲା ପେଟରେ ରହିବାର ସିଏ ଯେତେବେଳେ ଜାଣିଲା, ସେତେବେଳେ ନୀଳାମ୍ବର ପତ୍ନୀକୁ ଗେଲେଇ ହୋଇ କହିଲା, ମୋର ଝିଅଟେ ଦରକାର ! କଥା ଛଡ଼େଇ ତା ପତ୍ନୀ କହିଲା, ମୋର ପୁଅ ଦରକାର ! ନୀଳାମ୍ବରର ଝିଅ ଦରକାର, ତା ପତ୍ନୀର ପୁଅ ଦରକାର । ଏମିତି ହସଗମାତରେ କଥା ହେଉଥିଲାବେଳେ ଦିନେ ଦିନେ ବୋଉ



ଜଣକର ଜ୍ଞାନ କେତେ ବେଶି, ତାହା ଜଣାପଡ଼େ ତା' ପ୍ରଶ୍ନରୁ, ଉତ୍ତରରୁ ନୁହେଁ। - ଭଲ୍‌ଟାୟର

ଶୁଣିଦିଏ । କହେ, ଆରେ ପୁଅ ହେଉ କି ଝିଅ, ଯାହାହେଲେ ବି ଚଳିବ । ପ୍ରଥମ ମୁହଁରେ ଘରକୁ ଯିଏ ଆସିବ ଆସୁ । ତୁମ ଦିହିଙ୍କର ଏତେ ଯୁକ୍ତିତର୍କ କଣ ପାଇଁ ?

ତେବେ, ନୀଳାମ୍ବର ଭାବେ ସତରେ ସିଏ କଣ ଝିଅଟିଏ ଚାହୁଁଥିଲା ? ନା, ମୋଟେ ନୁହେଁ । ଏବେକା ବେଳକାଳ ଯାହା ହୋଇଛି, ସେଥିରେ ଝିଅଟିଏକୁ ଛୋଟରୁ ବଡ଼ କରି ପାଠପଢ଼େଇ ପୁଣି ବାହାଦବା ପର୍ଯ୍ୟନ୍ତ କଣ ଛୋଟିଆ କଥା ହୋଇଛି ? ସେଥିରେ ପୁଣି ଛୋଟିଆ ଚାକିରି । ଦରମା ଯେତିକି ସେଥିରେ ସାନ ଭାଇଭଉଣୀ ଦି ଜଣ, ବାପ-ମାଆ, ବନ୍ଧୁବାନ୍ଧବ, ହାନିଲାଭ ଚଳେଇଲାବେଳକୁ ତାର ପ୍ରାଣ କଣ୍ଠାଗ୍ରତ ହୋଇଯାଉଛି । ଏ ପରିସ୍ଥିତିରେ ସିଏ କଣ କେବେ ବି ଝିଅଟିଏ କାମନା କରିପାରିଥାନ୍ତା ?

ଯାହାହେଉ, ପତ୍ନୀର କଥା ଓ ନୀଳାମ୍ବରର ଅକୁହା ମାନସିକତା, ଉଭୟର ସଂଯୋଗରେ ଝିଅ ନହୋଇ ପୁଅଟିଏ ଜନ୍ମହେଲା । ଏଥିରେ ସିଏ ଖୁସି ନହେବ କେମିତି ?

ବାହାରକୁ ଯିଏ ଯେତେ ଛାଟିପିଟି ହୋଇ ଝିଅଟିଏ ପାଇଁ କୌତୂହଳ ପ୍ରକାଶ କରୁଥିଲେ ବି ପ୍ରକୃତରେ ସେମାନେ ଭିତରେ ଭିତରେ ଯେ ପୁଅଟିଏ ଚାହୁଁଥାନ୍ତି, ଏ କଥାରେ ନୀଳାମ୍ବରର ସନ୍ଦେହ ନଥିଲା ।

ନୀଳାମ୍ବରର ପୁଅଟେ ହୋଇଛି । ପରିବାର, ବନ୍ଧୁବାନ୍ଧବ ସମସ୍ତେ ଖୁସି ହୋଇଛନ୍ତି । ସମସ୍ତଙ୍କ ଖୁସିକୁ ଏକାଠିକଲେ ଯେତିକି ହେବ, ସେତିକି ବା ତା'ଠାରୁ ଅଧିକ ପରିମାଣରେ ଖୁସି ହେଉଛି ନୀଳାମ୍ବର । କାହାକାହା ଘରକୁ ମିଠା ବଣ୍ଟାଯିବ, ସେ ହିସାବ କରୁଛି ମନେ ମନେ ।

ସେଦିନ ସବୁଠାରୁ ବଡ଼ ମିଠାପୁଡ଼ିଆଟି ନେଇ ସେ ଅଫିସ ଯାଇଥିଲା । କିଏ କିଛି କାରଣ ପଚାରିବା ପୂର୍ବରୁ ତାର ପୁଅ ହୋଇଛି ବୋଲି ସିଏ ତା ଆଡୁ କହିଦେଲା । ତା' କଥା ଶୁଣି ସମସ୍ତେ ଖୁସି ହେଉଥିଲାବେଳେ ନୀଳାମ୍ବର ସେହି ଖୁସିକୁ ସାଦରେ ଗ୍ରହଣକରି ପରିପୂର୍ଣ୍ଣର ହସଟେ ହସିଦେଇଥିଲା ।

ବଡ଼ ହାକିମ କହିଲେ, ନୀଳାମ୍ବର ବାବୁ ପୁଅଟେ ତ ହେଲା, ଭଲ ହେଲା । ଯା ପରଟା ଯେମିତି ହେଲେ ଝିଅଟେ ହେଉ । ପୁଅ ପରେ ଆଉ ଗୋଟେ ପୁଅ ନହୋଇ ଝିଅଟେ ହେଲେ ସଂସାର ଭଲରେ ଚାଲିବ !

ନୀଳାମ୍ବର ବଡ଼ ହାକିମଙ୍କ କଥା ଶୁଣି ଖାଲି ହସି ଦେଇଥିଲା । କିଛି ଉତ୍ତର ଲେଉଟେଇ ପାରିଲାନି । କାରଣ, ସେ କେବେ ବି ଝିଅ ଚାହୁଁନଥିଲା । ସିଏ ଚାହୁଁଥିଲା କେବଳ ପୁଅର ବାପା ହେବାକୁ ! (କ୍ରମଶଃ)

ମୋ - ୯୪୩୮୭୩୪୮୧୬

# ଆହେ ପ୍ରଭୁ ଲିଙ୍ଗରାଜ

ବାବାଜୀ ଚରଣ ଜେନା



ନମୋ ନମୋ ଲିଙ୍ଗରାଜ
ପ୍ରଭୁ ସଦାଶିବ
ସବୁ ଅସମ୍ଭବକୁ ତୁମେ
କର ତ ସମ୍ଭବ
ନମୋ ନମୋ ଲିଙ୍ଗରାଜ,,,,,।୦।

ଅଳପେ ସନ୍ତୁଷ୍ଟ ତୁମେ ଆହେ ଆଶୁତୋଷ
କୃପା କରି ଭକ୍ତ ପୀଡା କର ତୁମେ ନାଶ
ପାପଭାରେ ଧରା ଯେବେ ହୁଏ ଥରହର
ପାପିକୁ ସଂହାର କରି ଧର୍ମ ରକ୍ଷା କର
ଡମ୍ବରୁ ବଜାଇ ପ୍ରଭୁ
କରହେ ତାଣ୍ଡବ
ନମୋ ନମୋ ଲିଙ୍ଗରାଜ,,,,,।୧।

ଅଗତିର ଗତି ତୁମେ ପାର୍ବତୀ ପତି
ସୁମରଣା କଲେ ତୁମ ମିଳଇତ ମୁକ୍ତି
ଅପାର ମହିମା ପ୍ରଭୁ ପାରେ କିଏ କଳି
ଭକତିରେ ମାଗିଦେଲେ କୃପା ଦିଅ ଢାଳି
ଧନଧାନ୍ୟେ ପୂର୍ଣ୍ଣ କର
ରହେନା ଅଭାବ
ନମୋ ନମୋ ଲିଙ୍ଗରାଜ,,,,,।୨।

ଅହଲ୍ୟା ନିବାସ
ପୋପରଡା, ନୂଆବଜାର, କଟକ
ମୋ-୯୪୩୭୮୩୪୭୧୯



ଜୀବନାଟାକୁ ଭଲ ଭାବରେ କଟାଇବା ହିଁ ହେଉଛି ପ୍ରକୃତ ସ୍ୱର୍ଗ ସୁଖ । - ସେରେନ୍

# ଏବେ ବି ରହିଛି ମଣିଷପଣିଆ

**ଶିଶିର କୁମାର ପଣ୍ଡା**



ଧରମ ପୁଅଟା ବାପକୁ ଉଠେଇ
ଖୋଇଦିଏ ଭାତ ପାଣିଆଁ ଡାଲି
ଉଠି ପାରୁନାହିଁ ବୁଢ଼ାଟା ଶେଯରୁ
ପାରୁନି ବସି କି ପାରୁନି ଚାଲି।
ନିଜ ପୁଅବୋହୂ ଦୂରରେ ରୁହନ୍ତି
ଭୁବନେଶ୍ୱରରେ ତାଙ୍କରି ବାସ
ବାପାକୁ କୁହନ୍ତି ଗାଆଁ ଜମିବାଡ଼ି
ବିକିଦେଇ ତୁମେ ଏଠିକି ଆସ।
କେମିତି ବିକିବ ଜମିସବୁ ସିଏ
ବୁଢ଼ୀଟା ଭୋକରେ ଏଇଠି ମଲା
ପୁଅଟା ଚକିରି କରିକି ଗାଆଁକୁ
ଆଉ ନ ଆସିଲା ଗଲା ଯେ ଗଲା।
ଯେଉଁ ହାତ ଦିନେ ପାଳିପୋଷି ଆହା
ଛୋଟରୁ କରିଛି ଏତିକି ବଡ଼
ସିଏକି ଜାଣିବ କେତେ ଯେ ଯାଇଛି
ଅଦିନିଆ ବାଆ ବତାସୀ ଝଡ଼।
ଧରମ ପୁଅଟା ସେବା କରୁଅଛି
କିଛି ପାଇବନି ଭଲକି ଜାଣେ
ତଥାପି କାହିଁକି କୋଉ ଶରଧାରେ
ବୁଢ଼ାପାଇଁ ପଥି କିଣିକି ଆଣେ ?
ଏବେବି ରହିଛି ମଣିଷ ପଣିଆ
କିଛିଟା ମହତ ଲୋକଙ୍କଠାରେ
ଲୋଭ, ହିଂସା, ଛନ୍ଦ, କପଟ ଜାଣିଥା
ଏସବୁ ଲୋକଙ୍କ ପାଖରେ ହାରେ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ - ୮୯୮୧୭୩୭୨୨୮

# ଆଶିଷ

**ଶ୍ରୀ ପ୍ରଭୁ ଚରଣ ପତି**

ଶଙ୍ଖ କ୍ଷେତ୍ରରେ ମହୋଦଧି ତୀରେ
ବିଜେ ଜଗତର ପତି,
ତୁମର ଶୂନ୍ୟ ପାଦରଜ ଧୂଳି
ମସ୍ତକେ ମୋ' ପଡୁ ନିତି ।୧।
ତୁମର ଆଶିଷ ନ ହେଲେ ହେ, ପ୍ରଭୁ
ବହ୍ମା ଶଙ୍କର ବଣା,
ମୁଁ ମହାମୂର୍ଖ ବର୍ଣ୍ଣି କି ପାରିବି
ତୁମର ଆଶିଷ ବିନା ।୨।
ତୁମରି ଆଶିଷ ଟିକକ ହେ...........
ନବନିଧିଠାରୁ ଅଧିକ,
ତୁମ ଆଶିଷ ଯା' ମସ୍ତକେ ନାହିଁ
ଧିକ୍କ ଜୀବନ ତା ଧିକ୍କ ।୩।
ତୁମରି ଆଶିଷ ରହିଲେ
ସବୁ ଦୁଃଖ କଷ୍ଟ ହୁଏ ଦୂର
ମାଆଙ୍କର ପରେ ଯାହାଙ୍କ ଆଶିଷ
ସଦା କରଇ କାମ୍ୟ,
ପ୍ରଭୁ ରାମ ଯାହା ସତ୍ୟ ଲାଗି
ତେଜିଲେ ଗୃହସ୍ଥ ଆଶ୍ରମ ।୪।
ପିତାମାତା ପରେ ସଦ୍ ଗୁରୁଙ୍କର
କରେ ମୁଁ ନିତି ଧ୍ୟାନ,
ଅଜ୍ଞାନ ତିମିରକୁ ଜାଳି ଯେ, ଦିଅନ୍ତି
ବିଦ୍ୟା ଦିବ୍ୟଜ୍ଞାନ ।୫।
ଗୁରୁଜନଙ୍କ ଆଶିଷ ନ ଥିଲେ
କିଛି ମୂଲ୍ୟ ନାହିଁ ତୋ'ର,
ବୃକ୍ଷରୁ ଅଲଗା ପତ୍ର ଯେସନେ
ପବନରେ ନାରଖାର ।୬।
ଆଶିଷ ନ ଥିଲେ ଜୀବନଟା ସାରା
ଲାଗଇ ଅବଶୋଷ,
ବଞ୍ଚିବାକୁ ତୁ ରାହା ଖୋଜୁଥିବୁ
ଜୀବନ ଲାଗିବ ବିଷ ।୭।
ସବୁରି ମିହଁରେ ହସ ଥାଉ ସଦା
ଝରୁ ତୁମ ଆଶିଷ,
ପ୍ରଭୁ ଚରଣ ସଦା ରହିଥାଉ
ତୁମ ଶ୍ରୀଚରଣେ ଦାସ ।୮।

ସାହାଡ଼ା ପଡା, ବଳଙ୍ଗା, ପୁରୀ
ମୋ-୮୩୩୮୦୦୮୧୪୫



ଜଣେ ଯଦି ପ୍ରକୃତ ହସି ପାରୁଛି ସେ କେବେହେଲେ ଦରିଦ୍ର ନୁହେଁ। - ହଡ୍‌କଟ୍

# ନିଶାରୁ ନାଶ



ପଦ୍ମନାଭ ପାଣିଗ୍ରାହୀ

ଆଜି ମନ୍ଦିରରେ ଭାରି ଭିଡ଼। କ'ଣ ଗୋଟିଏ ପର୍ବପର୍ବାଣୀ ବୋଧ ହୁଏ। ମନ୍ଦିର ଭିତରେ ଭକ୍ତଙ୍କ ଭିଡ଼। ବାହାରେ ଭିକାରିମାନଙ୍କ ଭିଡ଼। ରାସ୍ତାର ଦୁଇପାର୍ଶ୍ୱରେ ଧାଡିଧାଡି ହୋଇ ବସିଯାଇଛନ୍ତି ଭିକାରିମାନେ। 'ମା' ପଇସା କିଛିଦିଅ ବାପା ତୁମର ମଙ୍ଗଳ ହେବ କିଛି ଖାଇବାକୁ ଦିଅ" । ଇତ୍ୟାଦି ଶବ୍ଦ ପ୍ରୟୋଗକରି ଯିବା ଆସିବା କରୁଥିବା ଲୋକମାନଙ୍କୁ ହାତ ପତେଇ ମାଗୁଛନ୍ତି। କିଏ ଟଙ୍କାଏ, କିଏ ପାଞ୍ଚଟଙ୍କା, କିଏ ତ କିଛି ଭୋଗ ସେମାନଙ୍କୁ ଦେଇ ଚାଲିଯାଉଛନ୍ତି। କିଏ ମଧ୍ୟ ମୁହଁ ବୁଲାଇ ଚାଲି ଯାଉଛନ୍ତି। ସେମାନଙ୍କର କିଛି ଦୂରରେ ଅଳ୍ପ ଓଢ଼ଣା ଟାଣି ସ୍ତ୍ରୀ ଲୋକଟିଏ ବସିଥାଏ। ଆଗରେ ଟଣା ଯାଇଥିବା ଲୁଗା ଉପରେ କିଏ ଟଙ୍କାଏ କିଏ ପାଞ୍ଚଟଙ୍କା କିଏ ଚାଉଳ ମୁଠାଏ ପକାଇ ଦେଉଥାନ୍ତି। ତାକୁ ଦେଖି ତା ଆଖିରୁ ଦୁଇଟୋପା ଲୁହ ଗଡିଗଲା। ଅତୀତ ସ୍ମୃତି ମାନସ ପଟରେ ଉଙ୍କି ମାରିଲା। ଅତୀତ ତ ଅତୀତରେ ହଜି ଯାଇଛି। ଆଉ କ'ଣ ଫେରିବ। ସେହି ଯେଉଁ ମଧୁର ସ୍ମୃତି ତାକୁ ଆଉ ମନେ ପକେଇ ଲାଭ କ'ଣ ?

ସୁଲୋଚନା ଦେବୀ ଆଖିରୁ ଲୁହ ଗଡାଇ ଅତୀତକୁ ରୋମନ୍ଥନ କରୁଛନ୍ତି। ବାପା ମାଙ୍କର ଏକମାତ୍ର ଅଲିଅଳୀ ଝିଅ ସେ କେଉଁଥିରେ ଅଭାବ ନଥିଲା ଯାହା ଚାହୁଁଥିଲେ ବାପା ମା ଆଜି ଯୋଗାଇ ଦେଉଥିଲେ। ବାପା ତାଙ୍କର ଏକ ଛୋଟକାଟିଆ ଜମିଦାର କହିଲେ ଭୁଲ ହେବ ନାହିଁ। ଅଚଳାଚଳ ସମ୍ପତ୍ତି। ତେଣୁ ଖାଇବା ପିଇବା ପିନ୍ଧିବା କେଉଁଥିରେ ଊଣା ହେଉନଥିଲା। ଗାଁ ଚାଟଶାଳୀରେ ପଞ୍ଚମ ଶ୍ରେଣୀ ପଢିଥିଲେ। ସେତେବେଳେ ତ ସେମିତି ଝିଅମାନଙ୍କୁ ପାଠପଢାଇବାରେ ବାପା ମା' ଆଗ୍ରହ ପ୍ରକାଶ କରୁନଥିଲେ। ଭଲ ଘର ଭଲ ବର ଦେଖି ବାହା କରିଦେଲେ କାମ ସରିଲା। ଦେଲା ନାରୀ ହେଲା ପାରି ସେହିପରି ସୁଲୋଚନାକୁ ବିବାହ ବୟସ ହୋଇଯିବାରୁ ତାଙ୍କ ବାପା ଗାଁ ଠାରୁ ପାଞ୍ଚ କିଲୋମିଟର ଦୂରରେ ଥିବା କାଶିପୁରରେ ଜଣେ ବଡ ଧନଶାଳୀ ଯୁବକଙ୍କ ସହ ବିବାହ ଦେଇଥିଲେ। ତାଙ୍କ ନାମ ମଦନ ମୋହନ । ମଦନ ମୋହନ ଦେଖିବାକୁ ଯେପରି ସୁନ୍ଦର ବଳିଷ୍ଠ ଚେହେରା ମଧ୍ୟ। କୁସ୍ତି କସରତ କରିବାରେ ଧୁରନ୍ଧର। ବଣରେ ଯାଇ ଶୀକାର କରନ୍ତି। ମିରିଗ, ..., ହରଡ ଚଢେଇ ଆଣିକି । ଘରେ ବଡ ବଡ ବନ୍ଧୁକ ୨ଟା। ଏକର ଏ କର ଜମି। ୩/୪ ଟି ଆମ୍ବ ତୋଟା। ଅମାରରେ ଧାନ ....କ'ଣ ବଡ ବଡ ବଳଦ ତିନିହଳ। ଚାକର ବାକର ଘରଠାରୁ ଆରମ୍ଭ କରି ଜମିବାଡିରେ କାମ କରନ୍ତି। ସାତଖଣ୍ଡ ଗାଁର ଲୋକ ତାଙ୍କୁ ମାନନ୍ତି। ଜଳରେ ଧାନ, ମୁଗ, ବିରି, କୋଳଥ ରବି ଫସଲ କାହିଁରେ କ'ଣ। ବିରାଟ ଅମାର। ଋତୁ ଅନୁସାରେ ପନିପରିବା ଖାଇଲେ ବୋହିଲେ ସରିବନି। ପ୍ରାୟ ବନ୍ଧୁବାନ୍ଧବ ଘରେ ପ୍ରତିଦିନ। ଅତି ଉଦାର ପ୍ରକୃତିର ଲୋକ। ସୁଲୋଚନା ଦେବୀ ମଧ୍ୟ ଦେଖିବାକୁ ଯେପରି ସୁନ୍ଦର। ଗୃହ କାମ କରିବାରେ ସେହିପରି ଧୁରନ୍ଧର। ଏତେ ଚାକର ବାକର ଥିଲେ ମଧ୍ୟରେ ନିଜେ ରୋଷେଇ ବାସ କରି ପରିବାରକୁ ଖାଇବାକୁ ଦିଅନ୍ତି। ରୋଷେଇ ଘରକୁ କାହାକୁ ଛାଡନ୍ତି ନାହିଁ। ସମସ୍ତଙ୍କ ପେଟ ଚିହ୍ନନ୍ତି। ଚାକର ବାକରମାନଙ୍କୁ ମଧ୍ୟ ଖାଇବାକୁ ଦେବା ସହ ଭଲ ମନରେ ସେମାନଙ୍କୁ ହାତଖର୍ଚ୍ଚ ପୋଷାକ ପତ୍ର ଦିଅନ୍ତି। ମଦନ ବାବୁ ସୁଲୋଚନା ଦେବୀ ଯେପରି ରାମସୀତା ଯୋଡି। ଘରେ ଖୁସିର ଲହରୀ। ପିଲାପିଲି କହିଲେ ଗୋଟିଏ ଝିଅ ଗୋଟିଏ ପୁଅ। ଡଉଲ ଡାଉଲ ଚେହେରା । ସାତଖଣ୍ଡ ଗାଁର ଲୋକଙ୍କ ଖାତିର ହେଲେ କ'ଣ ହେବ ଏ ଖୁସୀ ବେଶୀଦିନ ରହିଲା ନାହିଁ। ପରିକ୍ଷିତ ରାଜାଙ୍କ ରାଜ୍ୟରେ କଳିପଶିଗଲା ଭଳି ତାଙ୍କ ଘରେ କଳି ପଶିଗଲା।

ମଦନ ବାବୁଙ୍କ ସହିତ ଜଣେ ସାଙ୍ଗ ଜୁଟିଗଲେ। ଯେକି ଏକାଧାରରେ ଗଞ୍ଜେଇ, ଅଫିମ, ମଦ ସେବନ କରନ୍ତି। ସେ ଲୋକ ନିଶାଖୋର ତା ସହିତ ଭାରି କପଟୀ। ମଦନ ବାବୁଙ୍କୁ ପ୍ରଥମେ ପ୍ରଥମେ ଅଫିମ ଖିଆ ଶିଖାଇଲା। ତାପରେ ଗଞ୍ଜେଇ ଏବଂ କିଛିଦିନ ପରେ ମଦଖିଆ ଆରମ୍ଭ ହେଲା। ସୁଯୋଗ ଦେଖି ପଇସା ଟାଣିବାରେ ଲାଗିଲା। କ୍ରମେ କ୍ରମେ ମଦନବାବୁ ଏମିତି ନିଶାଖୋର ହେଲେ ଯେ ଜମିବାଡି ବ୍ୟବସାୟ ପତ୍ର ବୁଝାବୁଝି କରିବାକୁ ଗଲେ ନାହିଁ। ଚାଷ ଜମି ପଡିଆ ପଡିଲା। ବନ୍ଧୁକ ଦୁଇଟି ବିକା ହେଲା। ଜମିରୁ ଶସ୍ୟ ଆଦାୟ କମିଲା। କାମ କରିବାକୁ ଲୋକ ଆଉ ଆସିଲେ ନାହିଁ। ସୁଲୋଚନା ଦେଇ ଯେତେ ବୁଝାଇଲେ ମଧ୍ୟ ବୁଝିଲେ ନାହିଁ। ସୁଲୋଚନାଙ୍କ ଉପରେ ମାଡ ଗାଳି ବର୍ଷଣ ହେଲା। ପିଲା ଦୁଇଟିଙ୍କର ପାଠ ପଢା ବନ୍ଦ। କ୍ରମେକ୍ରମେ ଜମି ବାଡି ବିକ୍ରି ହେବାକୁ ଲାଗିଲା ଶଗଡ, ବଳଦ ସବୁ ବିକ୍ରିହେଲା। କେତେ ଲୋକ ଜମି ଜାଗା ମାଡି ବସିଲେ। ଆମ୍ବ ତୋଟା ସବୁ ବିକ୍ରିହେଲା। ସୁଲୋଚନା ଦେବୀ ଯେକି ଘରୁ ବାହାରୁ ନଥିଲେ ସେ ଯାଇ ପରଦ୍ୱାରେ କଂସାବାସନ ମାଜିବାଠାରୁ ବିଭିନ୍ନ ଘରୋଇ କାମ କରି ଦି ପଇସା ଆଣି ପିଲାଙ୍କ ପାଟିରେ ଦାନା ଦେଲେ। ପଇସା ଥିଲାବେଳେ ସିନା ବନ୍ଧୁବାନ୍ଧବ, ସଙ୍ଗାତ, ମୈତ୍ର ସବୁ ଘରକୁ ଆସୁଥିଲେ। ହେଲେ ଅଭାବ ବେଳେ କିଏ କାହାର ? କୃପଣ ବନ୍ଧୁ ତାର ଫାଇଦା ହାସଲ କରି ଦୂରେଇଗଲା। ନିଶାପାଣି ଖାଇବାକୁ ମଧ୍ୟ ପଇସା ନାହିଁ। ପରିଶେଷରେ ମଦନ ବାବୁ ଯାଇ କୁଲି କାମ କଲେ। ଅଭ୍ୟାସ ଥିଲେ ସିନା, ଅଭ୍ୟାସ ନଥିବାରୁ ଭାରି ଜିନିଷ ବୋହି ବୋହି ଶେଷରେ ରୋଗରେ ପଡି ଆରପାରିକୁ ଚାଲିଗଲେ। ସୁଲୋଚନା ଦେବୀ ପିଲା ଦୁଇଙ୍କୁ ମଣିଷ କରିବା ପାଇଁ ଆଜି ଭିକ୍ଷାଥାଳି ଧରି ଭିକାରୀ ଶେଷରେ ନିଶାହିଁ ତ କାଳ ହେଲା। ପରିବାରକୁ ଉଜାଡି ଦେଲା।

ଜଟଣୀ



ଜଣେ ଲୋକର ସଦ୍‌ଗୁଣରୁ ଆମେ ଯାହା ନ ଶିଖୁ, ସମୟେ ସମୟେ ତା' ଭୁଲ କାର୍ଯ୍ୟରୁ ତା ତୁଳନାରେ ଅଧିକ ଶିଖୁ। - ଲଙ୍ଗ୍ ଫେଲୋ

# ତିମି ଜଣେଇଲା କୃତଜ୍ଞତା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ତୁମ୍ଭମାନଙ୍କ ଭିତରୁ ଅନେକ ତିମି ବିଷୟରେ ପଢ଼ିଥିବ। ବହିରେ ତିମିର ଛବି ଦେଖିଥିବ ମଧ୍ୟ। ତେବେ ମନେରଖ ଯେ ତିମିମାନେ ରହନ୍ତି ଗଭୀର ସମୁଦ୍ରରେ। କିନ୍ତୁ ସେମାନେ ମାଛ ନୁହନ୍ତି। ତେଣୁ 'ତିମିମାଛ' ବୋଲି କହିବା ଭୁଲ୍। ତିମି ଜଳରେ ବାସ କରୁଥିଲେ ମଧ୍ୟ ଏହା ଏକ ସ୍ତନ୍ୟପାୟୀ ପ୍ରାଣୀ। ଗୋରୁ, ମଇଁଷି, ଛେଳି, ମେଣ୍ଢା, ବାଘ, ହରିଣ ଇତ୍ୟାଦି ସ୍ତନ୍ୟପାୟୀ। ସ୍ତନ୍ୟପାୟୀ ପ୍ରାଣୀମାନେ ପିଲା ଜନ୍ମ କରନ୍ତି ଓ ନିଜ ଶାବକକୁ ନିଜର କ୍ଷୀର ଖୁଆଇଥାନ୍ତି। ତିମି ପିଲା ଜନ୍ମ କରି ନିଜ ପିଲାକୁ କ୍ଷୀର ଖୁଆଇଥାଏ।

ସମୁଦ୍ରରେ ବାସ କରନ୍ତି ବିଭିନ୍ନ ଜାତିର ତିମି। ସେମାନଙ୍କ ମଧ୍ୟରୁ ହମ୍ପବ୍ୟାକ୍ ତିମି ହେଉଛି ଗୋଟିଏ ଜାତିର। 'ହମ୍ପ'ର ଅର୍ଥ କୁଜ। ହମ୍ପବ୍ୟାକ୍ ତିମିର ପିଠିରେ କୁଜ ରହିଥିବାରୁ ତାର ଏପରି ନାମ କରଣ କରାଯାଇଛି। ବୟସ୍କ ହମ୍ପବ୍ୟାକ୍ ତିମିର ଲମ୍ବ ୫୦ ଫୁଟ ଓ ଓଜନ ୨୫,୦୦୦ ରୁ ୩୦,୦୦୦ କିଲୋଗ୍ରାମ। ଏମାନେ ବଡ଼ ଭଦ୍ର। ଅନ୍ୟମାନଙ୍କର କ୍ଷତି ଓ ଅସୁବିଧା ପ୍ରତି ସର୍ବଦା ଧ୍ୟାନ ଦେଇଥାନ୍ତି। ବଡ଼ ବନ୍ଧୁଭାବାପନ୍ନ ଏମାନେ। ଏମାନେ ଗୀତ ଗାଇବା ଭଳି ଶବ୍ଦ କରିଥାନ୍ତି। ଖାଇଥାନ୍ତି ସମୁଦ୍ର ଚିଙ୍ଗୁଡ଼ି ଓ ଛୋଟ ଛୋଟ ମାଛ।

ତେବେ ଏଠାରେ ଗୋଟିଏ ମାଈ ହମ୍ପବ୍ୟାକ୍ ତିମିର କଥା ତୁମକୁ କୁହାଯାଉଛି। ଘଟଣାଟି ସତ। ଏହା ଘଟିଥିଲା ୨୦୦୫ ମସିହା ଡ଼ିସେମ୍ବର ୧୫ ତାରିଖରେ। କଅଣ ଥିଲା ସେହି ଘଟଣାଟି ?

ମାଛ ଧରାଳିମାନେ ସମୁଦ୍ରରୁ କଙ୍କଡ଼ା ଧରିବା ପାଇଁ ସମୁଦ୍ର ଭିତରେ ବିଛେଇଥାଆନ୍ତି କଙ୍କଡ଼ା ଧରା ପଞ୍ଜୁରି। ସେଥିରେ ବନ୍ଧାହୋଇଥାଏ ଜାଲ।

ଆମେରିକାର ଫାରାଲନ୍ ଦ୍ୱୀପପୁଞ୍ଜ ନିକଟରେ ମାଛ ଧରୁଥିଲା ଲୋକଟିଏ। ତା'ଆଖିରେ ପଡ଼ିଲା ଗୋଟିଏ ମାଇ ହମ୍ପବ୍ୟାକ ତିମି। ସେ କଙ୍କଡ଼ା ଧରା ପଞ୍ଜୁରି ଓ ପଞ୍ଜୁରି ସହ ବନ୍ଧା ହୋଇଥିବା ଜାଲରେ ପୂରାପୂରି ଛନ୍ଦି ହୋଇପଡ଼ିଥିଲା। ପଞ୍ଜୁରିଗୁଡ଼ିକର ଓଜନ ଓ ଜାଲ ତାକୁ ତଳକୁ ଟାଣିବାରେ ଲାଗିଥାଏ ଓ ଜାଲରୁ ମୁକୁଳିବା ପାଇଁ ତିମିଟି ପ୍ରାଣପଣେ ଚେଷ୍ଟା ଚଳେଇଥାଏ। ଗୁଡ଼େଇ ହୋଇଯାଇଥାଏ ତା'ର ଲାଞ୍ଜରେ ଗଣ୍ଠିରେ ଏବଂ ପୁଳାଏ ସୂତା ପଶି ରହିଥାଏ ତା'ର ପାଟିରେ।

ତିମିଟିର ଏଭଳି ଦୁର୍ଘଟଣା ଦେଖି ମାଛ ଧରୁଥିବା ସେହି ଲୋକଟି ବେତାର ଯନ୍ତ୍ର ସାହାଯ୍ୟରେ ଖବର ପଠେଇଦେଲା ଏକ ପରିବେଶ ବିଶେଷଜ୍ଞ ଦଳକୁ। ତିମିଟିକୁ ଉଦ୍ଧାର କରିବା ନିମନ୍ତେ ତୁରନ୍ତ ଆସି ପହଞ୍ଚିବା ପାଇଁ ସେମାନଙ୍କୁ କାତର ଅନୁରୋଧ ଜଣେଇଲା। ଏହି ଖବରଟି ପାଇବା ମାତ୍ରେ ସେଠାରେ ଅସି ପହଞ୍ଚିଗଲେ ଉଦ୍ଧାରକାରୀ ଦଳ। ହେଲେ ତିମିର ଦଶା ଦେଖି ସେମାନେ ବଡ଼ ସମସ୍ୟାରେ ପଡ଼ିଗଲେ। ଜାଲର ସୂତାଗୁଡ଼ିକ ତିମିର ଦେହସାରା ଛନ୍ଦାଛନ୍ଦି ଭାବରେ ଗୁଡ଼େଇ ହୋଇ ରହିଥିଲା। ତେଣୁ ପାଣିରେ ବୁଡ଼ି ଜାଲର ସୂତାଗୁଡ଼ିକୁ କାଟି ପକାଇବା ହିଁ ଥିଲା ତିମିଟିକୁ ମୁକୁଳାଇବାର ଏକମାତ୍ର ବାଟ। ହେଲେ ପାଣିରେ ବୁଡ଼ି ତିମି ପାଖରେ ପହଞ୍ଚିବା ଥିଲା ବଡ଼ ବିପଜ୍ଜନକ। କାରଣ ତା' ପାଖକୁ ଯାଇଥିବା ଉଦ୍ଧାରକାରୀ ଦଳଙ୍କ ପ୍ରତି ବିପଦଟା ରହିଥିଲା ତିମିଆଡୁ। ସେ ଥରେ ତା'ର ଲାଞ୍ଜ ହଲେଇ ଦେଲେ ଲାଞ୍ଜର ଆଘାତରେ ଉଦ୍ଧାରକାରୀଙ୍କର ମୃତ୍ୟୁ ହୋଇଯିବା କିଛି ଅସମ୍ଭବ ନଥିଲା।

ଜୀବନପ୍ରତି ଏହି ବିପଦ ରହିଥିବା ସତ୍ତ୍ୱେ ସେମାନେ ନିଜର ଚେଷ୍ଟା ଜାରି ରଖିଲେ। ବଙ୍କାବଙ୍କା ଛୁରୀଗୁଡ଼ିକ ଦ୍ୱାରା ସେମାନେ ତିମିର ଦେହସହ ଲାଖି ରହିଥିବା ଜାଲକୁ ଧୀରେଧୀରେ କାଟିବାରେ ଲାଗିଗଲେ। ଯାହା ହେଉ, ସେମାନଙ୍କ ଚେଷ୍ଟା ସଫଳ ହେଲା। ଜାଲର ସୂତାଗୁଡ଼ିକୁ କାଟି ଦେବାଫଳରେ ତିମିଟି ଜାଲ କବଳରୁ ମୁକୁଳିଗଲା।

ହେଲେ ଏହାପରେ କଅଣ ହେଲା ? ଜାଲରୁ ମୁକ୍ତ ହେବାପରେ ତିମିଟି କ'ଣ ନିମିଷକ ଭିତରେ ପଳେଇଗଲା ସେଠାରୁ ?

ନା, ସେ ସେଠାରୁ ତତକ୍ଷଣାତ୍ ପଳେଇଗଲାନି। ଖୁବ ଖୁସିରେ ସେ ପ୍ରଥମେ ସେଠାରେ ଚକ୍କର କାଟି ଚାଲିଲା। ତା'ପରେ ?

ତା'ପରେ ସେ ଥର ଥର କରି ପ୍ରତ୍ୟେକ ବୁଡ଼ାଳିଙ୍କ ପାଖରେ ପହଞ୍ଚି ପ୍ରତ୍ୟେକଙ୍କୁ ନିଜ ଥୋମଣି ଦ୍ୱାରା ଅତି ଧୀରେଧୀରେ ଠେଲିଲା। ବାଁ ଡ଼ାହାଣ କରି ପ୍ରତ୍ୟେକଙ୍କୁ ହଲେଇଲା। ଏପରି କରି ସେ ପ୍ରତ୍ୟେକ ବୁଡ଼ାଳିଙ୍କୁ ନିଜର କୃତଜ୍ଞତା ଜଣେଇଥିଲା ଓ ତା ଧାରାରେ ଧନ୍ୟବାଦ ଦେଇଥିଲା।

ଏତିକିରେ ତା କର୍ତ୍ତବ୍ୟ ସରିଲାନି। ଯେଉଁ ବୁଡ଼ାଳି ଜଣକ ତାର ପାଟି ଭିତରେ ଛନ୍ଦି ହୋଇ ରହିଥିବା ଜାଲର ସୂତାଗୁଡ଼ିକୁ କାଟି ପକେଇ ତାର ପାଟିକୁ ମୁକ୍ତ କରିଥିଲେ। ସେହି ବୁଡ଼ାଳିଙ୍କୁ ସେ ବାରମ୍ବାର ରହିଁ ତା'ର ଧନ୍ୟବାଦ ଜଣେଇ ଚାଲିଥିଲା।

ପରେ ସେହି ବୁଡ଼ାଳି ଜଣକ କହିଥିଲେ, "ତା'ର ଚାହାଣିରେ ମୋ ପ୍ରତି ଭରି ରହିଥିଲା ଅଶେଷ କୃତଜ୍ଞତା। ମୋର ଉପକାର ନିକଟରେ ସେ ନିଜକୁ ଋଣୀବୋଲି ମନେ କରୁଥିବାର ଭାବ ଫୁଟିଉଠିଥିଲା ତାର ଦୁଇ ଆଖିରେ। ତା' ଆଖିର ଭାଷାକୁ ମୁଁ ଠିକ୍ ବୁଝିପାରିଥିଲି ଓ ଏହା ମୋ ଅନ୍ତରରୁ କେବେ ବି ପୋଛି ହୋଇଯିବନି । ସବୁଦିନ ପାଇଁ ଏହା ମୋର ମନେ ରହିଥିବ।"

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ ନଂ -୧୧୩୧
ଅଭିନବ ବିଡ଼ାନାସୀ, କଟକ- ୭୫୩୦୧୪



ଜୀବନର ମାପକାଠି ବର୍ଷ ମାସ, ଦିନ ନୁହେଁ, ପ୍ରକୃତ ମାପକାଠି ହେଉଛି ସତ୍‌କାର୍ଯ୍ୟ।- ସେରିଡନ୍



# ପୁଣି ଆସିଗଲା ଫିଫା ବିଶ୍ୱକପ



**ଆଶିଷ କୁମାର ରାୟ**

ଚାରିବର୍ଷର ବ୍ୟବଧାନ ପରେ ପୁଣି ଥରେ ଆସିଯାଇଛି ଫିଫା ବିଶ୍ୱକପ। ବିଶ୍ୱର ସର୍ବାଧିକ ଲୋକପ୍ରିୟ ଖେଳ ଫୁଟବଲର ବିଶ୍ୱକପକୁ ନେଇ ସମଗ୍ର ବିଶ୍ୱରେ ଦେଖା ଦେଇଥିବା ଉତ୍ସାହ, ଉଦ୍ଦୀପନା ଓ ରୋମାଞ୍ଚ ଏବେ ଚରମ ସୀମାରେ। ନଭେମ୍ବର ୨୦ ତାରିଖରୁ ଡିସେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ପଶ୍ଚିମ ଏସିଆର କ୍ଷୁଦ୍ର ଏକ ଆରବ ରାଷ୍ଟ୍ର କାତାରରେ ଆୟୋଜିତ ହେଉଛି ୨୦୨୨ର ଏହି ପ୍ରତିଯୋଗିତା ଏବଂ ଏହା ମଧ୍ୟ ଫିଫା ବିଶ୍ୱକପର ବାଇଶତମ ସଂସ୍କରଣ। ଅପରପକ୍ଷେ ଏସିଆ ମହାଦେଶରେ ଆୟୋଜିତ ହେବା ଦିଗରେ ଏହା ଦ୍ୱିତୀୟ ଫିଫା ବିଶ୍ୱକପ। ୨୦ବର୍ଷ ପୂର୍ବେ ଅର୍ଥାତ୍ ୨୦୦୨ରେ ପ୍ରଥମଥର ସକାଶେ ଏସିଆରେ ଏହାର ଆୟୋଜନ ଜାପାନ ଓ କୋରିଆରେ ହୋଇଥିଲା।

୨୦୨୨ର ବିଶ୍ୱକପ ଫୁଟବଲ ପ୍ରତିଯୋଗିତାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଚିବା ନିମନ୍ତେ ୨୦୪ଟି ଦେଶ ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଅବତୀର୍ଣ୍ଣ ହୋଇଥିବା ବେଳେ ସେଥି ମଧ୍ୟରୁ ୩୨ଟି ଦଳଙ୍କୁ ହିଁ କାତାରରେ ଦେଖିବାକୁ ମିଳିବ। ଏହି ୩୨ଟି ଦଳଙ୍କୁ ବିଭକ୍ତ କରାଯାଇଛି ଆଠଟି ଗ୍ରୁପ୍‌ରେ। ଗ୍ରୁପ୍-ଏରେ ଆୟୋଜକ କାତାର ସହିତ ସାମିଲ ଥିବା ଅନ୍ୟ ତିନିଟି ଦଳ ହେଲେ - ଇକ୍ୱେଡର, ସେନେଗାଲ ଓ ନେଦରଲାଣ୍ଡସ୍। ଗ୍ରୁପ-ବିରେ ଅନ୍ତର୍ଭୁକ୍ତ ହୋଇଥିବା ଚାରିଟି ଦଳ ହେଲେ - ଇଂଲାଣ୍ଡ, ଇରାନ, ୱେଲ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା। ଅନ୍ୟ ଦିଗରେ ଗ୍ରୁପ୍-ସିରେ ଦୁଇଥରର ଚାମ୍ପିଆନ ଆର୍ଜେଣ୍ଟିନା ସହିତ ରହିଛନ୍ତି ସାଉଦି ଆରବ, ମେକ୍ସିକୋ ଏବଂ ପୋଲାଣ୍ଡ। ସେହିଭଳି ଗ୍ରୁପ୍-ଡିରେ ଗତଥରର ବିଜେତା ଫ୍ରାନ୍ସ ସହିତ ଅଛନ୍ତି ଅଷ୍ଟ୍ରେଲିଆ, ଡେନମାର୍କ ଓ ଟ୍ୟୁନିସିଆ ଦଳ। ଗ୍ରୁପ୍-ଇରେ ସାମିଲ ଦୁଇଟି ପୂର୍ବତନ ଚାମ୍ପିଆନ ଦଳ ଜର୍ମାନୀ ଓ ସ୍ପେନ୍ ସହିତ ରହିଛନ୍ତି ଜାପାନ ଓ କୋଷ୍ଟାରିକା। ଷଷ୍ଠ ଗ୍ରୁପ୍ ବା ଗ୍ରୁପ୍-ଏଫ୍ ରେ ଗତ ସଂସ୍କରଣରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା କ୍ରୋଏସିଆ ଓ ବେଲଜିୟମ ରହିଥିବା ବେଳେ ଏମାନଙ୍କ ସହିତ କାନାଡ଼ା ଓ ମରୋକ୍କୋ ମଧ୍ୟ ରହିଛନ୍ତି। ଏହାପରେ ଗ୍ରୁପ୍-ଜି ରେ ରହିଛି ଫିଫା ବିଶ୍ୱକପର ସର୍ବାଧିକ ସଫଳ ଦଳ ତଥା ପାଞ୍ଚଥରର ଚାମ୍ପିଆନ ବ୍ରାଜିଲ ଦଳ। ଆଉ ଏହା ସହିତ ଗ୍ରୁପ୍‌ରେ ସାମିଲ ଅଛନ୍ତି ସର୍ବିୟା, ସ୍ୱିଜରଲାଣ୍ଡ ଓ କାମେରୁନ। ସେହିଭଳି ଅନ୍ତିମ ଗ୍ରୁପ୍-ଏଚ୍ ରେ ଅନ୍ୟ ଏକ ପୂର୍ବତନ ଚାମ୍ପିଆନ ଉରୁଗୁଏ ସହିତ ଅନ୍ତର୍ଭୁକ୍ତ ଅଛନ୍ତି ପର୍ତ୍ତୁଗାଲ, ଘାନା ଓ ଦକ୍ଷିଣ କୋରିଆ ଦଳ।




ପ୍ରାରମ୍ଭିକ ଲିଗ୍ ପର୍ଯ୍ୟାୟରେ ସମସ୍ତ ଗ୍ରୁପ୍‌ରେ ଥିବା ଚାରିଟି ଦଳ ପରସ୍ପର ସହିତ ଖେଳିବା ପରେ ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଲେଖାଏଁ ଦଳ ଦ୍ୱିତୀୟ ରାଉଣ୍ଡକୁ ଉନ୍ନୀତ ହେବେ ଏବଂ ଏହିଠାରୁ ହିଁ ଆରମ୍ଭ ହୋଇଯିବ ନକ୍ ଆଉଟ୍ ମୁକାବିଲା। ମୋଟ ଉପରେ ୬୪ଟି ମ୍ୟାଚ ଖେଳାଯିବ ଏହି ବିଶ୍ୱକପ ଅବସରରେ ଏବଂ ଏ ସମସ୍ତ ମ୍ୟାଚ ଆୟୋଜିତ ହେବ କାତାରର ରାଜଧାନୀ ଦୋହା ସମେତ ପାଞ୍ଚଟି ନଗରୀର ଆଠଟି ଷ୍ଟାଡିୟମରେ। ଦୋହା ବ୍ୟତୀତ ଫିଫା ବିଶ୍ୱକପର ଆୟୋଜନ ହେଉଥିବା ଅନ୍ୟ ନଗରୀଗୁଡ଼ିକ ହେଲା ଲୁସେଲ୍, ଆଲ୍ ରାୟାନ୍, ଆଲ୍ ଖୋର୍ ଏବଂ ଆଲ୍ ୱାକ୍ରାହ୍। ନଭେମ୍ବର ୨୦ ତାରିଖ ଦିନ କାତାର ଓ ଇକ୍ୱେଡର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଆଲ୍ ଖୋର୍‌ର ଆଲ୍ ବାୟତ୍ ଷ୍ଟାଡିୟମର ଖେଳାଯାଉଥିବା ବେଳେ ସେହିଠାରେ ମଧ୍ୟ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଆୟୋଜିତ ହେବ। ପ୍ରଥମ ସେମିଫାଇନାଲ ଏବଂ ଡିସେମ୍ବର ୧୮ ତାରିଖ ଦିନ ହେବାକୁ ଥିବା ଫାଇନାଲ ମୁକାବିଲା ଦେଖିବାକୁ ମିଳିବ ଲୁସେଲ୍‌ର ଆଇକନିକ୍ ଷ୍ଟାଡିୟମରେ। ଏତଦ୍‌ବ୍ୟତୀତ ତୃତୀୟ ସ୍ଥାନ ସକାଶେ ପ୍ଲେ-ଅଫ୍ ମ୍ୟାଚ ଆୟୋଜିତ ହେବ ଆଲ୍ ରାୟାନ୍‌ର ଖଲିଫା ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ। ସାଧାରଣତଃ ସବୁବେଳେ ଫିଫା ବିଶ୍ୱକପ ଟୁର୍ଣ୍ଣାମେଣ୍ଟ ଜୁନ୍-ଜୁଲାଇ ମାସରେ ଖେଳା ଯାଇଥାଏ। ତେବେ କାତାର ଏକ ଗ୍ରୀଷ୍ମପ୍ରଧାନ ଦେଶ ହୋଇଥିବାରୁ ଏଥର ଏହି ପ୍ରତିଯୋଗିତାକୁ ନଭେମ୍ବର ଓ ଡିସେମ୍ବର ମାସରେ କରାଯାଉଛି।

କାତାରରେ ଏଥର ଫୁଟବଲ ବିଶ୍ୱକପର ୨୨ତମ ସଂସ୍କରଣ ଆୟୋଜିତ ହେଉଥିବା ବେଳେ ୯୨ବର୍ଷ ପୂର୍ବେ ଅର୍ଥାତ୍ ୧୯୩୦ ମସିହାରେ ଉରୁଗୁଏରେ ପ୍ରଥମଥର ସକାଶେ ଏହି ଲୋକପ୍ରିୟ ପ୍ରତିଯୋଗିତାର ଅୟମାରମ୍ଭ ହୋଇଥିଲା। ୧୯୨୪ର ପ୍ୟାରିସ୍ ଓ ୧୯୨୮ର ଆମଷ୍ଟରଡାମ୍ ଅଲିମ୍ପିକ୍‌ରେ ଉରୁଗୁଏକୁ ମିଳିଥିଲା ସ୍ୱର୍ଣ୍ଣ ପଦକ ଏବଂ ଏହି ଦଳ ସେ ସମୟରେ ଥିଲା ବିଶ୍ୱର ସର୍ବଶ୍ରେଷ୍ଠ ଫୁଟବଲ ଦଳ। ୧୯୩୦ରେ ଖେଳାଯାଇଥିବା ସେହି ଉଦ୍‌ଘାଟନୀ ବିଶ୍ୱକପର ଫାଇନାଲରେ ମଧ୍ୟ ଉରୁଗୁଏ ଅନ୍ୟ ଏକ ଦକ୍ଷିଣ ଆମେରିକୀୟ ଦେଶ ଆର୍ଜେଣ୍ଟିନାକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିଆନ ହୋଇଥିଲା।



ଜଣେ ଧର୍ମାନ୍ଧ ବ୍ୟକ୍ତି ଇଚ୍ଛା କଲେ ଶହେ ଜଣ ଦସ୍ୟୁଙ୍କ ଠାରୁ ସମାଜର ଅଧିକ କ୍ଷତି ଘଟାଇ ପାରିବ। - ଗ୍ରୀମ୍

ଏହାପରେ ୧୯୩୪ ଓ ୧୯୩୮ କ୍ରମାଗତ ଦୁଇଟି ବିଶ୍ୱକପରେ ଚାମ୍ପିଆନ ହୋଇଥିଲା ଇଟାଲୀ। ସେହି ଦୁଇ ବିଶ୍ୱକପର ଫାଇନାଲରେ ଇଟାଲୀ ଦଳ ଯଥାକ୍ରମେ ପରାସ୍ତ କରିଥିଲା ଚେକୋସ୍ଲୋଭାକିଆ ଓ ହଙ୍ଗେରୀକୁ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଯୋଗୁଁ କିଛିବର୍ଷ ଧରି ବିଶ୍ୱର ସମସ୍ତ କ୍ରୀଡ଼ା ଆୟୋଜନ ବନ୍ଦ ରହିବା ପରେ ଚତୁର୍ଥ ବିଶ୍ୱକପର ଆୟୋଜନ ୧୯୫୦ରେ ଯାଇ ସମ୍ଭବ ହୋଇପାରିଲା। ବ୍ରାଜିଲରେ ଅନୁଷ୍ଠିତ ସେହି ବିଶ୍ୱକପର ଫାଇନାଲରେ ଆୟୋଜକ ଦେଶକୁ ପରାସ୍ତ କରି ଉରୁଗୁଏ ଦ୍ୱିତୀୟଥର ସକାଶେ ବିଶ୍ୱବିଜେତା ହୋଇଥିଲା। ସେହିଭଳି ୧୯୫୪ରେ ସ୍ୱିଜରଲାଣ୍ଡରେ ଅନୁଷ୍ଠିତ ପଞ୍ଚମ ବିଶ୍ୱକପର ଫାଇନାଲରେ ହଙ୍ଗେରୀକୁ ପରାସ୍ତ କରି ଚାମ୍ପିଆନ ହୋଇଥିଲା ପଶ୍ଚିମ ଜର୍ମାନୀ ଦଳ।

ବ୍ରାଜିଲ ଦଳ ୧୯୫୦ରେ ବିଶ୍ୱକପରେ ଚାମ୍ପିଆନ ହେବାରୁ ବଞ୍ଚିତ ହେବା ପରେ ୧୯୫୮ରୁ ଏହାର ଜୟଯାତ୍ରା ଆରମ୍ଭ ହେଲା। ୧୯୫୮ରେ ଆୟୋଜକ ସ୍ୱିଡେନକୁ, ୧୯୬୨ରେ ଚେକୋସ୍ଲୋଭାକିଆକୁ ଏବଂ ୧୯୭୦ରେ ଇଟାଲୀକୁ ଫାଇନାଲରେ ପରାସ୍ତ କରି ବ୍ରାଜିଲ ତିନିଥର ଚାମ୍ପିଆନ ହୋଇଥିଲା। ମଝିରେ ୧୯୬୬ରେ ନିଜ ଦେଶରେ ଆୟୋଜିତ ବିଶ୍ୱକପର ଫାଇନାଲରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରି ଚାମ୍ପିଆନ ହୋଇଥିଲା ଇଂଲାଣ୍ଡ ଦଳ। ତେବେ ତିନିଥର ଚାମ୍ପିଆନ ହୋଇଥିବା ବ୍ରାଜିଲ ପରବର୍ତ୍ତୀ ସମୟରେ ୧୯୯୪ ଓ ୨୦୦୨ରେ ଚାମ୍ପିଆନ ହେବା ସହିତ ୧୯୯୮ରେ ରନର୍ସ ଅପ୍ ହୋଇଥିଲା। ୧୯୯୪ରେ ଇଟାଲୀକୁ ଏବଂ ୨୦୦୨ରେ ଜର୍ମାନୀକୁ ପରାସ୍ତ କରି ବ୍ରାଜିଲ ଚାମ୍ପିଆନ ହୋଇଥିବା ସ୍ଥଳେ ୧୯୯୮ର ଫାଇନାଲରେ ବ୍ରାଜିଲକୁ ହରାଇ ପ୍ରଥମଥର ସକାଶେ ଚାମ୍ପିଆନ ହୋଇଥିଲା ଫ୍ରାନ୍ସ ଦଳ।

ଫୁଟବଲ ବିଶ୍ୱକପରେ ପାଞ୍ଚଥର ଚାମ୍ପିଆନ ହୋଇ ବ୍ରାଜିଲ ବିଶ୍ୱର ସର୍ବାଧିକ ସଫଳ ଦଳରେ ପରିଣତ ହୋଇଥିବା ବେଳେ ଚାରିଥର ଲେଖାଏଁ ଚାମ୍ପିଆନ ହୋଇଥିବା ଇଟାଲୀ ଓ ଜର୍ମାନୀ ମଧ୍ୟ ଅନ୍ୟତମ ଶ୍ରେଷ୍ଠ ଦଳରେ ପରିଗଣିତ ହୋଇଛନ୍ତି। ଇଟାଲୀ ଦଳ ୧୯୩୪ ଓ ୧୯୩୮ ପରେ ୧୯୮୨ର ଫାଇନାଲରେ ପଶ୍ଚିମ ଜର୍ମାନୀକୁ ଏବଂ ୨୦୦୬ର ଫାଇନାଲରେ ଫ୍ରାନ୍ସକୁ ପରାସ୍ତ କରି ଚାରିଥର ବିଶ୍ୱକପ ଟ୍ରଫି ହାସଲ କରିବା ଦିଗରେ ସମର୍ଥ ହୋଇଛି। ଅନ୍ୟ ଦିଗରେ ୧୯୫୪ରେ ପ୍ରଥମଥର ଚାମ୍ପିଆନ ହୋଇଥିବା ପଶ୍ଚିମ ଜର୍ମାନୀ ଦଳ ୧୯୭୪ର ଫାଇନାଲରେ ନେଦରାଲଣ୍ଡସ୍‌କୁ ଏବଂ ୧୯୯୦ର ଫାଇନାଲରେ ଆର୍ଜେଣ୍ଟିନାକୁ ହରାଇ ବିଜୟୀ ହୋଇଥିଲା। ଇତିମଧ୍ୟରେ ୧୯୭୮ରେ ନେଦରଲାଣ୍ଡସ୍‌କୁ ଏବଂ ୧୯୮୬ର ଫାଇନାଲରେ ପଶ୍ଚିମ ଜର୍ମାନୀକୁ ହରାଇ ଦୁଇଥର ଚାମ୍ପିଆନ ହେବାର ଗୌରବ ଅର୍ଜନ କରିଥିଲା ଆର୍ଜେଣ୍ଟିନା। ତେବେ ଜର୍ମାନୀର ଏକତ୍ରୀକରଣ ପରେ ଏହି ଦଳ ୨୦୦୨ରେ ରନର୍ସ ଅପ୍ ହେବା ସହିତ ୨୦୧୪ର ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତକରି ଚାମ୍ପିଆନ ମଧ୍ୟ ହୋଇଛି।

ଉପରୋକ୍ତ ଦଳଗୁଡ଼ିକ ବ୍ୟତୀତ ଫୁଟବଲ ବିଶ୍ୱକପରେ ଚାମ୍ପିଆନ ହୋଇଥିବା ଅନ୍ୟ ଦଳଟି ହେଲା ସ୍ପେନ୍। ୨୦୧୦ର ବିଶ୍ୱକପରେ ଏହି ଦଳ ଫାଇନାଲରେ ନେଦରଲାଣ୍ଡସ୍‌କୁ ହରାଇ ବିଜୟୀ ହୋଇଥିଲା। ନେଦରଲାଣ୍ଡସ୍ କିନ୍ତୁ ତିନିଥର ଫାଇନାଲ ଖେଳିବା ସତ୍ତ୍ୱେ କେବେହେଲେ ବିଶ୍ୱକପ ଟ୍ରଫି ହାସଲ କରିପାରିନାହିଁ। ୨୦୧୮ରେ ରୁଷରେ ଖେଳାଯାଇଥିବା ଗତ ବିଶ୍ୱକପରେ କ୍ରୋଏସିଆକୁ ହରାଇ ଫ୍ରାନ୍ସ ଦ୍ୱିତୀୟଥର ସକାଶେ ଚାମ୍ପିଆନ ହୋଇଥିଲା। ଆଉ ଏଥର କେଉଁ ଦଳ ଫିଫା ବିଶ୍ୱକପରେ ବିଜୟୀ ହେବ ତାହା ଡିସେମ୍ବର ୧୮ତାରିଖ ଦିନ ହିଁ ଜଣାପଡ଼ିବ।

ମୋ - ୯୪୩୭୬୨୭୫୧୪

## ବାସ୍ତବତା

**ସତ୍ୟନାରାୟଣ ସିଂହ**

ନବୀନ ଉତ୍ସାହେ ହସି ଉଠେ ସୂର୍ଯ୍ୟ ଉଷାର ପଣତ ଫେଇ,
କିରଣ ବିସ୍ତାରି ଆତ୍ମହରା ହୁଏ ପ୍ରାନ୍ତର ପାହାଡ଼ ଛୁଇଁ ।
ମନ୍ଦିରରୁ ଶୁଭେ ଘଣ୍ଟଧ୍ୱନି ସହ ଧୂପଆଳତି ବାସନା,
ମସ୍‌ଜିଦ୍‌ର ଆଲ୍ଲା ଆକ୍‌ବର ଶବ୍ଦ ଗିର୍ଜାର ଗୀତପ୍ରାର୍ଥନା ।
ଛୁଇଁଛୁଇଁ ଯାଏ ମରମେ ମରମେ ଆକୁଳିତ ସର୍ବମନ,
ସବିତା ଆନନ୍ଦେ ଉଷାରୁ ପ୍ରଦୋଷେ କରନ୍ତି କିରଣଦାନ ।
ଆକାଶରେ ଆସେ କଳାମେଘ ଘୋଟି ଝରଝର ବର୍ଷାଝରେ ,
ସଭିଏଁ କରନ୍ତି ବର୍ଷାର ବନ୍ଦନା ଝରେ ବର୍ଷା ପ୍ରତି ଘରେ ।
ଥରିଥରି ଆସେ କୁଆଁର ପୂନିଅ ଚାନ୍ଦ ଚକଟାରେ ଶୀତ,
ଚଦର କମ୍ବଳ ଗନ୍ଥା ଲୋଡାହୁଏ ନର ପଶୁପକ୍ଷୀ ଭୀତ ।
ବସନ୍ତ ଆସଇ ପରଷି ଦିଅଇ ମଳୟ ବାଆ ପୁଲକେ,
ମରତ ବାସୀଙ୍କ ପରାଣେ ଜାଗଇ ନୂତନ ଆଶା ଆନନ୍ଦେ।
ଦେବତା ସୂରୁଯ ଦେବତା ପବନ ଦେବତା ତ ଇନ୍ଦ୍ରଦେବ,
ମାନବ ସେବାରେ ଆନନ୍ଦ ହୁଅନ୍ତି ଭୁଲି ଭେଦା ଭେଦଭାବ।
ମସ୍‌ଗୁଲ୍ ହେବା ବ୍ରହ୍ମ ଚେତନାରେ ଏକ ବ୍ରହ୍ମ ଦୁଇ ନାସ୍ତି,
ରାମ୍ ରହିମ୍ ଯୀଶୁ ପ୍ରାଣରେ ଦେବତା ନାହିଁ ଭେଦଭାବ ଜାତି ।

ସାମ୍ବାଦିକ ସୁଜନ
ଭବାନୀପୁର, ପିପିଲି, ପୁରୀ

ଡ଼ାକଟିକଟରୁ ଜ୍ଞାନ

# ଚାରିଧାମ

ଡ. ଭବାନୀ ଶଙ୍କର ଦାଶ



ଧର୍ମ ଜୀବନକୁ ବହୁମାତ୍ରାରେ ପ୍ରଭାବିତ କରିଥାଏ । ବିଶ୍ୱରେ ଧର୍ମୀୟ ବିଶ୍ୱାସ, ପ୍ରଥା, ପରମ୍ପରା ଜୀବନକୁ ବହୁମାତ୍ରାରେ ପରିଚାଳିତ କରିଥାଏ । ହିନ୍ଦୁଧର୍ମରେ ତୀର୍ଥଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଶ୍ୱାସର ସହିତ ଧର୍ମସ୍ଥାନକୁ ତୀର୍ଥଯାତ୍ରା କରିବା ଦ୍ୱାରା ମୋକ୍ଷ ବା ନିର୍ବାଣ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ ।

ଉତ୍ତରାଖଣ୍ଡ ରାଜ୍ୟର ଚାରିଧାମ ହେଉଛି ପବିତ୍ର ସ୍ଥାନ ଯେଉଁଠିକି ଅନେକ ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯାଇଥାନ୍ତି । ଏଠାରେ ପ୍ରାକୃତିକ ପରିବେଶର ମନଲୋଭା ଦୃଶ୍ୟ ଉପଭୋଗ କରିବା ସହିତ ଭଗବାନଙ୍କ ଦିବ୍ୟ ଦର୍ଶନ ଲାଭ କରିବାକୁ ପ୍ରତ୍ୟେକ ହିନ୍ଦୁମାନଙ୍କର କାମନା ରହିଥାଏ । ଏହି ପବିତ୍ର ସ୍ଥାନଗୁଡ଼ିକ ହେଲା ଯମୁନୋତ୍ରୀ, ଗଙ୍ଗୋତ୍ରୀ, କେଦାର ନାଥ ଓ ବଦ୍ରିନାଥ ।




**ଯମୁନୋତ୍ରୀ** ଭାରତର ପ୍ରସିଦ୍ଧ ନଦୀ ଯମୁନାର ଉତ୍ପତ୍ତିସ୍ଥଳ । ବିଶ୍ୱାସ କରାଯାଏ ଯେ ଏଠାରେ ଗୁଡ଼ ପକାଇଲେ ପାପ ନଷ୍ଟ ହୋଇଯାଏ । ଏଠାରେ ରାଜା ତେହେରିଙ୍କ ଦ୍ୱାରା ନିର୍ମିତ ଏକ ମନ୍ଦିର ୧୮୩୯ ରୁ ରହିଛି । ଏଠାରେ କଳା ମାର୍ବଲ ପଥରର ଯମୁନା ଦେବୀ ଓ ଧଳା ପଥରର ଗଙ୍ଗାମାତାଙ୍କ ମୂର୍ତ୍ତି ଅଛି । ଏଠାରେ ସୂର୍ଯ୍ୟକୁଣ୍ଡ ନାମରେ ଏକ ଉଷ୍ମ ପ୍ରସ୍ରବଣ ରହିଛି । ଯେଉଁଠି ଶ୍ରଦ୍ଧାଳୁମାନେ ଆଳୁ ଓ ଚାଉଳ ସିଝାଇ ଦେବୀଙ୍କ ପ୍ରସାଦ ରୂପେ ଗ୍ରହଣ କରିଥାନ୍ତି ।




ସେହିପରି ଗଙ୍ଗାମାତାଙ୍କ ନିମନ୍ତେ **ଗଙ୍ଗୋତ୍ରୀ**ରେ ଏକ ମନ୍ଦିର ଭାଗୀରଥି ନଦୀ କୂଳରେ ଅଛି । ମନୁଷ୍ୟମାନଙ୍କ ଉଦ୍ଧାର ଓ ମାନବ କଲ୍ୟାଣ ପାଇଁ ଏଠାରେ ଗଙ୍ଗାବତରଣ ହୋଇଥିଲା । ଏହି ନଦୀ ଗୋମୁଖ ନାମକ ଗ୍ଲାସିୟରରୁ ଉତ୍ପନ୍ନ ଯାହାକି ଏଠାରୁ ୧୮କି.ମି. ଦୂରରେ ଅବସ୍ଥିତ ।




**କେଦାରନାଥ,** ରୁଦ୍ରପ୍ରୟାଗ ଜିଲ୍ଲାରେ ସମୁଦ୍ର ପତନଠାରୁ ୭୩,୫୦୦ ମିଟର ଉପରେ ଅବସ୍ଥିତ । ଏଠାରେ ବର୍ଷତମାମ ବରଫ ଦେଖାଯାଏ । ଏଠାରେ ଶିବ କେଦାରନାଥ ରୂପେ ପୂଜା ପାଆନ୍ତି । ଶୀତଦିନେ ଏଠାରେ ମୂର୍ତ୍ତିକୁ ନିକଟସ୍ଥ ଉଖି ମଠ ନିକଟକୁ ଉତ୍ସବ ମାଧ୍ୟମରେ ସ୍ଥାନାନ୍ତରିତ କରାଯାଏ ।




**ବଦ୍ରିନାଥ** ବା ବଦ୍ରିନାରାୟଣ ଏକ ବିଷ୍ଣୁଙ୍କ ମନ୍ଦିର ଅଟେ । ଯାହାକି ଚମୋଲି ଜିଲ୍ଲାରେ ଅଳକାନନ୍ଦା ନଦୀ ନିକଟରେ ଅବସ୍ଥିତ । ଏହାର ନାମ ଏଠାରେ ଥିବା ଏକ ବଦ୍ରିଗଛ, ଯେଉଁଠି ଭଗବାନ ବିଷ୍ଣୁ ଧ୍ୟାନ କରୁଥିଲେ । ଏହାକୁ ନେଇ ନାମିତ । ବିଷ୍ଣୁପୁରାଣ, ସ୍କନ୍ଦ ପୁରାଣରେ ଏହି ସ୍ଥାନର ମହିମା ବର୍ଣ୍ଣିତ । ଏଠାରେ ଏକ ପ୍ରସିଦ୍ଧ ଉତ୍ସବ ପାଳନ କରାଯାଏ । ଯାହାକୁ "ମାତା ମୂର୍ତ୍ତିର ମେଳା" ବା ଗଙ୍ଗାମାତାଙ୍କ ପୃଥିବୀ ଅବତରଣକୁ ନେଇ ଅନୁଷ୍ଠିତ ହୁଏ ।

ବିଶ୍ୱାସ କରାଯାଏ ଯେ ଚାରିଧାମ ଯାତ୍ରା ଦ୍ୱାରା ଜୀବନର ସୁଖ, ସମୃଦ୍ଧି ପ୍ରାପ୍ତି ହୁଏ । ଏହି ଯାତ୍ରା ଦୁର୍ଗମ ଅଞ୍ଚଳ ଦେଇ ଯିବାକୁ ହୁଏ ଓ ଅତି କଷ୍ଟଦାୟକ ଅଟେ । ଏହି ସ୍ଥାନଗୁଡ଼ିକର ପାଣିପାଗ ସର୍ବଦା ପରିବର୍ତ୍ତିତ ହୋଇଥାଏ ଓ ଯାତ୍ରୀମାନଙ୍କ ଅଧିକ ସମସ୍ୟାର ସାମନା କରିବାକୁ ହୁଏ । ଭାରତୀୟ ଧର୍ମ ଓ ସଂସ୍କୃତିରେ ଏହି ସ୍ଥାନଗୁଡ଼ିକର ସ୍ୱତନ୍ତ୍ର ପ୍ରାଧାନ୍ୟ ରହିଛି ।

ଭାରତୀୟ ଡ଼ାକ ତରଫରୁ ଏହି ଚାରିଧାମ (ଉତ୍ତରାଖଣ୍ଡ) ର ମହାନତା ଓ ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେଇ ୪ଟି ସ୍ମରଣୀୟ ଡ଼ାକଟିକଟ ୨୯.୧୧.୨୦୧୯ ରେ ଉନ୍ମୋଚନ କରିଛନ୍ତି । ଏହା ଭାରତୀୟ ସଂସ୍କୃତି, ପରମ୍ପରା ଓ ଧର୍ମୀୟ ଭାବନା ପ୍ରତି ଏକ ବିଶିଷ୍ଟ ସମ୍ମାନ ଅଟେ ।

ଜେ.କେ.ପୁର, ରାୟଗଡ଼ା
ମୋ -୯୪୩୭୧୩୧୯୯୬

## ସୁନ୍ଦର ତ୍ୱଚା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ

ଆପଣ ଯଦି ଉଜ୍ଜ୍ୱଳ ତ୍ୱଚା ପାଇଁ ଚାହୁଁଛନ୍ତି ତେବେ ଆପଣଙ୍କୁ କିଛି ଟିପ୍‌ସକୁ ଆପଣେଇବାକୁ ପଡ଼ିବ । ଆଜିର ସମାଜରେ ଅନେକ କିଛି ତ୍ୱାଚା ପାଇଁ କ୍ରିମ୍ ଓ ଚିକିତ୍ସା କରୁଥିବାର ନଜର ରହିଛି । ବିଶେଷ କରି ଗ୍ଲାମର ଦୁନିଆରେ ଅଧିକ ପରିମାଣରେ ତ୍ୱଚାର ସୌନ୍ଦର୍ଯ୍ୟ ପାଇଁ ଭିନ୍ନ ଭିନ୍ନ ପନ୍ଥା ଅବଲମ୍ବନ କରୁଥିବାର ଜଣାଯାଏ । ଫଳ ଓ ପନିପରିବାରେ ଅଧିକ ପରିମାଣର ଆଣ୍ଟି ଅକ୍ସାଇଡ୍ ଭାଗ ରହୁଥିବାରୁ ଏହା ଅଧିକ ଉଜ୍ଜ୍ୱଳପଣ ସୃଷ୍ଟି କରିବାରେ ସହାୟକ ହୋଇଥାଏ । ସେହିପରି ଆପଣ ଯଦି ଅଧିକ ପରିମାଣ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଉଛନ୍ତି ତେବେ ଏହା ତ୍ୱଚା ପାଇଁ ମଧ୍ୟ ଭଲ । ପ୍ରତିଦିନ ୬ରୁ ୮ ଗ୍ଲାସ୍ ପାଣି ମଧ୍ୟ ପିଇବା ଉଚିତ୍ । କାରଣ ଚର୍ମ ଆର୍ଦ୍ରତା ଚାହିଁଥାଏ । ଯେତେବେଳେ ତ୍ୱଚା ଶୁଷ୍କ ଦେଖାଯାଏ ନିର୍ଜଳୀକରଣ ପାଇଁ ହୋଇଥାଏ । ସାଧାରଣତଃ ମୌଳିକ ସମସ୍ୟା ଧୂମପାନ, ବାୟୁ ପ୍ରଦୂଷଣ ଓ ଟାଣ ସୂର୍ଯ୍ୟକିରଣ ଯୋଗୁ ତ୍ୱଚାରେ ଦାଗ ପରିଲକ୍ଷିତ ହୋଇଥାଏ । ଏସବୁର ନିରାକାରଣ ସହ ପ୍ରୋଟିନ୍‌ଯୁକ୍ତ ଫଳ, ପନିପରିବାକୁ ନିୟମିତ ଖାଦ୍ୟ ରୂପେ ଗ୍ରହଣ କରିବା ଉଚିତ୍ ।



ଜୀବନର ସବୁଠାରୁ ବଳି କଠିନ ସମସ୍ୟା ହେଉଛି ନିଜକୁ ଚିହ୍ନିବା । - ଥେଲସ୍

# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି



## ଆପଣ ଜାଣନ୍ତି କି ?

୧) ଆମାଜନ ନଦୀ ଉପତ୍ୟକା ପୃଥିବୀର ବୃହତ୍ତମ ନଦୀ ଉପତ୍ୟକା ଯାହା ବିଶ୍ୱର ସମଗ୍ର ମଧୂର ଜଳର ଏକ ପଂଚମାଂଶ ଜଳକୁ ଧାରଣ କରିଥାଏ।

୨) ଭାରତର ଉତ୍ତର ପୂର୍ବରେ ଅବସ୍ଥିତ ମେଘାଳୟ ପୃଥିବୀର ସର୍ବାଧିକ ଓଦାଳିଆ ସ୍ଥାନ। ୧୯୭୪ ମସିହାରେ ଏଠାରେ ସର୍ବାଧିକ ୨୪ ମିଟର ବର୍ଷା ରେକର୍ଡ କରାଯାଇଥିଲା। ଏହାର ଉଚ୍ଚତା ଦୁଇଟି ଡବଲ ଡେକର ବସ୍‌ର ଉଚ୍ଚତା ସହ ସମାନ ଅଟେ।

୩) ନ୍ୟୁୟର୍କ ସିଟିରେ ପ୍ରାୟ ୯୬ ମିଲିଅନ ସଂଖ୍ୟକ ମୂଷା ଅଛନ୍ତି ଅର୍ଥାତ ଜଣେ ଜଣେ ମଣିଷ ପିଛା ୧୨ରୁ ୧୫ ମୂଷା ଏଠାରେ ବାସ କରନ୍ତି।

୪) ଗ୍ରୀନଲାଂଡରେ ଯେତିକି ବରଫ ଚଟାଣ ରହିଛି ତାହା ଯଦି ତରଳିଯାଏ ତେବେ ସମୁଦ୍ର ଜଳସ୍ତରର ଉଚ୍ଚତା ୭ ମିଟର ବଢିଯିବ କାରଣ ଏଠାରେ ସମଗ୍ର ବିଶ୍ୱର ମଧୂର ଜଳର ୧୦% ବରଫ ଆକାରରେ ଗଚ୍ଛିତ ଅଛି।

୫) ଇଥିଓପିଆରେ ସିମିଏନ୍ ନାମକ ପାହାଡିଆ ଅଂଚଳ ରହିଛି ଯେଉଁଠି ଗାଁ ମାନଙ୍କ ମଧ୍ୟରେ ବଡ ବଡ ତୀଖ ପାହାଡ ସବୁ ରହିଛି। ବିଜ୍ଞାନର ଏତେ ଉନ୍ନତି ହେଲେ ହେଁ ଆଜି ବି କିଛି ସମ୍ବାଦ ପ୍ରେରଣ ବା ବାର୍ତ୍ତା ଦେବାକୁ ପାହାଡ ଉପରକୁ ଉଠି ଜୋରରେ ପାଟି କରି ସେହି କଥାକୁ କହିଥାନ୍ତି। ଏହା ପ୍ରାୟ ୩ କିମି ପର୍ଯ୍ୟନ୍ତ ଶୁଣାଯାଏ।

୬) ବିଶ୍ୱର ସମଗ୍ର ଜନ ସଂଖ୍ୟାର ଏକ ତୃତୀୟାଂଶ ଅର୍ଥାତ ୨.୪ ବିଲିଅନ୍ ଲୋକ ସମୁଦ୍ର ଉପକୂଳର ୧୦୦ କିମି ପରିଧୀରେ ବାସ କରନ୍ତି, ଯେଉଁ ମାନଙ୍କ ମୁଖ୍ୟ ଖାଦ୍ୟ ମାଛ ଅଟେ। ସମୁଦ୍ରରୁ ମିଳୁଥିବା ୯୦% ମାଛକୁ ଏମାନେ ପ୍ରୋଟିନ ଉତ୍ସ ବୋଲି ମନେ କରନ୍ତି।

୭) ଘୋଡାର ପଛ ପଟେ କେବେ ଛିଡା ହେବେନାହିଁ କାରଣ ସେ ଆପଣଙ୍କୁ ତାର ଶତୃ ଭାବି ଆପଣଙ୍କୁ ଲାତ ମାରିପାରେ। ଯଦି ସୁରକ୍ଷିତ ରହିବାକୁ ଚାହାନ୍ତି ତେବେ ତା'ର ସମ୍ମୁଖ ଭାଗ କିମ୍ବା ବାମ ପାଖରୁ ଆସିବେ। ଏହି ଜନ୍ତୁ ଅଧ ଘଂଟା ରୁ ଅଧିକ ସମୟ ବସି କିମ୍ବା ଶୋଇ ରହିପାରନ୍ତି ନାହିଁ। ଏମାନେ ଠିଆଠିଆ ଶୋଇ ପାରନ୍ତି ଏବଂ ସର୍ବଦା ସତର୍କ ରହିଥାନ୍ତି।


**ଉଲ୍ :** ବୋଧହୁଏ ଉଲ ହେଉଛି ପ୍ରଥମ ସୂତା, ଯାହାକୁ ମଣିଷ ଲୁଗାପଟା ତିଆରିରେ ବ୍ୟବହାର କରିଥିଲା। ଆଦିମ ମଣିଷ ଯେତେବେଳେ ଶିକାର କରିବା ଛାଡି ପଶୁ ପାଳନକୁ ଆପଣାଇଲ, ସେତେବେଳେ ଅସଭ୍ୟରୁ ସଭ୍ୟ ହେବାକୁ ଚେଷ୍ଟା କଲା। ଏମାନଙ୍କୁ ବାନ୍ଧିବା ପାଇଁ ରସିକୁ ବି ସେ ଉଲରୁ ତିଆରି କଲା । ଜଣାଯାଏ ଯେ, ଏହାର ବ୍ୟବହାର ପ୍ରାୟ ୩୫୦୦ ବର୍ଷ ତଳେ ଆରମ୍ଭ ହୋଇଥିଲା। ଏହାର ଅବଶେଷ ପ୍ରଥମେ ଗ୍ରୀସ୍ ଦେଶର ଏକ କଲୋନୀରୁ ମିଳିଥିଲା । ଯେତେବେଳେ ଲୋମଶ ପ୍ରାଣୀମାନେ ତାଙ୍କ ଶରୀରରୁ ଲୋମ ତ୍ୟାଗ କରନ୍ତି, ତା'କୁ ମଣିଷ ପ୍ରଥମେ ନେଇ ସୂତା ତିଆରି କଲା। ପରେ ମେଣ୍ଢାକୁ ମାରି ମାଂସ ଖାଇଲା ପରେ ତା'ର ଲୋମରୁ ଉଲ ତିଆରି କରିବା ଶିଖିଥିଲା। ଖ୍ରୀଷ୍ଟପୂର୍ବ ୧୮୦୦ ବେଳକୁ ବେବିଲୋନୀୟ ସଭ୍ୟତାର ଲୋକମାନେ ଉଲ ସଂଗ୍ରହ କ୍ଷେତ୍ରରେ ଖୁବ ନାଁ କମାଇଥିଲେ। ୪୫ ଖ୍ରୀଷ୍ଟାବ୍ଦ ବେଳକୁ ରୋମୀୟମାନେ ସ୍ପେନ ବିଜୟ କଲାପରେ ନିଜର ମେଣ୍ଢାମାନଙ୍କୁ ଆଫ୍ରିକା ଓ ୟୁରୋପରୁ ଆନୀତ ମେଣ୍ଢାଙ୍କ ସହ ସଙ୍ଗମ କରାଇ ଶଙ୍କର ଜାତୀୟ ମେଣ୍ଢା ସୃଷ୍ଟି କଲେ, ଯେଉଁମାନଙ୍କୁ 'ସ୍ପେନୀୟ ମେରୀନୋ' କୁହାଗଲା। ଏମାନଙ୍କ ରଙ୍ଗ ସଫା ଧଳା ଥିଲା ଏବଂ ଏଥିରୁ ଅତି ଉନ୍ନତ ମାନର ହାଲୁକା ଉଲ୍ ପ୍ରସ୍ତୁତ ହୋଇଥିଲା। ଏହାର ଚାହିଦା ଏତେ ଅଧିକ ଥିଲା ଯେ ମଧ୍ୟ ଯୁଗରେ ସମଗ୍ର ବିଶ୍ୱରେ ସ୍ପେନ ଏହାର ବଜାର ସାଜି ବିପୁଳ ଅର୍ଥ ରୋଜଗାର କରିଥିଲା। ଏକଚାଟିଆ ବ୍ୟବସାୟ କରିବାକୁ ଏ ଦେଶରୁ ସେମାନେ ମେରିନୋ ମେଣ୍ଢାକୁ ନିଜ ଦେଶରୁ ବାହାରକୁ ଯିବାପାଇଁ ଛାଡୁ ନଥିଲେ। ଚୋରାଚାଲାଣ ବେଳେ ଧରା ପଡିଲେ ଚୋରକୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରା ଯାଉଥିଲା।





ଜୀବନରେ ବହୁ ଦୁଃଖ , ଦୁର୍ଦ୍ଦଶା ସହିତ ଲଢ଼ିବାକୁ ପ୍ରଭୁ ଆମକୁ ଦୁଇଟି ଅସ୍ତ୍ର ଦେଇଛନ୍ତି - ଆଶା ଆଉ ନିଦ୍ରା। - ଭଲଟାୟର୍


**ପୁନଃ ଚକ୍ରୀକରଣ ପ୍ରକ୍ରିୟା** ଅଧିକାଂଶ ଜିନିଷକୁ କିଛିଦିନ ବ୍ୟବହାର କଲାପରେ, ଆମେ ତାକୁ ଏଣେତେଣେ ଫୋପାଡି ଦେଇଥାଉ ଯାହା ପରିବେଶକୁ ପ୍ରଦୂଷିତ କରିଥାଏ। ଏହାକୁ ପୁନଃ ବ୍ୟବହାର କରି ଏଥିରୁ ଉପାଦେୟ ଜିନିଷ ତିଆରି କରିବା ପ୍ରଣାଳୀକୁ ପୁନଃ ଚକ୍ରିକରଣ ପ୍ରକ୍ରିୟା କୁହାଯାଏ। ଆଜିକାଲି ବର୍ଜ୍ୟବସ୍ତୁ ପାଇଁ ତିନୋଟି ଶବ୍ଦ 'Reduce Reuse Recycle' ବ୍ୟବହାର କରାଯାଉଛି। ଆଜିକାଲି କାଗଜ, କାଚ, ଲୁଗା, ପ୍ଲାଷ୍ଟିକ, ଧାତବ ବସ୍ତୁ ଏବଂ ଇଲୋକ୍ଟ୍ରନିକ ସାମଗ୍ରୀର ପୁନଃ ବ୍ୟବହାର କରାଯାଇପାରୁଛି। ଇତିହାସ ଦର୍ଶାଏ ଯେ, ହଜାର ହଜାର ବର୍ଷ ତଳେ ମଣିଷ ଏହି ପ୍ରକ୍ରିୟା ବାବଦରେ ଜାଣିଥିଲା। ଏହି ଜାତୀୟ ବସ୍ତୁ ସବୁକୁ ବିଭିନ୍ନ ସୂତ୍ରରୁ ସଂଗ୍ରହ କରା ଯାଇଥାଏ, ଯଥା ଅଳିଆଗଦା, କବାଡିଖାନା ଏବଂ ମ୍ୟୁନିସିପାଲିଟି ଦ୍ୱାରା ଘରଘର ବୁଲି ଏହାକୁ ସଂଗ୍ରହ କଲାପରେ ତାର ବର୍ଗୀକରଣ କରାଯାଏ। ଧାତୁ ସବୁକୁ ଆବର୍ଜନାରୁ ପୃଥକ କରିବା ପାଇଁ ବୃହତ ଶକ୍ତିଶାଳୀ ଚୁମ୍ବକ ବ୍ୟବହାର କରାଯାଏ। କାଗଜକୁ ତିନୋଟି ଉପାୟରେ ପୁନଃ ଚକ୍ରିକରଣ କରାଯାଏ। ଏହାକୁ ମିଲବ୍ରୋକ୍, ପ୍ରି କନ୍‌ଜ୍ୟୁମର ଆବର୍ଜନା ଓ ପୋଷ୍ଟ କନ୍‌ଜ୍ୟୁମର ଆବର୍ଜନା ଭାବେ ପୃଥକ କରାଯାଏ। ସବୁଠାରୁ ଅସୁବିଧା ହୁଏ ପ୍ଲାଷ୍ଟିକ ଆବର୍ଜନାର ପୁନଃ ଚକ୍ରିକରଣ କରିବାରେ, କାରଣ ସବୁ ପ୍ଲାଷ୍ଟିକ ସମାନ ନୁହଁ। କେତେ ପ୍ରକାର ପ୍ଲାଷ୍ଟିକକୁ ତ ମୋଟେ ପୁନଃ ବ୍ୟବହାର କରି ହୁଏ ନାହିଁ ଏବଂ ସେଗୁଡିକ ସମଗ୍ର ବିଶ୍ୱର ପରିବେଶ ପାଇଁ ବିପଦର କାରଣ ସାଜିଛନ୍ତି। ଘଟଣା ଏପରି ହୋଇଛି ଯେ, ବିଶାଳ ସ୍ଥୁର ବକ୍ଷ ଓ ଏଭେରେଷ୍ଟ ଶୃଙ୍ଗ ବି ଏହା କବଳରୁ ମୁକ୍ତି ପାଇ ନାହାନ୍ତି। ସବୁଠାରୁ ସହଜରେ ଆଲୁମିନିଅମକୁ ପୁନଃ ଚକ୍ରିକରଣ କରା ଯାଇପାରେ ଏବଂ ଏଥିରେ ମାତ୍ର ୫% ଶକ୍ତି ଖର୍ଚ୍ଚ ହୋଇଥାଏ।




**ଭାରତୀୟ ରେଳବାଇ** ପ୍ରାୟ ୬୩,୯୭୪ କିମି ସୁଦୀର୍ଘ ରେଳପଥ ସହିତ ବିଶ୍ୱର ୪ର୍ଥ ବୃହତ ରେଳ ଯାତାୟତକୁ ନେଇ ଭାରତୀୟ ରେଳବାଇ ନେଟୱାର୍କ ପରିଚାଳିତ। ଅନ୍ୟ ତିନୋଟି ରାଷ୍ଟ୍ର ହେଲେ ଆମେରିକା, ରୁଷ୍ ଏବଂ ଚୀନ। ଏବେ ଏହା ବର୍ଷକୁ ଏକ ନିୟୁତ ଟନ୍ ମାଲ୍ ନେବା ଆଣିବା କ୍ଲବ୍ ରେ ନିଜକୁ ସାମିଲ କରିପାରଛି। ଏହି ବୃହତ ନେଟୱାର୍କରେ ସାମିଲ ହୋଇଛନ୍ତି, ୧୨୦୦୦ ଯାତ୍ରୀବାହୀ ଓ ୭୦୦୦ ମାଲବାହୀ ଟ୍ରେନ୍। ଏହି ଟ୍ରେନ୍ ସବୁ ୭,୦୮୩ ଟି ଷ୍ଟେସନ୍ ମଧ୍ୟ ଦେଇ ଯାତାୟତ କରେ। ବିଶ୍ୱର ସବୁଠାରୁ ଲମ୍ବା ପ୍ଲାଟଫର୍ମ ହିସାବରେ ଖଡଗପୁରକୁ ନିଆଯାଏ ଯାହାର ଲମ୍ବ ୨୭୩୩ ଫୁଟ। ଦେଶର ଏକ ଅଂଶରୁ ଅନ୍ୟ ଅଂଶକୁ ଦୈନିକ ୨୬.୫ ଲକ୍ଷ ଟନ୍ ମାଲ ପରିବାହିତ ହୋଇଥାଏ। ଯାତ୍ରୀ ଭାବେ ଦୈନିକ ୨୩୦ ଲକ୍ଷ ଓ ବର୍ଷକୁ ୭୨ କୋଟି ଲୋକ ଏଥିରେ ଗମନାଗମନ କରିଥାନ୍ତି। ପ୍ରାୟ ୧୪ ଲକ୍ଷ କର୍ମଚାରୀ ଏହାର ଅଧିନରେ ଚାକିରୀ କରିଥାନ୍ତି। ତେଣୁ ଏହି ସଂସ୍ଥାକୁ ବିଶ୍ୱର ୭ମ ବୃହତ କର୍ମ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ବୋଲି ମାନ୍ୟତା ମିଳିଛି। ଭାରତୀୟ ରେଳବାଇର ରାଜସ୍ୱ ଆଧାର ୧୦୬,୦୦୦ କୋଟି ଟଙ୍କା। ୧୭୦ ବର୍ଷ ହେଲା କ୍ରମାଗତ ଭାବେ ଏହା ସେବା ପ୍ରଦାନ କରି ଚାଲିଛି। ଏହା ଅଧିନରେ ପ୍ରଥମ ଟ୍ରେନ୍ ୧୮୪୩ ମସିହା ଏପ୍ରିଲ୍ ୧୬ ରେ ମୁମ୍ବାଇରୁ ଥାନେ ମଧ୍ୟରେ ଯାତ୍ରା କରିଥିଲା।





**ଏଲ୍ ନିନୋ କଣ ?** ଏହା ଏକ ଜଳବାୟୁର ବିଭାଗ, ଯାହା ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳ ସମୁଦ୍ର ବକ୍ଷରେ ଅନୁଭୂତ ହେଉଥିବା ଅସାଧାରଣ ଉତ୍ତାପର ବର୍ଣନା କରିଥାଏ। ଏହି ଶବ୍ଦଟି ସ୍ପେନୀୟ ଭାଷାରୁ ଆନୀତ, ଯାହାର ଅର୍ଥ ହେଲା ଲିଟିଲ ବୟ ବା ଛୋଟ ବାଳକ। ବର୍ତ୍ତମାନ ପୂର୍ବ ପ୍ରଶାନ୍ତ ମହାସାଗରୀୟ ଜଳ ବକ୍ଷର ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ୫ରୁ ୬ ଡିଗ୍ରୀ ଅଧିକ ରହୁଛି ବୋଲି ଜଣାପଡୁଛି। ଏହାର ପ୍ରଭାବ ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି। ଏହାର ପ୍ରଭାବରେ ଦକ୍ଷିଣ ଆମେରିକାରେ ଅଧିକ ବର୍ଷା ଏବଂ ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଓ ଫିଲିପାଇନ୍ସରେ ଅପେକ୍ଷାକୃତ କମ୍ ବର୍ଷା ଅନୁଭୂତ ହେଉଛି। ସେହିପରି ଉତ୍ତର ଆମେରିକାରେ ଶୀତ ଦିନରେ ବି ଅଧିକ ଗରମ ଅନୁଭୂତ ହେଉଛି। ସମୁଦ୍ର ବକ୍ଷର ଏହି ପ୍ରକାର ତାପମାତ୍ରା ପରିବର୍ତ୍ତନକୁ ବୈଜ୍ଞାନିକମାନେ ଓସିନିକ ନିନୋ ଇଣ୍ଡେକ୍ସ ବା ଓ.ଏନ୍.ଆଇ ଏକକରେ ମାପିଥାନ୍ତି। ବିଂଶ ଶତାବ୍ଦୀରେ ଏଲ୍ ନିନୋର ସବୁଠାରୁ ଶକ୍ତିଶାଳୀ ପ୍ରଭାବ ୧୯୮୨-୮୩ ଓ ୧୯୯୭-୯୮ରେ ଅନୁଭବ କରାଯାଇଥିଲା। ପୂର୍ବ ଓ ପଶ୍ଚିମ ପ୍ରଶାନ୍ତ ମହାସାଗରୀୟ ବକ୍ଷରେ ବାୟୁମଣ୍ଡଳୀୟ ଚାପର ପରିବର୍ତ୍ତନକୁ ଦକ୍ଷିଣ ଦୋଳାୟନ ବା ସଦର୍ନ ଓସିଲେସନ ବୋଲି କୁହାଯାଏ। ଏହା ସହ ସମାନ ସମୟରେ ଏଲ୍ ନିନୋ ସଂଗଠିତ ହୋଇଥାଏ। ତେଣୁ ଜଳବାୟୁ ବିଶେଷଜ୍ଞମାନେ ଏହାକୁ ଏଲନିନୋ ସଦର୍ନ ଓସିଲେସନ ବୋଲି କହିଥାନ୍ତି। ଶେଷଥର ପାଇଁ ୨୦୦୯-୧୦ରେ ଏଲ ନିନୋର ପ୍ରଭାବ ଯୋଗୁଁ ଅଷ୍ଟ୍ରେଲିଆରେ ମରୁଡି ଓ କାଲିଫର୍ନିଆରେ ଅତ୍ୟଧିକ ବର୍ଷା ଅନୁଭୂତ ହୋଇଥିଲା। ଏହାର ଫଳସ୍ୱରୂପ ଇକ୍ୱେଡର ଓ ପେରୁରେ ମଧ୍ୟ ଜଳବାୟୁର ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ଅତ୍ୟଧିକ ବର୍ଷା ଅଚାନକ ହେଉଥିବାରୁ ସମୁଦ୍ର ଜଳ ଭୂମି ଆଡକୁ ମାଡି ଆସିବା ଓ ମାଟି ଅତଡା ଖସିବା ଏହାର ଅନ୍ୟ କେତେକ ସାଧାରଣ ପ୍ରଭାବ ଅଟେ।






ଜଗତ ପରିବର୍ତ୍ତନଶୀଳ, ତେଣୁ ସବୁଦିନେ ଗୋଟିଏ କଥା ରହିବ ବୋଲି ଭାବି ନିରାଶ ହୁଅ ନାହିଁ । - କୋଲି




**ଜିଭ** ଆମେ ଯାହା ଖାଦ୍ୟ ଖାଉ ତା'କୁ ଯେ ଜିଭ କେବଳ ଗିଳିବାରେ ସାହାଯ୍ୟ କରେ ତାହା ନୁହଁ ବରଂ ଖାଦ୍ୟର ସ୍ୱାଦ ଜାଣିବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରେ। ଏହା ଶରୀରର ଏକ ମାଂସାଳ ଅଂଶ ଯାହା ପାଟିର ତଳ ଅଂଶ ସହ ସଂଯୁକ୍ତ ହୋଇଥାଏ। ଏହାର ଉପର ଅଂଶରେ ସ୍ୱାଦ ମୁକୁଳ ସବୁ ରହିଥାଏ ଯହିଁରେ ଅସଂଖ୍ୟ ସ୍ୱାଦ ସଂଗ୍ରାହକ କୋଷ ସବୁ ରହିଥାନ୍ତି। ମଣିଷ ଜିଭରେ ପ୍ରାୟ ୩୦୦୦-୧୦,୦୦୦ ସ୍ୱାଦ ମୁକୁଳ ଥା'ନ୍ତି। ଜିଭର ଉପର ଅଂଶର ଖାଲଢିପ ଅଂଶକୁ ପାପିଲି ବୋଲି କୁହାଯାଏ, ଯେଉଁଥିରେ ସ୍ୱାଦ ମୁକୁଳ ସବୁ ରହିଥାନ୍ତି ଏବଂ ଖାଲି ଆଖିକୁ ଏଗୁଡିକ ଦେଖା ଯାଆନ୍ତି ନାହିଁ। ଲୁଣିଆ, ଖଟା, ପିତା, ମିଠା ଓ କଷା ପରି ପାଂଚୋଟି ସ୍ୱାଦକୁ ଏହି ମୁକୁଳ ସବୁ ଚିହ୍ନିପାରନ୍ତି। ଆମ ଭିତରେ ଏକ ବିଶ୍ୱାସ ଅଛି ଯେ, ଜିଭର ବିଭିନ୍ନ ଅଂଶରେ ବିଭିନ୍ନ ସ୍ୱାଦକୁ ଜାଣିହୁଏ ବୋଲ, କିନ୍ତୁ ଏବେ ଜଣାଗଲାଣି ଯେ ଜିଭର ଯେ କୌଣସି ଅଂଶରେ ଯେକୌଣସି ସ୍ୱାଦକୁ ଚିହ୍ନଟ କରିହେବ।

**ବିଜୁଳି** ବର୍ଷା ହେଉ ବା କାଳବୈଶାଖୀ ଆକାଶରେ ବିଜୁଳି, ଘଡଘଡି ମାରିବା ଏକ ସାଧାରଣ ଘଟଣା ବୋଲି ଗଣନା କରାଯାଏ। ତେବେ ଏ ବିଜୁଳି କଣ? ଏହା ଏକ ଅତୀବ ଶକ୍ତିଶାଳୀ ବିଦ୍ୟୁତ ତରଙ୍ଗ ଯାହା ବରଷା ଓ ଘଡଘଡି ସମୟରେ ହଠାତ ଆକାଶରେ ଦେଖାଦେଇ ଉଭେଇଯାଏ, କିନ୍ତୁ ବେଳେବେଳେ ଏହା ଧନଜୀବନ ହାନୀର କାରଣ ସାଜିଥାଏ। ଏହା ବାୟୁମଣ୍ଡଳରେ ଅସନ୍ତୁଳିତ ବୈଦ୍ୟୁତିକ ଚାର୍ଜ ଯୋଗୁଁ ସଙ୍ଗଠିତ ହୋଇଥାଏ। ଏହା କେତେବେଳେ ବାଦଲ ମଧ୍ୟରେ ତ



ଆଉ କେତେବେଳେ ଦୁଇ ଭସାବାଦଲ ମଝିରେ କିମ୍ବା ଆଉ କେତେବେଳେ ବାଦଲରୁ ଭୂପୃଷ୍ଠକୁ ଚାଲି ଆସିଥାଏ। ଏହାର ତାପମାତ୍ରା ହାରାହାରି ୨୦,୦୦୦ ଡିଗ୍ରୀ ସେଲସିଅସ୍ ରହିଥାଏ। ମିଲିଅନ୍ ଭୋଲ୍ଟ ଶକ୍ତି ସଂପନ୍ନ ବିଦ୍ୟୁତ ଏଥିରେ ପ୍ରବାହିତ ହୋଇଥାଏ। ଆଗ୍ନେୟଗିରି ଉଦଗୀରଣ, ଧୂଳିଝଡ, ବରଫ ଝଡ ଜଙ୍ଗଲରେ ନିଆଁ ଲାଗିବା ବା ଟର୍ନାଡୋ ସମୟରେ ମଧ୍ୟ ବିଜୁଳି ମାରିବା ଦେଖାଯାଏ। ଏହା ଆକାଶରେ ୧-୨ ସେକେଣ୍ଡ ପାଇଁ ଦୃଶ୍ୟମାନ ହୁଏ। ବିଜୁଳି ସଂପର୍କରେ ପଢାଉଥିବା ପାଠକୁ ଫୁଲ ମିନୋଲୋଜି ବୋଲି କୁହାଯାଏ। ବିଜୁଳି, ଘଡଘଡିକୁ ଡରିବା ପ୍ରକ୍ରିୟାକୁ ଆଷ୍ଟ୍ରାଫୋବିଆ କୁହାଯାଏ। ଆକାଶରେ ବିଜୁଳି ଘଡଘଡି ଏକା ସାଙ୍ଗରେ ଆସୁଥିଲେ ହେଁ ବିଜୁଳି ଆଗ ଦେଖାଯାଏ ତା'ର କାରଣ ହେଲା ଆଲୋକର ବେଗ ଶବ୍ଦର ବେଗ ଅପେକ୍ଷା ଯଥେଷ୍ଟ ଅଧିକ ଅଟେ। ଆଜିକାଲି ବିଜୁଳି ମାରିବାର କିମ୍ବା ବଜ୍ରପାତ ହେବାର ସଠିକ ସୂଚନା ୩୦ ମିନିଟ ପୂର୍ବରୁ ଜାଣି ହେଉଛି। କେତୋଟି ବିଦେଶୀ ରାଷ୍ଟ୍ରରେ ଏହାକୁ ପରୀକ୍ଷା କରାଯାଇ ସାରିଲାଣି।



**ଦାନ୍ତ** ମୁଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଦାନ୍ତ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ଏହା ଉପରେ ଥିବା ଏନାମେଲ ଶରୀରର ସବୁଠାରୁ ଶକ୍ତ ଅଂଶ। ଶିଶୁଟିଏ ମାତୃ ଗର୍ଭରେ ଥିଲାବେଳୁ ଦାନ୍ତ ବାହାରିବା ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥାଏ, କିନ୍ତୁ ତା'କୁ ୬ରୁ ୧୨ ମାସ ହେଲା ସମୟରେ ଏହା ବାହାରକୁ ବାହାରିଥାଏ। କାଟିବା, ଚିରିବା, ଗୁଣ୍ଡ କରିବା ତଥା ଚୋବାଇବା ପାଇଁ ମନୁଷ୍ୟ ପାଖରେ ଇନସିଜର୍, କାନାଇନ୍, ପ୍ରିମୋଲାର ଓ ମୋଲାର ନାମକ ୪ ପ୍ରକାର ଦାନ୍ତ ଥାଏ। ଜୀବନକାଳ ମଧ୍ୟରେ ମନୁଷ୍ୟ କେବଳ ୨ ପ୍ରକାର ଦାନ୍ତ ବ୍ୟବହାର କରେ। ଏହା ହେଲା ବେବି ଟୁଥ ଓ ପର୍ମାନେଂଟ ଟୁଥ୍। କୌଣସି ୨ଟି ମଣିଷ ର ଦାନ୍ତ ସମାନ ନ ଥାଏ। ଏହା ଆଂଗୁଠି ଚିହ୍ନ ଭଳି ମଣିଷର ଏକାନ୍ତ ନିଜର ସଂପତ୍ତି। ଜୀବନକାଳ ମଧ୍ୟରେ ଆମ ପାଟି ଭିତରେ ୨୫,୦୦୦ କ୍ୱାର୍ଟସ ର ଲାଳ ବାହାରେ ଯାହା ୨ଟି ସୁଇମିଙ୍ଗ ପୁଲକୁ ବି ଭରିପାରେ। ଏହା ଖାଦ୍ୟପାଚନ ସହ ଦାନ୍ତକୁ ଜୀବାଣୁ କବଳରୁ ରକ୍ଷା କରିଥାଏ। ଦାନ୍ତକୁ ସୁସ୍ଥ ନ ରଖିଲେ ତାହା ହୃଦରୋଗ, ମଧୁମେହ ଓ ଓଷ୍ଟିଓପୋରୋସିସ୍‌ର କାରଣ ସାଜିଥାଏ। ଆପଣଙ୍କ ଦାନ୍ତର ୧/୩ ଅଂଶ ମାଢି ତଳେ ଥାଏ ଅର୍ଥାତ ବାହାରକୁ କେବଳ ୨/୩ ଅଂଶ ଦୃଶ୍ୟମାନ ହୁଏ। ଆମ ଜୀବନ କାଳ ମଧ୍ୟରେ ଦାନ୍ତକୁ ବ୍ରସ୍ କରିବାରେ ଆମେ ହାରାହାରି ୩୮.୫ ଦିନ ନେଇଥାଉ।

**ଅବସର ପ୍ରାପ୍ତ ବିଭାଗୀୟ ମୁଖ୍ୟ (ରସାୟନ ବିଭାଗ)**
**ଏନଏସି ମହାବିଦ୍ୟାଳୟ, ବୁର୍ଲା**



ଜଣେ ମନୁଷ୍ୟ ଯାହା କରି ଯାଇଛି, ଉଦ୍ୟମ କଲେ, ଅନ୍ୟମାନେ ତାହାର ମଧ କରିପାରିବେ। - ୟଙ୍ଗ୍

# ସମ୍ବାଦ ବିଚିତ୍ରା

୧. 'ଭାରତ' ଅନ୍ତର୍ଜାତିକ ସୌରମେଣ୍ଟର ଅଧକ୍ଷ ଭାବେ ନିର୍ବାଚିତ ହୋଇଛି।

୨. ଇଂରାଜୀ କେବଳ ଯୋଗାଯୋଗର ଏକ ମାଧ୍ୟମ, ଜ୍ଞାନର ମାପକାଠି ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି।

୩. ମଲ୍ଲିକାର୍ଜୁନ ଖଡ଼ଗେ ଭାରତୀୟ ଜାତୀୟ କଂଗ୍ରେସ ଦଳର ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି।

୪. ଚଳିତବର୍ଷ 'ସାଇବର ସୁରକ୍ଷା'କୁ ଉଚ୍ଚଶିକ୍ଷା ଅନୁଷ୍ଠାନମାନଙ୍କର ପାଠ୍ୟକ୍ରମରେ ସିଲାବସରେ ଅର୍ନ୍ତଭୁକ୍ତ କରାଯିବ।

୫. ଭାରତ, ଦଶଟି ଦେଶକୁ 'ବ୍ରହ୍ମୋସ୍' କ୍ଷେପଣାସ୍ତ୍ର ବିକ୍ରି କରିବାକୁ ଲକ୍ଷ୍ୟ ରଖିଛି।

୬. ଭାରତରେ ମେଡ଼ିସିନ୍ ନର୍ସି ଏବଂ ଫାର୍ମାସୀର ପୁସ୍ତକଗୁଡ଼ିକ ଭାରତୀୟ ଭାଷାରେ ତିନିବର୍ଷ ଭିତରେ ପ୍ରକାଶ ହେବ।

୮. ରୁର୍କୀ ଆଇ.ଆଇ.ଟି ପ୍ରଫେସରମାନେ ସ୍ତନ, ଫୁସ୍‌ଫସ୍ ଏବଂ ମୁଖ କର୍କଟ ରୋଗର ଉପସ୍ଥିତି ଚିହ୍ନଟ କରିବା ପାଇଁ ଫୁଙ୍କିବା ଯନ୍ତ୍ର ଉନ୍ନତତର କରିପାରିଛନ୍ତି।

୧୦. ସୋନି ବିବିସି-ଆର୍ଥ ଫଟୋଗ୍ରାଫି ପ୍ରିତିଯୋଗିତା ୨୦୨୨ ପାଇଁ ବିଶ୍ୱର ଖ୍ୟାତାନାମା ହୃଦରୋଗ ବିଶେଷଜ୍ଞ ଡାକ୍ତର ରମାକାନ୍ତ ପଣ୍ଡା ମନୋନୀତ ହୋଇଛନ୍ତି।

୧୧. କନ୍ଧମାଳର ଝିଅ ଶ୍ରାବଣୀ ନନ୍ଦ ୬୧ତମ 'ନ୍ୟାସନାଲ ଓପନ ଆଥଲେଟିକ ଚମ୍ପିଆନସିପ୍ ୨୦୨୨'ରେ ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି।

୧୨. ଓଡ଼ିଶା ସରକାର ୯ମ ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ପାଠ୍ୟ କ୍ରମରେ "ଆସ୍ପିରେସନାଲ କମ୍ପୋନେଣ୍ଟ" ନୂଆ ବିଷୟ ପ୍ରଚଳନ କରିବେ।

୧୩. ଦୁନିଆର ଦଶଜଣ ସୁନ୍ଦରୀ ମହିଳାଙ୍କ ତାଲିକାରେ ଭାରତୀୟ ମହିଳା ଦୀପିକା ପାଦୁକୋନ୍ ସ୍ଥାନ ପାଇଛନ୍ତି।

୧୪. ଜି.ଆଇ. ଟ୍ୟାଗ ପାଇଥିବା କନ୍ଧମାଳ ହଳଦୀକୁ ଉତ୍କୃଷ୍ଟ ମାନ ଓ ଗୁଣବତ୍ତା ପାଇଁ ୨୦୨୧-୨୨ ଏନ.ଆଇ.ପି. ପୁରସ୍କାର ମିଳିଛି।

୧୫. ଦେଶର ପ୍ରଥମ ଥର ପାଇଁ ମାଲବାହି ୱାଗନ୍ ଲୁହା ବଦଳରେ ଆଲୁମିନିଅମ୍‌ରେ ନିର୍ମିତ ହୋଇ ଭୁବନେଶ୍ୱର ରେଲଷ୍ଟେସନରୁ ଯାତ୍ରା ଆରମ୍ଭ କରିଛି।

୧୬. ପ୍ରଧାନମନ୍ତ୍ରୀ ଭାରତର ୭୫ଟି ଜିଲ୍ଲାରେ ୭୫ଟି ଡିଜିଟାଲ ବ୍ୟାଙ୍କିଙ୍ଗ୍ ଇଉନିଟ୍‌ର ଶୁଭାରମ୍ଭ କରିଛନ୍ତି।

୧୭. ଆସନ୍ତା ବର୍ଷ ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ଆଠଟି ସହରରେ ୫ଜି ସେବା ଆରମ୍ଭ ହେବ।

୧୯. ପାକିସ୍ଥାନରେ ଏକ ହସ୍ପିଟାଲ ଛାତରୁ ୫ଶହ ଶବ ମିଳିଛି। ଯେଉଁ ମାନଙ୍କର ଶରୀରରୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାଢ଼ି ନିଆଯାଇଛି।

୨୦. ନବରଙ୍ଗପୁର ଜିଲ୍ଲାରେ ୮୮୧ଟି ଗ୍ରାମ ବାଲ୍ୟବିବାହରୁ ମୁକ୍ତ ହୋଇଛି।

୨୧. ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତି ବ୍ୟବସ୍ଥାକୁ ଉଚ୍ଛେଦ କରିଛନ୍ତି।

୨୨. ହିମାଚଳପ୍ରଦେଶ ବିଧାନସଭାର ୬୮ଟି ଆସନ ପାଇଁ ନଭେମ୍ବର ୧୨ରେ ଭୋଟ ଗ୍ରହଣ ହେବ ଏବଂ ଡିସେମ୍ବର ୮ରେ ଗଣତି ହେବ।

୨୩. ବିଶ୍ୱ ଅର୍ଥନୈତିକ ମାନ୍ଦା ଅବସ୍ଥା (୨୦୦୮) ପରେ ପ୍ରଥମ ଥର ଲାଗି ୨୦୨୨ରେ ବିଶ୍ୱ ସଂପତ୍ତିରେ ୨% ଅଂଶ ହ୍ରାସ ହେବାକୁ ଯାଉଛି।

୨୪. ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ ଅନୁସାରେ ମହାମାରୀ ଯୋଗୁ ସାରା ବିଶ୍ୱରେ ୭.୧ କୋଟି ଲୋକ ଦାରିଦ୍ର୍ୟ ସୀମା ଭିତରକୁ ଆସିଛନ୍ତି।

୨୫. ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରାୟ ୯୦ଲକ୍ଷ ଗ୍ରାହକଙ୍କ କାର୍ଡର ତଥ୍ୟ ଚୋରି ହୋଇଛି ବୋଲି 'ସିଙ୍ଗାପୁର ନିରାପତ୍ତା ସଂସ୍ଥା' ଜଣାଇଛି।

୨୬. କାର୍ତ୍ତିକ ବ୍ରତ ଆରମ୍ଭରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହବିସିଆଳୀମାନଙ୍କ ପାଇଁ ପୁରୀରେ ବୃନ୍ଦାବତୀ ନିବାସ ଖୋଲିଛନ୍ତି।

୨୭. ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବା ଅବସରରେ ଓଡ଼ିଶାର କୁନି ଦେହୁରୀ ଓ ଭୁବନେଶ୍ୱର ଆଇଆଇଟିର ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସୌର ଶକ୍ତିକୁ ଉପଯୋଗ କରି ଭାରତ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରୁଛି। ଏଥିଯୋଗୁ ଉତ୍ପାଦନ ଖର୍ଚ୍ଚ ଅନେକାଂଶରେ ହ୍ରାସ ପାଇଛି।

୨୮. ତାମିଲନାଡୁର ମହେନ୍ଦ୍ରଗିରିରେ ଇସ୍ରୋର 'ପ୍ରୋପଲଶନ କମପ୍ଲେକ୍ସ'ର ହାଇ ଆଲ୍ଟିଟ୍ୟୁଡ୍ ଟେଷ୍ଟ କେନ୍ଦ୍ରରେ ସିଇ-୨୦ ଇଞ୍ଜିନର ଉଡାଣ ସମ୍ପର୍କିତ ପରୀକ୍ଷଣ କରାଯାଇଛି। ଏହା ଇସ୍ରୋର ସବୁଠୁ ଓଜନିଆ ରକେଟର ଇଞ୍ଜିନ ଅଟେ।

୨୯. ଦେଶରେ ଅନଲାଇନ୍ ଶିକ୍ଷାର ଚାହିଦା ବଢୁଛି। ୨୦୨୧ ତୁଳନାରେ ୨୦୨୨ ରେ ଅନଲାଇନ୍ ଶିକ୍ଷା ପ୍ରୋଗ୍ରାମରେ ନାମଲେଖା ସଂଖ୍ୟା ୧୭୦ ପ୍ରତିଶତ ବୃଦ୍ଧି ଘଟିଛି।

୩୦. ବିଶ୍ୱର ସର୍ବୋଚ୍ଚ ଶିବମୂର୍ତ୍ତି ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ନାଥଦ୍ୱାରରେ ନିର୍ମାଣ ହୋଇଛି। ଉକ୍ତ ମୂର୍ତ୍ତିର ଉଚ୍ଚତା ୩୬୯ ଫୁଟ ଥିବାବେଳେ ଏହାର ନାମ ଷ୍ଟାଚ୍ୟୁ ଅଫ ବିଲିଫ୍ ବା ବିଶ୍ୱାସ ସ୍ୱରୂପମ୍ ଦିଆଯାଇଛି। ଉକ୍ତ ମୂର୍ତ୍ତି ନିର୍ମାଣ ପାଇଁ ୧୦ବର୍ଷ ସମୟ ଲାଗିଛି।

୩୧. ଗତ ୨୦୨୧ ଜୁଲାଇ ୧ରୁ ୨୦୨୨ ଜୁନ୍ ୩୦ ମଧ୍ୟରେ ୪୭୮ ବିମାନର ଯାନ୍ତ୍ରିକ ତ୍ରୁଟି ସାମନାକୁ ଆସିଛି। ଯାନ୍ତ୍ରିକ ତ୍ରୁଟି ପାଇଁ ଏୟାର ଇଣ୍ଡିଆ ବିମାନ ସବୁଠାରୁ ଅଧିକ ଥର ଜରୁରୀ ଅବତରଣ କରିଛି। ଏହା ପଛକୁ ରହିଛନ୍ତି ଇଣ୍ଡିଗୋ, ସ୍ପାଇସ୍ ଜେଟ୍। ଯାତ୍ରା ସମୟରେ ସ୍ପାଇସ୍ ଜେଟର ଅନେକ ବିମାନର ତ୍ରୁଟି ପରେ ଡିଜିସିଏ ଆକ୍ସନକୁ ଆସିଥିଲା ।

୩୨. 'ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ରେଜିଷ୍ଟ୍ରେସନ୍' ଅବଧିକୁ ଦ୍ୱିତୀୟ ଥର ପାଇଁ ପରିବହନ ବିଭାଗ ୨୦୨୩ ଫେବୃଆରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରିଛି।

୩୩. ଆସନ୍ତା ୫ବର୍ଷରେ ଜଳବାୟୁ ପରିବର୍ତ୍ତନ ଜନିତ ହାରାହାରି ତାପମାତ୍ରା ୧୫% ବଢ଼ିଯିବ। ବିଶ୍ୱର ସ୍ୱାଭାବିକ ହାରାହାରି ତାପମାତ୍ରା ୧.୫% ବଢ଼ିବ ବୋଲି କୁହାଯାଉଛି। ଏହା ବ୍ୟତୀତ ୧୯୯୦ ଓ ୨୦୨୧ ମଧ୍ୟରେ ରେଡିଏଟିଭ୍ ଫୋର୍ସିଙ୍ଗ୍ (ଏକପ୍ରକାର ଉଷ୍ମତା) ୫୦% ବଢ଼ିଛି, ଯାହା ପାଇଁ ଅଙ୍ଗାରକାମ୍ଳ ସର୍ବାଧିକ ୮୦% ଦାୟୀ।

୩୪. ଓସିଏର ୧୧ତମ ସଭାପତି ଭାବେ ବିଧାୟକ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ନେଇଛନ୍ତି ।

୩୫. ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟ ନଭେମ୍ବର ୧ ତାରିଖରୁ ଖୋଲିବା ନେଇ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

୩୬. ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ ଗଗନ ଯାନ ମିଶନ ଅନ୍ତର୍ଗତ କେତେକ ଉଡ଼ାଣମୂଳକ ପରୀକ୍ଷା ଆସନ୍ତା ବର୍ଷ ଅର୍ଥାତ ୨୦୨୩ ଫେବୃଆରୀରେ ହେବ।

୩୭. ବିବାହିତ ମହିଳାଙ୍କୁ ଘରକାମ କରିବା ପାଇଁ କହିବା କ୍ରୁରତା ନୁହେଁ ବୋଲି ବମ୍ବେ ହାଇକୋର୍ଟଙ୍କ ଔରଙ୍ଗାବାଦ ବେଞ୍ଚ କହିଛନ୍ତି। ଏହାସହ ଏହାର ତୁଳନା ଚାକରାଣୀଙ୍କ ସହ କରାଯାଇ ପାରିବ ନାହିଁ।

୩୮. ଜନୈକ ବ୍ୟବସାୟୀ କେଦାରନାଥଙ୍କ ମନ୍ଦିର ଲାଗି ୨୩୦ କେଜି ସୁନା ଦାନ କରିଛନ୍ତି। ଦୀପାବଳିର ଶୁଭ ଅବସରରେ ଦାନରେ ମିଳିଥିବା ସୁନାରେ କେଦାରନାଥ ମନ୍ଦିରର ଗର୍ଭ ଗୃହ କାନ୍ଥକୁ ସ୍ୱର୍ଣ୍ଣାଚ୍ଛାଦିତ କରାଯାଇଛି।

୩୯. ଅବିଭକ୍ତ କୋରାପୁଟ ଜିଲାର ବହୁ ବର୍ଷର ଦାବି ପୂରଣ ହୋଇଛି । ଜୟପୁର ଏୟାରପୋର୍ଟରୁ ସବୁ ଦିନିଆ ବିମାନ ଉଡାଣ ହୋଇଛି ।

୪୦. ବିଶ୍ୱ ଏଥଲେଟିକ ପରିଷଦ ଗାଁଗଝୁରେ ଆଗାମୀ ୨୦୨୩ ମସିହା ମେ ମାସ ୧୩ରୁ ୧୪ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବିଶ୍ୱ ଏଥଲେଟିକ ରିଲେକୁ ୨୦୨୫ ମସିହା ମେ ମାସ ପର୍ଯ୍ୟନ୍ତ ଘୁଂଚାଇ ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି ।



ଜୀବନଯାକ ସାଧନା ଫଳରେ ଯେତିକି ଜ୍ଞାନ ହାସଲ କରିଥିବ, ଭଗବତ କୃପା ହେଲେ ମୁହୂର୍ତ୍ତକ ମଧ୍ୟରେ ସେତିକି ମିଳିଯିବ। - ସିଲର୍

# ସାଧାରଣ ଜ୍ଞାନ

### (1) ABBREVIATION

1. BPO Business Process Outsourcing
2. CBS Core Banking Solution
3. DD Demand Draft
4. ERNET Educational and Research Network
5. GOI Government of India
6. ICAI Institute of Chartered Accountants of India
7. ILO International Labour Organization
8. MNC Multi-National Corporation
9. NCPCR National Commission for Protection of Child Rights
10. PDS Public Distribution System

### (୨) ପୁସ୍ତକ ଓ ଲେଖକ

୧. ପ୍ରାୟଶ୍ଚିତ – ଫକୀର ମୋହନ ସେନାପତି
୨. କା' – କାହ୍ନୁ ଚରଣ ମହାନ୍ତି
୩. କୃତ୍ରିମ ଉପଗ୍ରହ – ଗୋପାଳକୃଷ୍ଣ ମହାପାତ୍ର
୪. ଜୀବନ ବିଦ୍ୟାଳୟ – ଚିତ୍ତରଞ୍ଜନ ଦାସ
୫. ସମୁଦ୍ର ସ୍ନାନ – ଗୁରୁ ପ୍ରସାଦ ମହାନ୍ତି

1. The Whalebone Theatre - JOANNA QUINN
2. The First to Die at the End - ADAM SILVERA
3. 'Pandemic Disruptions and Odisha's Lessons in Governance' - Dr. Amar Patnaik.
4. "Delhi University – Celebrating 100 Glorious Years" - Hardeep
5. 'A Confused Mind Story' - Sahil Seth

### (୩) ପୁରସ୍କାର

୧. ବ୍ରିଟେନ୍ ବୁକରପ୍ରାଇଜ୍ ୨୦୨୨ – ଡେହାନ୍ କରୁଣା ତିଲାକା, ଶ୍ରୀଲଙ୍କା
୨. ସାର ସଏଦ୍ ଏକ୍ସଲେନ୍ସ ଆୱାର୍ଡ଼ ୨୦୨୨ – ବାର୍‌ବାରା ମେଟ୍‌କଫ୍ (ଆମେରିକୀୟ ଐତିହାସିକ)
୩. ୨୦୨୨ ବଲୋନ୍ ଡ଼ିଅର (ଗୋଲଡେନ୍ ବଲ ପୁରସ୍କାର) – କରିମ୍ ବେନ୍‌ଜାମା (ରିଆଲ୍ ମେଡ୍ରିଡ୍)
୪. ପ୍ରକାଶ ପାଦୁକୋନ୍ – ସ୍ପୋର୍ଟସ୍ ଜର୍ଣ୍ଣାଲିଷ୍ଟ ଫେଡେରେସନ୍ ଅଫ୍ ଇଣ୍ଡିଆ ପୁରସ୍କାର ୨୦୧୯ (ଏସ୍.ଜେ.ଏଫ୍ ଆଇ ମେଡାଲ)

### (୪) ନିଯୁକ୍ତି

୧. ରୋଜର ବିନି – ବି.ସି.ସି.ଆଇ. ର ନୂତନ ସଭାପତି
୨. ଜଷ୍ଟିସ୍ ଡି.ୱାଇ.ଚନ୍ଦ୍ରଚୂଡ଼ – ୫୦ତମ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି
୩. ଭାରତୀ ଦାସ – କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ୍
୪. ଅରୁଣ ବନସଲ – ସି.ଇ.ଓ ଆଦାନୀ ଏଆରପୋର୍ଟ ହୋଲ୍ଡି
୫. ରବି କୁମାର ଏସ – ଆମେରିକାସ୍ ପ୍ରେସିଡେଣ୍ଟ କଗ୍‌ନିଜିଏଣ୍ଟ

### (୫) ରାଜ୍ୟ

| | |
|---|---|
| ୧. ରାଜ୍ୟର ନାମ | – ମିଜୋରାମ |
| ୨. ରାଜ୍ୟପାଳ | – ଶ୍ରୀ କମ୍ଭମ୍ପତି ହାରିବାବୁ |
| ୩. ମୁଖ୍ୟମନ୍ତ୍ରୀ | – ଶ୍ରୀ ଜୋରମ ଥାଙ୍ଗା |
| ୪. ଗଠନ | – ୨୦ ଫେବୃୟାରି ୧୯୮୭ |
| ୫. କ୍ଷେତ୍ରଫଳ | – ୨୧,୦୮୧ |
| ୬. ରାଜଧାନୀ | – ଆଇଜଲ |
| ୭. ଲୋକସଭା ସଭ୍ୟସଂଖ୍ୟା | – ୧ |
| ୮. ରାଜ୍ୟସଭା ସଭ୍ୟସଂଖ୍ୟା | – ୧ |
| ୯. ବିଧାନ ସଭା ସଭ୍ୟସଂଖ୍ୟା | – ୪୦ |
| ୧୦. ବିଧାନ ପରିଷଦ | – ୦୦ |
| ୧୧. ମୁଖ୍ୟ ଭାଷା | – ମିଜୋ ଓ ଇଂରାଜୀ |
| ୧୨. ଜନସଂଖ୍ୟା ସମୁଦାୟ | – ୧,୦୯୧,୦୧୪(୨୦୧୧)<br>ପୁରୁଷ – ୫୫୨,୩୩୯<br>ମହିଳା – ୫୩୮,୬୭୫ |
| ୧୩. ଜନସଂଖ୍ୟା ବୃଦ୍ଧିହାର | – ୨୨.୭୮% |
| ୧୪. ଜନସଂଖ୍ୟା ଘନତ୍ୱ | – ୧୩୪/ବର୍ଗ କି.ମି |
| ୧୫. ଶିଶୁ ଲିଙ୍ଗ ଅନୁପାତ | – ୯୭୧ ଝିଅ ୧୦୦୦ ପୁଅ |
| ୧୬. ଲିଙ୍ଗ ଅନୁପାତ | – ୯୭୫ ମହିଳା ୧୦୦୦ ପୁରୁଷରେ |
| ୧୭. ସାକ୍ଷରତା ହାର | – ୮୪୭,୫୯୨ %<br>ପୁରୁଷ – ୯୩.୭୨%<br>ମହିଳା – ୮୯.୪୦% |
| ୧୮. ଜିଲ୍ଲା | – ୮ |
| ୧୯. ଗ୍ରାମ | – ୭୦୭ |
| ୨୦.ସହର | – ୨୨ |
| ୨୧.ଜଙ୍ଗଲ ଜମି | – ୭,୯୩୮,୫୪ବର୍ଗ କି.ମି. |
| ୨୨.ପର୍ଯ୍ୟଟନ ସ୍ଥଳୀ | – ଆଇଜଲ, ଲୁଙ୍ଗଲେ, ମମିତ, କୋଲାସିବ୍, ରିଏକ୍, ଭାଟାଙ୍ଗ ଜଳପ୍ରପାତ ଫାଲକାଉନ ଗ୍ରାମ, ତାମଡିଲ ହ୍ରଦ, ହମୁଇଫାଙ୍ଗ, ସର୍ଚିପ, ଚମ୍ପାଇ, ସାଇହା, ମୁର୍ଲେନ ଜାତିୟ ଉଦ୍ୟାନ, ଡମ୍ପା ଟାଇଗର ରିଜର୍ଭ, ଫଙ୍ଗପୁଇ ଶିଖର |

### (୬) ଭାରତର ପ୍ରଥମ

୧. ଇଂଲିଶ ଚ୍ୟାନେଲ ପହଁରିଥିବା ଭାରତୀୟ ମହିଳା – ଆରତୀ ଶାହା
୨. ମାଉଣ୍ଟ ଏଭେରେଷ୍ଟ ଆରୋହଣକାରୀ – ତେନ୍‌ଜିଙ୍ଗ ନରଗେ
୩. ବିନା ଅମ୍ଳଜାନରେ ମାଉଣ୍ଟ ଏଭେରେଷ୍ଟ ଆରୋହଣକାରୀ – ଫୁ ଦୋରଜୀ
୪. ଦୁଇଥର ମାଉଣ୍ଟ ଏଭରେଷ୍ଟ ଆରୋହଣକାରୀ – ନୱାଙ୍ଗ ଗମ୍ବୁ
୫. ନୋବେଲ ପୁରସ୍କାର – ରବୀନ୍ଦ୍ରନାଥ ଠାକୁର

### (୭)ଦେହାନ୍ତ

୧. ଯାଦୁଗର ଓମ ପ୍ରକାଶ ଶର୍ମା – ୮୦ବର୍ଷ – ଭାରତୀୟ ଯାଦୁଗର (୩୯,୦୦୦ ଶୋ)
୨. ଜିତେନ୍ଦ୍ର ଶାସ୍ତ୍ରୀ – ୬୫ବର୍ଷ – ଭାରତୀୟ ଅଭିନେତା
୩. ଏ.ଗୋପାଳ କ୍ରିଷ୍ଣନ୍ – ୮୫ବର୍ଷ – ଭାରତୀୟ ନ୍ୟୁକ୍ଲିଅର ଇଂଜିନିଅର
୪. ମୁଲାୟମ୍ ସିଂ ଯାଦବ – ୮୨ବର୍ଷ – ପୂର୍ବତନ ସାଂସଦ
୫. ଜାମସେଦଜୀ ଇରାନୀ – ୮୬ବର୍ଷ – ଇସ୍ପାତ ପୁରୁଷ
୬. ଡାକ୍ତର ଦିଲ୍ଲୀପ ମହଲାନବିସ୍ – ୮୮ବର୍ଷ – ORS ଦ୍ରବଣର ପିତା



ଜାତିଟାକୁ ଗଢ଼ିବାକୁ ଇଚ୍ଛା କରୁଛ ତ, ତିନି ପୁରୁଷ ଆଗରୁ କାମ ଆରମ୍ଭ କର। – ଭିକ୍ଟରହ୍ୟୁଗ୍

## (୮) ଓଡ଼ିଶା

୧. ନେତାଜୀ ସେତୁକୁ ଲାଗି ୪ଥାକିଆ ରାସ୍ତାଥିବା ଏକ ପୋଲ ନିର୍ମାଣ ହେବ। ଏଥିପାଇଁ କେତେ କୋଟି ଟଙ୍କା ବରାଦ ହୋଇଛି ?
(କ)୨୪୦ କୋଟି (ଖ)୨୩୦ କୋଟି
(ଗ)୨୦୦ କୋଟି (ଘ)୨୫୦ କୋଟି

୨. ଓଡ଼ିଶା ରାଜ୍ୟର ମୋଟ ଜନସଂଖ୍ୟାର ୨୨% ଆଦିବାସୀ ଥିବା ବେଳେ କେତୋଟି ବର୍ଗର ଆଦିମ ଆଦିବାସୀ ଅଛନ୍ତି ?
(କ) ୧୦ଟି (ଖ)୧୩ଟି (ଗ) ୧୪ଟି (ଘ)୧୮ଟି

୩. ଜାତୀୟ ଉଦ୍ୟାନ ସିମିଳିପାଳ ଅଭୟାରଣ୍ୟ କେବେଠାରୁ ଖୋଲିବ ?
(କ)୧ ନଭେମ୍ବର,୨୨ (ଖ)୧ ଡିସେମ୍ବର,୨୨
(ଗ)୧ ଜାନୁଆରୀ,୨୩ (ଘ)୧ ଫେବୃଆରୀ,୨୨

୪. ରାଜ୍ୟ ସରକାରଙ୍କ ତରଫରୁ ଦେଶର ସର୍ବପ୍ରଥମ ଖୋଲାଯାଇଥିବା କୃଷି ଓ କୃଷି ଉଦ୍ୟୋଗ ଋଣ ଆବେଦନ ପୋର୍ଟାଲ ନାମ କ'ଣ ?
(କ) ସୁଫଳା (ଖ) ସଫଳ (ଗ)କୃଷକ (ଘ) ଋଷୀ

୫. ଭକ୍ତ କବି କାହାକୁ କୁହାଯାଇଥାଏ ?
(କ)ଜଗନ୍ନାଥ ଦାସ (ଖ)ମଧୁସୂଦନ ରାଓ
(ଗ)ରଧାନାଥ ରାଓ (ଘ)ଗୋପାଳ କୃଷ୍ଣ

୬.ଦିଲ୍ଲିପ ତିର୍କୀ କେଉଁ ଖେଳ ସହ ସଂପୃକ୍ତ ଅଛନ୍ତି ?
(କ) କ୍ରିକେଟ (ଖ)ହକି (ଗ)ଫୁଟବଲ (ଘ)ଭଲିବଲ

୭.କେଉଁଟି କଟକ ଜିଲ୍ଲାର ସବ୍‌ଡିଭିଜନ ନୁହେଁ ?
(କ)କଟକ ସଦର (ଖ) ଆଠଗଡ (ଗ)ବାଙ୍କୀ (ଘ)ନରସିଂହପୁର

୮. ବୀର ସୁରେନ୍ଦ୍ର ସାଏ କେଉଁ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ ?
(କ)ସମ୍ବଲପୁର (ଖ) ବାଲେଶ୍ୱର (ଗ) ଢେଙ୍କାନାଳ (ଘ)କେନ୍ଦୁଝର

୯. ମହେନ୍ଦ୍ରଗିରି ଶୃଙ୍ଗ କେଉଁ ଜିଲ୍ଲାରେ ଅନ୍ତର୍ଭୁକ୍ତ ଅଟେ ?
(କ)କୋରାପୁଟ (ଖ)ଗଞ୍ଜାମ (ଗ)ଗଜପତି (ଘ)କଳାହାଣ୍ଡି

୧୦.ଗଞ୍ଜାମ ଜିଲ୍ଲାରେ କେଉଁ ବନ୍ଦରଟି ନାହିଁ ?
(କ)ପାଲୁର (ଖ)ବାହୁଦା (ଗ)ଗୋପାଳପୁର (ଖ)ଧାମରା

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. କରେଣ୍ଟ : ସରକିଟ :: ପୃଥିବୀ: ?
(କ)ଗ୍ରହ (ଖ)ସୂର୍ଯ୍ୟ (ଗ)କକ୍ଷ (ଘ)ପଥ

୨. ଭଲ : ଖରାପ :: ଛାତ :
(କ)ଝରକା (ଖ)ଚଟାଣ (ଗ)କାନ୍ଥ (ଘ)ଖୁଣ୍ଟ

୩. ହରି ଦକ୍ଷିଣ-ପୂର୍ବଦିଗକୁ ମୁହଁ କରି ଠିଆ ହୋଇଥିଲା। ହଠାତ୍ ସେ ୯୦°ଘଣ୍ଟା କଣ୍ଟା ଦିଗରେ ବୁଲିଲା ଏବଂ ଘଣ୍ଟା କଣ୍ଟାରବିପରୀତ ଦିଗରେ ସେଠାରୁ ୧୩୫° ବୁଲି ଫେରିଲା। ବର୍ତ୍ତମାନ ସେ କେଉଁ ଦିଗକୁ ରହିଁ ରହିବ ?
(କ)ପୂର୍ବ (ଖ)ପଶ୍ଚିମ (ଗ)ଦକ୍ଷିଣ (ଘ)ଉତ୍ତର

୪. B : ୧୬ :: D : ?
(କ) ୧୨୦ (ଖ) ୧୫୦ (ଗ)୨୦୦ (ଘ)୨୫୬




୫. କେଉଁଟି ଅଲଗା ଅଟେ ?
(କ)ଜେବ୍ରା (ଖ)ସିଂହ (ଗ)ବାଘ (ଘ)ଘୋଡା

୬. UTENSIL = W VGPUKN ହେଲେ DMSFXG କାହାକୁ ବୁଝାଇବ
(କ)BKQEVE, (ଖ)BKQDWE, (ଗ)BKQDWF, (ଘ) BKQDVE

୭. ଆଖି ଦେଖିବା ସହ ସମାନ ହେଲେ କାନ କାହା ସହ ସମାନ ?
(କ)ଶୁଣିବା (ଖ)ଶିଖିବା (ଗ) ଶୋଇବା (ଘ)କାନେଇବା

୮. C: ୯ ::D : ?
(କ)୧୬ (ଖ)୮୧ (ଗ)୬୪ (ଘ)୨୫

୯. 'କ' ଏବଂ ଖ ଦୁଇଭାଇ। 'ଗ' ଏବଂ 'ଘ' ଦୁଇ ଭଉଣୀ। 'କ' ପୁଅ ହେଉଛି 'ଘ' ର ଭାଇ। ତେବେ 'ଖ', 'ଗ' ର ସମ୍ପର୍କରେ କ'ଣ ହେବ ?
(କ)ବାପା (ଖ)ଭାଇ (ଗ)ଜେଜେବାପା (ଘ) ଦାଦା

୧୦.ପଶୁ ଜାତି ବାଘଏବଂ ଭାଲୁ
(କ)  (ଖ)  (ଗ)  (ଘ) 

### ଉତ୍ତର

**୧.(କ)୨୪୦ କୋଟି, ୨.(ଖ)୧୩ଟି, ୩.(କ)୧ ନଭେମ୍ବର, ୨୨, ୪.(ଖ)ସଫଳ, ୫.(ଖ)ମଧୁସୂଦନ ରାଓ, ୬.(ଖ)ହକି, ୭.(ଘ)ନରସିଂହପୁର, ୮.(କ)ସମ୍ବଲପୁର, ୯.(ଗ) ଗଜପତି, ୧୦.(ଖ)ଧାମରା**

**୧.(ଗ)କକ୍ଷ, ୨.(ଖ)ଚଟାଣ, ୩.(ଖ)ପଶ୍ଚିମ, ୪.(ଘ)୨୫୬, ୫.(ଘ)ଘୋଡା, ୬.(ଘ)BKQDVE, ୭.(କ)ଶୁଣିବା, ୮.(କ)୧୬, ୯.(ଘ)ଦାଦା, ୧୦.(ଖ)** 



କାମ କଲେ ହିଁ ଭୁଲ୍ ହେବ, କିଛି ନକରି ମୁଁ ଭୁଲ୍ କରୁନାହିଁ କହିବାର କୌଣସି ଅର୍ଥ ନାହିଁ। - ମୋର୍

## (୧୦) ଇତିହାସ

୧. କେଉଁ ଧର୍ମ ସୁଙ୍ଗ ରାଜବଂଶର ରାଜଧର୍ମ ଥିଲା ?
(କ)ବ୍ରାହ୍ମଣ (ଖ)ଜୈନ (ଗ)ବୌଦ୍ଧ (ଘ)ଅର୍ଜବିକା

୨. କାହାକୁ ଭାରତର ନେପୋଲିଅନ୍ କୁହାଯାଏ ?
(କ)ହର୍ଷବର୍ଦ୍ଧନ (ଖ)ଅଶୋକ (ଗ) ଚନ୍ଦ୍ରଗୁପ୍ତ (ଘ)ସମୁଦ୍ରଗୁପ୍ତ

୩. ପ୍ରସିଦ୍ଧ ସଙ୍ଗୀତଜ୍ଞ ତାନସେନଙ୍କର ପ୍ରକୃତ ନାମ କ'ଣ ?
(କ)ଲାଲ୍ କୁଲୱନ୍ତ (ଖ)ହରିଦାସ (ଗ)ମାର୍କଣ୍ଡେୟ (ଘ)ରାମତନୁ ପାଣ୍ଡେ

୪. କିଏ କୁତାବ ମିନାର ନିର୍ମାଣ ଶେଷ କରିଥିଲେ ?
(କ)କୁତାବ ଉଦ୍ଦିନ ଆଇବାକ (ଖ)ଇଲତୁତ ମିସ
(ଗ)ରେଜିୟା (ଘ)ବାବର

୫.୧୯୨୦ ମସିହାରେ କୋଲକତାଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କଂଗ୍ରେସ ଅଧିବେଶନର ସଭାପତି କିଏ ଥିଲେ ?
(କ)ସୁବାଷ ଚନ୍ଦ୍ର ବୋଷ (ଖ)ଜବାହରଲାଲ ନେହେରୁ
(ଗ)ଲାଲା ଲଜପତ ରାୟ (ଘ)ମହାତ୍ମା ଗାନ୍ଧି

୬. ଜାତୀୟ କଂଗ୍ରେସର କେଉଁ ଅଧିବେସନରେ "ପୂର୍ଣ୍ଣସ୍ୱରାଜ" ଘୋଷଣା କରାଯାଇଥିଲା ?
(କ)ଅହମଦାବାଦ ୧୯୨୧ (ଖ)ଗୟା ଅଧିବେଶନ ୧୯୨୨
(ଗ)ମାଡ୍ରାସ ଅଧିବେଶନ୧୯୨୭ (ଘ)ଲାହୋର ଅଧିବେଶନ୧୯୨୯

୭. ପ୍ରାଚୀନ ମିଶରର ଲେଖନ ପ୍ରଣାଳୀକୁ କ'ଣ କୁହାଯାଏ ?
(କ)ହିରୋଗ୍ଲିଫିକ (ଖ)କୁନ୍ଦେଇ ଫର୍ମ
(ଗ)ପାଲି (ଘ)କୌଣସି ନୁହେଁ

୮. କେଉଁ ଦେଶରେ ପୁନଃଜାଗରଣ ବା ରିନାସା ଆରମ୍ଭ ହୋଇଥିଲା ?
(କ)ଗ୍ରୀସ (ଖ)ବ୍ରିଟେନ (ଗ)ଇଟାଲୀ (ଘ)ଫ୍ରାନସ୍

୯. ମହାତ୍ମାଗାନ୍ଧିଙ୍କ ଅନୁପସ୍ଥିତିରେ କିଏ ଭାରତଛାଡ ଆନ୍ଦୋଳନର ନେତୃତ୍ୱ କରିଥିଲେ ?
(କ)ସରୋଜିନୀ ନାଇଡୁ (ଖ)ଅରୁଣା ଆସଫଅଲ୍ଲୀ
(ଗ)ଜବାହରଲାଲ ନେହ୍ରୁର (ଘ)ବଲ୍ଲଭ ଭାଇ ପଟେଲ

୧୦.ଭାରତ ଭାରତୀୟମାନଙ୍କ ପାଇଁ "(ଇଣ୍ଡିଆ ଫର ଦ ଇଣ୍ଡିଆନସ୍)"କିଏ କହିଥିଲେ ?
(କ)ସ୍ୱାମୀ ବିବେକାନନ୍ଦ (ଖ)ରାଜା ରାମମୋହନ ରାୟ
(ଗ)ଦୟାନନ୍ଦ ସରସ୍ୱତୀ (ଘ)ଲାଲା ଲଜପତ ରାୟ

## (୧୧) ବାଣିଜ୍ୟ

୧. ଟୁଇଟର ବ୍ଲୁଟିକ୍ ପାଇଁ ୟୁଜରସ୍‌ମାନଙ୍କୁ ପ୍ରତିମାସରେ କେତେ ଡଲାର ଖର୍ଚ୍ଚ ଦେବାକୁ ପଡିବ ?
(କ)୧୦ଡଲାର (ଖ)୧୫ ଡଲାର (ଗ)୨୦ଡଲାର (ଘ)୨୨ଡଲାର

୨. ରିଲାଏନ୍ସ ଜିଓ ପକ୍ଷରୁ କେତେ ଜି କନେକ୍ଟେଡ ଆମ୍ବୁଲାନ୍ସ ସେବା ଆରମ୍ଭ କରାଯାଇଛି ?
(କ)୨ଜି (ଖ)୪ଜି (ଗ)୫ଜି (ଘ)୬ଜି

୩. ସାରା ଭାରତରେ ଚଳିତ ବର୍ଷ ଦୀପାବଳୀରେ କେତେ ହଜାର କୋଟି ଟଙ୍କାରୁ ଅଧିକ ବାଣ ଫୁଟାଯାଇଛି ବୋଲି କ୍ରାକର ଇଣ୍ଡଷ୍ଟ୍ରିଜ ସୂଚନା ଦେଇଛି ?
(କ)୫୦୦୦କୋଟି (ଖ)୬୦୦୦କୋଟି
(ଗ) ୬୫୦୦କୋଟି (ଘ)୭୦୦୦କୋଟି

୪. କେନ୍ଦ୍ର ସରକାର ଚିନି ରପ୍ତାନି ପ୍ରତିବନ୍ଧକ ୩୧ ଅକ୍ଟୋବର ୨୦୨୨ ରୁ କେତେ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ?
(କ)୧ବର୍ଷ (ଖ)୧.୫ବର୍ଷ (ଗ)୨ବର୍ଷ (ଘ) ୨.୫ବର୍ଷ

୫. ପ୍ରଥମଥର କରି ଏୟାର ବସ ସହ ଚୁକ୍ତିକରି କେଉଁଠାରେ ସି-୨୯୫ ଏୟାର କ୍ରାଫ୍ଟ ଭାରତରେ ନିର୍ମାଣ କରିବ ?
(କ)ଗୁଜୁରାଟ (ଖ)ମହାରାଷ୍ଟ୍ର (ଗ)ତାମିଲନାଡୁ (ଘ)ଆନ୍ଧ୍ରପଦେଶ

୬. ଡାବର ଇଣ୍ଡିଆ ବାଦଶାହା ମସଲାର କେତେ ଅଂଶଧନ ହାସଲ କରିବାକୁ ଯାଉଛି ?
(କ)୪୫% (ଖ)୫୦% (ଗ)୫୧% (ଘ)୫୫%

୭. ଫେସବୁକ୍ (ମେଟା) ତା'ର ମୋଟା କର୍ମଚାରୀ ସଂଖ୍ୟାର କେତେ ପ୍ରତିଶତ ଛଟେଇ କରିବେ ?
(କ)୧୦% (ଖ)୧୫% (ଗ)୧୭% (ଘ)୨୦%

୮. ଓଡ଼ିଶାରେ ଧନତରାସ ପାଇଁ ୧୫ଘଣ୍ଟା ମଧ୍ୟରେ ୩୦ଟି ଜିଲ୍ଲାର ଜଣାଶୁଣା ସୁନା ଦୋକାନ ଗୁଡ଼ିକରେ କେତେ କୋଟିରୁ ଅଧିକ ଅଳଙ୍କାର ବ୍ୟବସାୟ ହୋଇଛି ?
(କ)୧୦୦କୋଟି (ଖ)୧୨୦କୋଟି (ଗ)୧୫୦କୋଟି (ଘ)୨୦୦କୋଟି

୯. ପ୍ରତିରକ୍ଷା କ୍ଷେତ୍ରକୁ ଉନ୍ନତ ସାମଗ୍ରୀ ଷ୍ଟେନ୍‌ଲେସ୍ ଷ୍ଟିଲ୍ କେଉଁ କମ୍ପାନୀ ଯୋଗାଇବ ?
(କ)ଟାଟା (ଖ)ଆର.ଏସ୍.ପି
(ଗ)ଜିନ୍ଦଲ (ଘ)ବେଦାନ୍ତ

୧୦.ଗତ ଛଅମାସ ମଧ୍ୟରେ ଇସ୍ପାତର ମୂଲ୍ୟ କେତେ ପ୍ରତିଶତ ହ୍ରାସ ପାଇଛି ?
(କ)୨୦% (ଖ)୨୫%
(ଗ)୩୦% (ଖ)୪୦%

**ଉତ୍ତର**

**୧.(କ)ବ୍ରାହ୍ମଣ, ୨.(ଘ)ସମୁଦ୍ରଗୁପ୍ତ, ୩.(ଖ)ହରିଦାସ, ୪.(ଖ)ଇଲତୁତ ମିସ, ୫.(ଗ)ଲାଲା ଲଜପତ ରାୟ, ୬.(ଘ)ଲହୋର ଅଧିବେଶନ ୧୯୨୯, ୭.(କ)ହିରୋଗ୍ଲିଫିକ, ୮.(ଗ)ଇଟାଲୀ, ୯.(ଖ)ଅରୁଣା ଆସଫଅଲ୍ଲୀ, ୧୦.(ଗ)ଦୟାନନ୍ଦ ସରସ୍ୱତୀ**

**୧.(ଗ)୨୦ଡଲାର, ୨.(ଗ)୫ଜି, ୩.(ଖ)୬୦୦୦କୋଟି, ୪.(କ)୧ବର୍ଷ, ୫.(କ)ଗୁଜୁରାଟ, ୬.(ଗ)୫୧%, ୭.(ଘ)୨୦%, ୮.(ଗ)୧୫୦କୋଟି, ୯.(ଗ)ଜିନ୍ଦଲ, ୧୦.(ଖ)୪୦%**



କଠିନ ପରିଶ୍ରମ କୌଣସି କାର୍ଯ୍ୟକୁ ହାସଲ କରିପାରିବ ନାହିଁ, ଏଭଳି ଖୁବ୍ କମ୍ କଥା ଏ ଜଗତରେ ଅଛି । - ରେନ୍‌ଲୋର୍ଡ଼

## (୧୨) ଅର୍ଥନୀତି

୧. ଗତ ଜୁଲାଇରେ ଇ.ପି.ଏଫ୍ ରେ ୧୮.୨ ଲକ୍ଷ ନୂଆ ସଦସ୍ୟ ଯୋଡି ହୋଇଥିଲେ। ଅଗଷ୍ଟ,୨୨ ରେ ଏହା କେତେ ପ୍ରତିଶତ ହ୍ରାସ ପାଇଛି ?
(କ)୬.୧% (ଖ)୭.୧% (ଗ)୮.୧% (ଘ)୯.୧%

୨. ନଭେମ୍ବର ମାସରୁ ଏଲପିଜି ଗ୍ୟାସ ସିଲିଭର କେତେଟଙ୍କା ଶସ୍ତା ହୋଇଛି ?
(କ)୧୧୦ଟଙ୍କା (ଖ)୧୧୫ଟଙ୍କା (ଗ)୧୨୦ଟଙ୍କା (ଘ)୧୨୫ଟଙ୍କା

୩. ସାରା ଦେଶରେ ଆର.ବି.ଆଇ. ଡିଜିଟାଲ କରେନ୍ସି କେବେଠାରୁ ପ୍ରଚଳନ ପାଇଁ ଘୋଷଣା କରିଛି ?
(କ)ନଭେମ୍ବର,୨୨ (ଖ)ଡିସେମ୍ବର,୨୨
(ଗ)ଜାନୁଆରୀ,୨୩ (ଘ)ଫେବୃଆରୀ,୨୩

୪. ଓଡିଶାର ସରକାର ଷ୍ଟାର୍ଟଅପ ଇକୋସିଷ୍ଟମର ବିକାଶ ଦିଗରେ କେତୋଟି ଷ୍ଟାର୍ଟଅପ୍‌କୁ ୧.୫୩ କୋଟି ଟଙ୍କା ସହାୟତା ଦଇଛନ୍ତି ?
(କ)୧୫ (ଖ)୨୦ (ଗ)୨୩ (ଘ)୨୫

୫. ଭାରତୀୟ ରିଜର୍ଭବ୍ୟାଙ୍କ ନିଜସ୍ୱ ଡିଜିଟାଲ ମୁଦ୍ରା ଇ-ଟଙ୍କାର ପରୀକ୍ଷା ମୂଳକ ପ୍ରକଳ୍ପ ଭାବରେ କେତୋଟି ବ୍ୟାଙ୍କ ଆରମ୍ଭ କରିଛନ୍ତି ?
(କ)୫ଟି (ଖ)୭ଟି (ଗ)୮ଟି (ଘ)୯ଟି

୬. ଦେଶରେ ଯେଉଁ ନିୟମ ଅଛି ଅବିବାହିତ ମହିଳା ୨୫୦ଗ୍ରାମ ସୁନା, ପୁରୁଷ ସଦସ୍ୟ ୧୦୦ଗ୍ରାମ ସୁନା ଏବଂ ବିବାହିତ ମହିଳା ନିଜ ପାଖରେ କେତେ ସୁନା ରଖି ପାରିବ ?
(କ)୨୦୦ଗ୍ରାମ (ଖ)୨୫୦ଗ୍ରାମ (ଗ)୩୦୦ଗ୍ରାମ (ଘ)୫୦୦ଗ୍ରାମ

୭. ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କେତେ ଟଙ୍କା ଉର୍ଦ୍ଧ୍ୱରେ ଅଛି ?
(କ)୮୦ଟଙ୍କା (ଖ)୮୧ଟଙ୍କା (ଗ)୮୨ଟଙ୍କା (ଘ)୮୩ଟଙ୍କା

୮. ଅକ୍ଟୋବର ଶେଷ ସପ୍ତାହରେ ପେଟ୍ରୋଲ ଏବଂ ଡିଜେଲ ଦର କେତେ ପଇସା ହ୍ରାସ ପାଇଛି ?
(କ)୨୦ପଇସା (ଖ) ୩୦ପଇସା (ଗ)୪୦ପଇସା (ଘ)୫୦ପଇସା

୯. ଗତବର୍ଷ ତୁଳନାରେ ଭାରତରେ କେତେ ପ୍ରତିଶତ କ୍ରେଡିଟ କାର୍ଡ ଦ୍ୱାରା ବ୍ୟୟ ବଢ଼ିଛି ?
(କ)୫୦% (ଖ)୫୧% (ଗ)୫୨% (ଘ)୫୩%

୧୦.ବିଶ୍ୱର ୬୩ ପ୍ରତିଶତ ଲୋକ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ବ୍ୟବହାର କାରୀ ସଂଖ୍ୟାନୁସାରେ ଭାରତର ସ୍ଥାନ କେତେ ?
(କ)ପ୍ରଥମ (ଖ)ଦ୍ୱିତୀୟ (ଗ) ତୃତୀୟ (ଘ)ଚତୁର୍ଥ

## (୧୩) କ୍ରୀଡ଼ା

୧. ୨୦୨୨ର ୟୁ.ଏସ. ଓପନ୍ ଟେନିସରେ ପୁରୁଷ ସିଂଗଲ୍ସ ଚମ୍ପିଆନ ହୋଇଥିବା କାର୍ଲୋସ ଆଲକାରାଜ୍ କେଉଁ ଦେଶର ଖେଳାଳି ?
(କ)ବ୍ରାଜିଲ୍ (ଖ)ଫ୍ରାନ୍ସ (ଗ)ସ୍ପେନ୍ (ଘ)ସ୍ୱିଡେନ

୨. ୨୦୨୨ର ୟୁ.ଏସ. ଓପନ୍ ଟେନିସରେ ମହିଳା ସିଂଗଲ୍ସ ଚମ୍ପିଆନ ହୋଇଥିବା ଇଗା ସ୍ୱିଆଟେକ୍ କେଉଁ ଦେଶର ଖେଳାଳି ?
(କ)ଜର୍ମାନୀ (ଖ)ପୋଲାଣ୍ଡ (ଗ)ସ୍ଲୋଭାକିଆ (ଘ)ୟୁକ୍ରେନ୍

୩. ୨୦୨୨ର ବିଶ୍ୱ ଶୁଟିଂ ଚାମ୍ପିଆନଶିପ କେଉଁଠାରେ ଅନୁଷ୍ଠିତ ହୋଇଥିଲା ?
(କ)କାତାର୍ (ଖ)ଜାଗ୍ରେବ୍ (ଗ)ମାଦ୍ରିଦ୍ (ଘ)କାଏରୋ

୪. ୨୦୨୨ର ବିଶ୍ୱ ଶୁଟିଂ ପ୍ରତିଯୋଗିତାର ସିନିଅର ବିଭାଗରେ ଭାରତକୁ କେତୋଟି ସ୍ୱର୍ଣ୍ଣପଦକ ମିଳିଛି ?
(କ)୨ଟି (ଖ)୩ଟି (ଗ)୪ଟି (ଘ)୫ଟି

୫. ୨୦୨୨ର ବିଶ୍ୱ ଶୁଟିଂ ପ୍ରତିଯୋଗିତାର ସିନିଅର ବିଭାଗରେ ବ୍ୟକ୍ତିଗତ ଭାବେ ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିଣିଥିବା ଖେଳାଳିଙ୍କ ନାମ କ'ଣ ?
(କ)ମନୁ ଭାକର୍ (ଖ)ରିଦିମ୍ ସାଙ୍ଗୱାନ୍
(ଗ)ଅର୍ଜୁନ ବାବୁତା (ଘ)ରୁଦ୍ରାକ୍ଷ ପାଟିଲ

୬. ୨୦୨୨ର ଟି-ଟ୍ୱେଣ୍ଟି ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚରେ ଭାରତ କାହାକୁ ପରାସ୍ତ କରିଛି ?
(କ)ଜିମ୍ବାବ୍ୱେ (ଖ)ବାଂଲାଦେଶ (ଗ)ପାକିସ୍ତାନ (ଘ)ଅଷ୍ଟ୍ରେଲିଆ

୭. ୨୦୨୨ର ଟି-ଟ୍ୱେଣ୍ଟି ବିଶ୍ୱକପରେ କେଉଁ ପୂର୍ବତନ ଚାମ୍ପିଆନ ଦଳ ସୁପର୍-୧୨ ପର୍ଯ୍ୟାୟକୁ ଯାଇପାରିନାହିଁ ?
(କ)ଇଂଲଣ୍ଡ (ଖ)ୱେଷ୍ଟଇଣ୍ଡିଜ୍ (ଗ)ପାକିସ୍ତାନ (ଘ)ଶ୍ରୀଲଙ୍କା

୮. ୨୦୨୨ର ଫିଫା ବିଶ୍ୱକପର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜକ କାତାର କେଉଁ ଦେଶ ସହିତ ଖେଳିବ ?
(କ)ଇକ୍ୱେଡର୍ (ଖ)ସେନେଗାଲ୍ (ଗ)ସ୍ପେନ୍ (ଘ)ମେକ୍ସିକୋ

୯. ରୁଷରେ ଆୟୋଜିତ ୨୦୧୮ର ଫିଫା ବିଶ୍ୱକପ ଫୁଟବଲ ପ୍ରତିଯୋଗିତାରେ କେଉଁ ଦେଶ ଚାମ୍ପିଆନ ହୋଇଥିଲା ?
(କ)କ୍ରୋଏସିଆ (ଖ)ଜର୍ମାନୀ (ଗ)ବ୍ରାଜିଲ (ଘ)ଫ୍ରାନ୍ସ

୧୦.୨୦୨୩ର ଫିଫା ମହିଳା ବିଶ୍ୱକପ ଫୁଟବଲ ପ୍ରତିଯୋଗିତାକୁ କେଉଁ ଦୁଇଟି ଦେଶ ମିଳିତ ଭାବେ ଆୟୋଜନ କରିବେ ?
(କ)ଜାପାନ-କୋରିଆ (ଖ)ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ
(ଗ)ସ୍ପେନ୍-ପର୍ତ୍ତୁଗାଲ (ଘ)ୟୁ.ଏସ.ଏ.-କାନାଡ଼ା

### ଉତ୍ତର

**୧.(ଖ)୭.୧%, ୨.(ଖ)୧୧୫ଟଙ୍କା, ୩.(କ)୧ନଭେମ୍ବର,୨୨, ୪.(ଗ)୨୩, ୫.(ଘ)୯ଟି, ୬.(ଘ)୫୦୦ଗ୍ରାମ, ୭.(ଗ)୮୨ଟଙ୍କା, ୮.(ଗ)୪୦ପଇସା, ୯.(ଘ)୫୩%, ୧୦.(ଖ)ଦ୍ୱିତୀୟ**

**୧.(ଗ)ସ୍ପେନ୍, ୨.(ଖ)ପୋଲାଣ୍ଡ, ୩.(ଘ)କାଏରୋ, ୪.(କ)୨ଟି, ୫.(ଘ)ରୁଦ୍ରାକ୍ଷ ପାଟିଲ, ୬.(ଗ)ପାକିସ୍ତାନ, ୭.(ଖ)ୱେଷ୍ଟଇଣ୍ଡିଜ୍, ୮.(କ)ଇକ୍ୱେଡର୍, ୯.(ଘ)ଫ୍ରାନ୍ସ, ୧୦.(ଖ)ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ**



ଜଣେ ଯେତେ ତଳେ ପଡ଼ିଥାଉ ପଛକେ ସେ'ତ ମନୁଷ୍ୟ, ଏଣୁ ଆଦରର ଅଧିକାରୀ ।- ସେନେକା

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧.୨୦୨୨ରେ ନୋବେଲ ସାହିତ୍ୟ ପୁରସ୍କାର ପାଇଥିବା ଆନ୍ନି ଏର୍ନାକ୍ସ କେଉଁ ଦେଶର ବାସିନ୍ଦା ?ଦେଶର ବାସିନ୍ଦା ?
(କ)ବେଲଜିୟମ (ଖ)ଫ୍ରାନ୍ସ (ଗ)କାନାଡ଼ା (ଘ)ସ୍ୱିଜରଲାଣ୍ଡ

୨.ଆନ୍ନି ଏର୍ନାକ୍ସଙ୍କୁ ମିଶାଇ ଫ୍ରାନ୍ସ ଦେଶର କେତେଜଣ ସାହିତ୍ୟିକ ଏପର୍ଯ୍ୟନ୍ତ ନୋବେଲ ପୁରସ୍କାର ପାଇସାରିଲେଣି ?
(କ)୧୨ଜଣ (ଖ)୧୩ଜଣ (ଗ)୧୪ଜଣ (ଘ)୧୫ଜଣ

୩.ଆନ୍ନି ଏନାକ୍ସଙ୍କୁ ମିଶାଇ ଏପର୍ଯ୍ୟନ୍ତ କେତେଜଣ ମହିଳାଙ୍କୁ ସାହିତ୍ୟରେ ନୋବେଲ ପୁରସ୍କାର ମିଳିସାରିଲାଣି ?
(କ)୧୫ଜଣ (ଖ)୧୬ଜଣ (ଗ)୧୭ଜଣ (ଘ)୧୮ଜଣ

୪.୨୦୨୨ର ବୁକର୍ ପୁରସ୍କାର ଜିଣିଥିବା ଶେହାନ୍ କରୁଣାତିଲକେ କେଉଁ ଦେଶର ନାଗରିକ ?
(କ)ଭାରତ (ଖ)ଶ୍ରୀଲଙ୍କା (ଗ)ମାଲେସିଆ (ଘ)କେନିୟା

୫.କିଏ ନୋବେଲ ସାହିତ୍ୟ ପୁରସ୍କାର ଓ ବୁକର ପୁରସ୍କାର ଦୁଇଟି ଯାକ ଜିତିଛନ୍ତି ?
(କ)ଭି.ଏସ. ନଇପଲ୍ (ଖ)ଅବଦୁଲ ରଜ୍ଜାକ୍ ଗୁରାନହ୍
(ଗ)ଆଲିସ୍ ମୁନରୋ (ଘ)ଡୋରିସ ଲେସିଙ୍ଗ୍

୬.କାର୍ତ୍ତିକ ପୂର୍ଣ୍ଣମା ଦିନ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଯେଉଁ ସୁନାବେଶ ହୋଇଥାଏ ତା'କୁ କେଉଁ ବେଶ କୁହାଯାଏ ?
(କ)ବାଙ୍କଚୂଡ଼ା ବେଶ (ଖ)ରାଜରାଜେଶ୍ୱର ବେଶ
(ଗ)ନାଗାର୍ଜୁନ ବେଶ (ଘ)ବଡ଼ସିଂହାର ବେଶ

୭.ଶିଖ୍ ଧର୍ମର ପ୍ରଚାରକ ଶ୍ରୀ ଗୁରୁ ନାନକ ଦେବଙ୍କ ଜନ୍ମ କାର୍ତ୍ତିକ ପୂର୍ଣ୍ଣିମା ଦିନ ହୋଇଥିଲା । ତାଙ୍କର ଆବିର୍ଭାବ ଦିବସକୁ କେଉଁ ପର୍ବ ଭାବେ ପାଳନ କରାଯାଏ ?
(କ) ନାନ୍‌କାନା ପର୍ବ (ଖ) ଖାଲ୍‌ସା ପର୍ବ
(ଗ) ଦିବ୍ୟଜ୍ୟୋତି ପର୍ବ (ଘ) ପ୍ରକାଶ ପର୍ବ

୮. କେଉଁ ନୃତ୍ୟଟି ଏକ ଶାସ୍ତ୍ରୀୟ ନୃତ୍ୟ ନୁହେଁ?
(କ)ମଣିପୁରୀ (ଖ)କଥାକଲୀ (ଗ)ଗରବା (ଘ)କଥକ

୯. ଓଡ଼ିଶା ଲଳିତ କଳା ଏକାଡେମି ପକ୍ଷରୁ କଳା କ୍ଷେତ୍ର ସକାଶେ ପ୍ରଦାନ କରାଯାଉଥିବା ଆମ ରାଜ୍ୟର ସର୍ବୋଚ୍ଚ ପୁରସ୍କାରର ନାମ କ'ଣ ?
(କ)କୋଣାର୍କ ପୁରସ୍କାର (ଖ)ସାରଳା ପୁରସ୍କାର
(ଗ)ଧର୍ମପଦ ପୁରସ୍କାର (ଘ)ଲଳିତ କଳା ଏକାଡେମି ପୁରସ୍କାର

୧୦.କେଉଁଟି ଏକ ପାଶ୍ଚାତ୍ୟ ବାଦ୍ୟଯନ୍ତ୍ର ଅଟେ ?
(କ)ବେହେଲା (ଖ)ବୀଣା (ଗ)ତବଲା (ଘ)ସିତାର୍

## (୧୫) ଭୂଗୋଳ

୧.ଶିବ ସମୁଦ୍ରମ୍ ଜଳପ୍ରପାତ କେଉଁ ନଦୀର ଶଯ୍ୟାରେ ଅବସ୍ଥିତ ?
(କ)ପେରିୟାର (ଖ)କ୍ରିଷ୍ଣା (ଗ)କାବେରୀ (ଘ)ତୁଙ୍ଗଭଦ୍ରା

୨.ଓଡ଼ିଶାରେ ବୁଢ଼ାବଳଙ୍ଗ ନଦୀ ଶଯ୍ୟାରେ କେଉଁ ଜଳପ୍ରପାତ ଅବସ୍ଥିତ ?
(କ)ଦେବକୁଣ୍ଡ (ଘ)ବରେହୀପାଣି
(ଗ)ଘାଗରା (ଘ) ଖଣ୍ଡାଧାର

୩.ତାମିଲନାଡୁର ରାଜଧାନୀ ଚେନ୍ନାଇ ନିକଟରେ ସ୍ଥିତ ଲୁଣି ଜଳପୂର୍ଣ୍ଣ ହ୍ରଦର ନାମ କଣ ?
(କ)କୋଲେରୁ (ଖ)ବାମନାଡ଼ (ଗ) ସମ୍ଭର (ଘ) ପୁଲ୍ଲିକଟ୍

୪.ଆଫ୍ରିକା ମହାଦେଶ ଅନ୍ତର୍ଗତ ଏରିତ୍ରିୟା ନାମକ ଦେଶଟି କିଛି ବର୍ଷ ପୂର୍ବେ କେଉଁ ଦେଶର ଅଂଶବିଶେଷ ଥିଲା ?
(କ)କେନିୟା (ଖ) ସୁଦାନ (ଗ)ଇଥିଓପିଆ (ଘ) ସୋମାଲିଆ

୫.ଭାରତ ମହାସାଗରରେ ଅବସ୍ଥିତ ଜାଞ୍ଜିବର ଦ୍ୱୀପଟି କେଉଁ ଦେଶର ଅଂଶବିଶେଷ ?
(କ)ତାଞ୍ଜାନିଆ (ଖ) ୟୁଗାଣ୍ଡା (ଗ)ଦକ୍ଷିଣ ଆଫ୍ରିକା (ଘ)ମାଡ଼ାଗାସ୍କର

୬.କେଉଁଟି ଏକ ଅଧାତବ ଖଣିଜ ପଦାର୍ଥ ଅଟେ ?
(କ)ବକ୍ସାଇଟ (ଖ)ଟଙ୍ଗଷ୍ଟନ (ଗ)ଜିଙ୍କ (ଘ)ଜିପସନ୍

୭.କେଉଁଟି ସବୁଠାରୁ ଉତ୍କୃଷ୍ଟ ଧରଣର ଲୁହାପଥର ?
(କ) ହେମାଟାଇଟ୍ (ଖ)ମାଗ୍ନେଟାଇଟ
(ଗ) ଲିମୋଟାଇଟ୍ (ଘ)ସ୍ପିଡ଼େରାଇଟ୍

୮.ଭାରତରେ ଏବେ କେତୋଟି ଅଭୟାରଣ୍ୟରେ "ବ୍ୟାଘ୍ର ପ୍ରକଳ୍ପ" ଯୋଜନା କାର୍ଯ୍ୟକାରୀ ହେଉଛି ?
(କ)୩୭ଟି (ଖ)୩୯ଟି (ଗ)୪୧ଟି (ଘ)୪୩ଟି

୯. କୋଆଲା, ୱାଲାବି,ପ୍ଲାଟିପସ୍ ଓ ଡିଙ୍ଗୋ ଭଳି ବିରଳ ପ୍ରାଣୀଗୁଡ଼ିକ କେଉଁ ଦେଶରେ ଦେଖାଯାଆନ୍ତି ?
(କ)ଆର୍ଜେଣ୍ଟିନା (ଖ)ଦକ୍ଷିଣ ଆଫ୍ରିକା
(ଗ)ଜିମ୍ବାୱେ (ଘ)ଅଷ୍ଟ୍ରେଲିଆ

୧୦. ନିମ୍ନଲିଖିତ ଜିଲ୍ଲାର କେଉଁ ସୀମା ବଙ୍ଗୋପସାଗରକୁ ଲାଗି ନାହିଁ ?
(କ)ଭଦ୍ରକ (ଖ)ଯାଜପୁର (ଗ)କେନ୍ଦ୍ରାପଡ଼ା (ଘ)ଗଞ୍ଜାମ

**ଉତ୍ତର**

**୧.(ଖ)ଫ୍ରାନ୍ସ, ୨.(ଘ)୧୫ଜଣ, ୩.(ଗ)୧୭ଜଣ, ୪.(ଖ)ଶ୍ରୀଲଙ୍କା, ୫.(କ)ଭି.ଏସ. ନଇପଲ, ୬.(ଖ)ରାଜରାଜେଶ୍ୱର ବେଶ, ୭.(ଘ)ପ୍ରକାଶ ପର୍ବ, ୮.(ଗ)ଗରବା, ୯.(ଗ)ଧର୍ମପଦ ପୁରସ୍କାର, ୧୦.(କ)ବେହେଲା**

**୧.(ଗ)କାବେରୀ, ୨.(ଘ)ବରେହୀପାଣି, ୩.(ଘ)ପୁଲ୍ଲିକଟ୍, ୪.(ଗ)ଇଥିଓପିଆ, ୫.(କ)ତାଞ୍ଜାନିଆ, ୬.(ଘ)ଜିପସନ୍, ୭.(ଘ)(କ)ହେମାଟାଇଟ୍, ୮.(ଗ)୪୧ଟି, ୯.(ଘ)ଅଷ୍ଟ୍ରେଲିଆ, ୧୦.(ଖ)ଯାଜପୁର**



ଜଣେ କଠିନ ପରିଶ୍ରମ କରି ସଫଳତା ହାସଲ କଲାପରେ , ଲୋକେ କୁହନ୍ତି ସେଇଟା ତାର ଭାଗ୍ୟ । - ଆଲରଜ୍

## (୧୬) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ଭାରତର ସଂଘୀୟ ବ୍ୟବସ୍ଥା କେଉଁ ରାଷ୍ଟ୍ରର ସଂଘୀୟ ବ୍ୟବସ୍ଥା ଭଳି ହୋଇଅଛି ?
(କ)ଯୁକ୍ତରାଷ୍ଟ୍ର ଆମେରିକା (ଖ)କାନାଡ଼ା
(ଗ)ଅଷ୍ଟ୍ରେଲିଆ (ଘ)ନିଉଜିଲ୍ୟାଣ୍ଡ

୨. ଭାରତର ସମ୍ବିଧାନରେ ବଳକା କ୍ଷମତା କାହା ଉପରେ ନ୍ୟସ୍ତ ହୋଇଅଛି ?
(କ)କେନ୍ଦ୍ର ସରକାର (ଖ)ରାଜ୍ୟ ସରକାର
(ଗ)କେନ୍ଦ୍ର ଓ ରାଜ୍ୟ ଉଭୟ (ଘ)ଉପରୋକ୍ତ କିଛି ନୁହେଁ

୩. ଭାରତୀୟ ସଂଘୀୟ ବ୍ୟବସ୍ଥାରେ କେଉଁଟି କେନ୍ଦ୍ରାଭିମୁଖୀ ଲକ୍ଷଣ ?
(କ)ଏକକ ନାଗରିକତ୍ୱ (ଖ)କ୍ଷମତାର ବିକେନ୍ଦ୍ରୀକରଣ
(ଗ)ଦ୍ୱୈତ୍ୟ ରାଜନୀତି (ଘ)ଉପରୋକ୍ତ କିଛି ନୁହେଁ

୪. କେନ୍ଦ୍ର ସେବା ଆୟୋଗକୁ କାହାର ଅନୁମୋଦନରେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥାଏ ?
(କ)କେନ୍ଦ୍ର ଘରୋଇ ମନ୍ତ୍ରୀ (ଖ)ସଂସଦ (ଗ)ମନ୍ତ୍ରୀମଣ୍ଡଳ (ଘ)ରାଷ୍ଟ୍ରପତି

୫. ପଛୁଆବର୍ଗ ପାଇଁ ମଣ୍ଡଳ କମିଶନ କେଉଁ ମସିହାରେ ଗଠନ ହୋଇଥିଲା
(କ)୧୯୯୫ (ଖ)୧୯୭୫ (ଗ)୧୯୭୮ (ଘ)୧୯୮୭

୬. ସମ୍ବିଧାନର କେଉଁ ଧାରାରେ ଜାମ୍ମୁ ଓ କାଶ୍ମୀର ରାଜ୍ୟ ପାଇଁ ସ୍ୱତନ୍ତ୍ର ପାହ୍ୟା ବର୍ଣ୍ଣିତ ହେଇଅଛି ?
(କ)ଧାରା ୩୬୯ (ଖ)ଧାରା ୩୭୦
(ଗ)ଧାରା ୩୭୧ (ଘ)ଉପରୋକ୍ତ କେଉଁଟି ନୁହେଁ

୭. ସମ୍ବିଧାନର କେଉଁ ସଂଶୋଧନରେ ନଗରପାଳିକାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଛି ?
(କ)୭୦ ତମ (ଖ)୭୨ ତମ (ଗ)୭୩ ତମ (ଘ)୭୪ ତମ

୮. ୬୧ ତମ ସମ୍ବିଧାନ ସଂଶୋଧନରେ କେଉଁ ଭାଷା ଆଞ୍ଚଳିକ ଭାଷା ତାଲିକାରେ ଯୋଗ କରାଯାଇଅଛି ?
(କ)ଓଡ଼ିଆ (ଖ)କାଶ୍ମିରୀ (ଗ)ସିନ୍ଧି (ଘ)ଆସାମୀ

୯. ଭାରତର ସଞ୍ଚିତ ପାଣ୍ଠିରେ କେଉଁଠାରୁ ଅର୍ଥ ଆସି ଜମା ହୁଏ
(କ)ରାଜସ୍ୱ (ଖ)ଅଗ୍ରୀମ ଋଣ
(ଗ)ପରିଶୋଧ ଋଣ (ଘ)ଉପରୋକ୍ତ ସବୁଗୁଡ଼ିକ

୧୦.ଭାରତର ନିର୍ବାଚନ ପଦ୍ଧତି କେଉଁ ରାଷ୍ଟ୍ରର ନିର୍ବାଚନ ପ୍ରଣାଳୀ ପରି ?
(କ)ବ୍ରିଟେନ (ଖ)ଫ୍ରାନ୍ସ
(ଗ)ଯୁକ୍ତରାଷ୍ଟ୍ର ଆମେରିକା (ଘ)ଉପରୋକ୍ତ କେଉଁଟି ନୁହେ

## (୧୭) କମ୍ପ୍ୟୁଟର ଶିକ୍ଷା

୧. କେଉଁ ଡିସ୍କଟିରେ କେବଳ ପଢିହେବ ?
(କ) ଡ଼ି.ଭି.ଡି-ଆର (ଖ) ଡ଼ି.ଭି.ଡି-ରାମ
(ଗ) ଡ଼ି.ଭି.ଡି-ଆର ଡବ୍ଲୁ (ଘ) ସିଡି-ଆର

୨. ଯେଉଁ ପ୍ରୋଗ୍ରାମରେ କେବଳ ୱେବ ପେଜକୁ ପଢିହେବ ତାହା କଣ ?
(କ) ୱେବ ପ୍ରୋସେସର (ଖ)ସ୍ପିଡି ସିଟ
(ଗ) ପ୍ରୋଟକଲ (ଘ)ବ୍ରାଉଜର

୩. କେଉଁଟି ସବୁଠାରୁ କମ୍ ଷ୍ଟୋର କରିବାର ଦକ୍ଷତା ଅଛି ?
(କ) ଜିପ ଡିସ୍କ (ଖ) ହାର୍ଡ ଡିସ୍କ (ଗ)ଫ୍ଲପି ଡିସ୍କ (ଘ)ଡାଟା ଆଟ୍ରିଜ

୪. କେଉଁ ମିମୋରୀଟି ସୁଇଚ ଅଫ ପରେ କାମ କରେ ନାହିଁ ?
(କ) ରମ (ଖ) ରାମ (ଗ) କେଚ (ଘ) ଡାଇନାମିକ

୫. କମ୍ପୁଟର ସ୍ପିକର କେଉଁ ପ୍ରକାର ଡିଭାଇସ ଅଟେ ?
(କ)ଇନପୁଟ (ଖ)ଆଉଟପୁଟ
(ଗ)ସଫଟ ଓୟାର (ଘ)ହାର୍ଡ ଓୟାର

୬. ବିଟ୍ ଶବ୍ଦଟି କଣ ବୁଝାଏ ?
(କ)ମେଗାବାଇଟ (ଖ)ବାଇନାରୀ ଡିଜିଟ
(ଗ)ବାଇନାରୀ ଲାଙ୍ଗୁଏଜ (ଘ)ବାଇନାରୀ ନମ୍ବର

୭. ଟେଲି କମୁନିକେସନ ଲାଇନରେ କାହା ମାଧ୍ୟମରେ ଡାଟା ଟ୍ରାନଫର କରାଯାଇଥାଏ ?
(କ) ଡ୍ରାଇଭର (ଖ) ଡ୍ରାଇଭର ବେଜସ
(ଗ) ମୋଡେମର (ଘ) ପ୍ଲାଟଫର୍ମ

୮. କେଉଁଟି ୧ ବିଲିୟନ ବାଇଟସ ?
(କ) କିଲୋବାଇଟ (ଖ)ବିଟ (ଗ) ଗିଗାବାଇଟ (ଘ) ମେଗାବାଇଟ

୯. କମ୍ପୁଟର ଡାଟା ସହ ସମ୍ପର୍କିତ, କାରଣ ସେଗୁଡିକ ଡାଟାକୁ କଣ କରିଥାଏ ?
(କ) ଉପସ୍ଥାନ କିଛି (ଖ) ଇନପୁଟ କରେ
(ଗ) ଆଉଟପୁଟକରେ (ଘ) ଷ୍ଟୋର କରିଥାଏ

୧୦.ସରଭର ଦ୍ୱାରା କମ୍ପୁଟର ଗୁଡ଼ିକ ଅନ୍ୟ କମ୍ପୁଟରକୁ କାହା ମାଧ୍ୟମରେ ତଥ୍ୟ ଯୋଗାଇଥାଏ ?
(କ)ନେଟ ୱର୍କ (ଖ)ମେନ ଫ୍ରେମ (ଗ)ସୁପର କମ୍ପୁଟର (ଘ)କ୍ଲାଏ

**ଉତ୍ତର**

**୧.(ଖ)କାନାଡ଼ା, ୨.(ଘ)କେନ୍ଦ୍ର ସରକାର, ୩.(କ)ଏକକ ନାଗରିକତ୍ୱ ୪.(ଖ)ସଂସଦ, ୫.(ଗ)୧୯୭୮, ୬.(ଖ)ଧାରା ୩୭୦, ୭.(ଘ)୭୪ତମ, ୮.(ଗ)ସିନ୍ଧି, ୯.(କ)ଉପରୋକ୍ତ ସବୁଗୁଡ଼ିକ, ୧୦.(କ)ବ୍ରିଟେନ**

**୧.(ଖ)ଡ଼ି.ଭି.ଡି-ରାମ, ୨(ଘ)ବ୍ରାଉଜର, ୩.(ଗ)ଫ୍ଲପି ଡିସ୍କ, ୪.(ଖ)ରାମ, ୫.(ଖ)ଆଉଟପୁଟ, ୬.(ଖ)ବାଇନାରୀ ଡିଜିଟ, ୭.(ଗ)ମୋଡେମର, ୮.(ଗ)ଗିଗାବାଇଟ, ୯.(ଘ)ଷ୍ଟୋର କରିଥାଏ, ୧୦.(କ)ନେଟ ୱର୍କ**



ଜଣକର ଧନର ପ୍ରାଚୁର୍ଯ୍ୟ ପ୍ରମାଣ କରିଦିଏ ଯେ ଅନ୍ୟଜଣେ ନିଶ୍ଚୟ ଉତ୍କଟ ଦାରିଦ୍ର୍ୟ ଭୋଗ କରୁଛି । - ଲାଜର୍

## (୧୮) ଗାଣିତିକ ପ୍ରଶ୍ନାବଳୀ

୧.କେତେ ସେଣ୍ଟିମିଟରରେ ଏକ ଇଞ୍ଚ ହୁଏ ?
(କ)୨.୨୦ ସେମି (ଖ)୨.୩୭ ସେମି
(ଗ)୨.୫୪ ସେମି (ଘ) ୨.୬୫ ସେମି

୨.କୌଣସି ନିୟମିତ ବା ଅନିୟମିତ ସମତଳ କ୍ଷେତ୍ରର କ୍ଷେତ୍ରଫଳ ମାପ କରିବା ପାଇଁ କେଉଁ ଉପକରଣ ଦରକାର ହୁଏ ?
(କ)ପ୍ଲେନିମିଟର (ଖ)କର୍ଭିମିଟର (ଗ)ସ୍ଲାଇଡ଼ ରୁଲ (ଘ)ପାଣ୍ଟୋ ଗ୍ରାଫ

୩. ସଂଖ୍ୟା ଲେଖିବା ପାଇଁ ପ୍ରାଚୀନ ବାବିଲୋନିୟମାନେ କେଉଁ ଲିପି ବ୍ୟବହାର କରୁଥିଲେ ?
(କ) ବ୍ରାହ୍ମୀଲିପି (ଖ) କ୍ୟୁନିଫର୍ମ
(ଗ) ହିରୋଗ୍ରାଫିକ (ଘ) ଦେବନଗରୀ ଲିପି

୪. ପ୍ରଥମେ କିଏ ବୀଜଗଣିତରେ ସମୀକରଣ ଶବ୍ଦ ପ୍ରଚଳନ କରିଥିଲେ ?
(କ)ବ୍ରହ୍ମଗୁପ୍ତ (ଖ)ଆର୍ଯ୍ୟଭଟ୍ଟ (ଗ) ଭାସ୍କର (ଘ) ମାଧବ

୫. ଗୋଟିଏ ସରଳରେଖାରେ କେତୋଟି ପ୍ରାନ୍ତବିନ୍ଦୁ ଥାଏ ?
(କ)୧ଟି (ଖ)୨ଟି (ଗ) ଅସଂଖ୍ୟ (ଘ) ଆଦୌ ନଥାଏ

୬. କେଉଁ ପ୍ରକାରର ତ୍ରିଭୂଜ ପରିକେନ୍ଦ୍ର ତାହାର ଅନ୍ତର୍ଦ୍ଦେଶରେ ରହିଥାଏ ?
(କ) ସମକୋଣୀ ତ୍ରିଭୂଜ (ଖ) ସ୍ଥୂଳକୋଣୀ ତ୍ରିଭୂଜ
(ଗ) ସୂକ୍ଷ୍ମକୋଣୀ ତ୍ରିଭୂଜ (ଘ) ପ୍ରବୃଦ୍ଧକୋଣୀ

୭. ୨୪ଟି ଜିନିଷ ୧୪୮୮୦ ଟଙ୍କାରେ କ୍ରୟ କରାଯାଇ ୧୮୪୮୦ ଟଙ୍କାରେ ବିକ୍ରୟ କରାଗଲେ, ଆନୁମାନିକ କେତେ ଲାଭ ପ୍ରତ୍ୟେକ ଜିନିଷରେ ହେବ ?
(କ) ୩୨% (ଖ)୨୯% (ଗ)୧୭% (ଘ)୨୪%

୮. 'କ' ଏବଂ 'ଖ' ଉଭୟ ଗୋଟିଏ କାମକୁ ୪ ଦିନରେ କରନ୍ତି । 'କ' ଏକୁଟିଆ କରିବାକୁ ୧୨ ଦିନ ନିଏ । ତେବେ 'ଖ' ଏକୁଟିଆ ଉକ୍ତ କାର୍ଯ୍ୟକୁ କେତେ ଦିନରେ କରିବ ?
(କ) ୯ (ଖ)୭ (ଗ)୫ (ଘ)୬

୯. '?' ଚିହ୍ନଟିର ସଂଖ୍ୟା କେତେ ?
୫୧୩, ୪୯୫, '?', ୪୬୨, ୪୪୭, ୪୩୩
(କ)୪୬୦ (ଖ)୪୧୧ (ଗ)୪୮୮ (ଘ) ୪୭୮

୧୦. ଗୋଟିଏ ସରଳରେଖାରେ କେତୋଟି ବିନ୍ଦୁ ଥାଏ ?
(କ) ଗୋଟିଏ (ଖ)ଦୁଇଟି
(ଗ) ଅସଂଖ୍ୟ (ଘ)ଆଦୌ ନଥାଏ

## (୧୯) ସାଧାରଣ ବିଜ୍ଞାନ

୧. ଆନ୍ତର୍ଜାତୀୟ ବିଜ୍ଞାନ ଓ ଶାନ୍ତି ଦିବସ କେବେ ପାଳନ କରାଯାଇଥାଏ ?
(କ) ସେପ୍ଟେମ୍ବର ୧ ରୁ ୭ (ଖ) ଫେବୃୟାରୀ ୧ ରୁ ୭
(ଗ) ଅକ୍ଟୋବର ୧୧ ରୁ ୧୭ (ଘ) ନଭେମ୍ବର ୧୧ ରୁ ୧୭

୨. ପ୍ରଥମେ କେବେ ମାଇକ୍ରୋଚିପ୍ ଉଦ୍ଭାବିତ ହୋଇଥିଲା ?
(କ) ୧୯୪୬ (ଖ)୧୯୫୮ (ଗ) ୧୯୬୯ (ଘ) ୧୯୬୮

୩. ନ୍ୟୁକ୍ଲୀୟର ରିଆକ୍ଟରରେ କେଉଁ ପଦାର୍ଥ ମନ୍ଦକ (Moderator) ରୂପେ ବ୍ୟବହୃତ ହୋଇଥାଏ ?
(କ) ଗ୍ରାଫାଇଟ (ଖ) ବୋରନ (ଗ)କାଡ଼ମିୟମ(ଘ)ସୋଡ଼ିୟମ

୪. ମନୁଷ୍ୟ ଶରୀର ଗ୍ରହଣ କରୁଥିବା ତେଜସ୍କ୍ରିୟ ବିକରଣ କେଉଁ ଏକକରେ ମାପ କରାଯାଇଥାଏ ?
(କ)ରେମ (ଖ)ଡେସିବେଲ (ଗ)ଆର.ପି.ଏମ (ଘ)ଆର୍ମ ଷ୍ଟ୍ରଙ୍ଗ

୫. କ୍ୱାଣ୍ଟମ ତତ୍ତ୍ୱର ଜନକ କିଏ ?
(କ)ମାକ୍ସ ପ୍ଲାଙ୍କ (ଖ)ୟୁକୁଦ୍ୱା (ଗ)ଆଣ୍ଡରସନ(ଘ)ଜେ.ଜେ ଥମସନ

୬. ଦୁଇଟି ଅସମାନ ଓଜନର ବସ୍ତୁ ସମାନ ଉଚ୍ଚତାରୁ ତଳେ ପଡ଼ିବାକୁ ସମାନ ସମୟ ନିଏ ବୋଲି କେଉଁ ବୈଜ୍ଞାନିକ ପରୀକ୍ଷା କରି ଦେଖାଇଥିଲେ ?
(କ) ଗାଲିଲି ଗାଲିଲିଓ (ଖ) ସାର ଅଇଜାକ ନିଉଟନ
(ଗ) କୋପର ନିକସ୍ (ଘ) ରବର୍ଟ ହୁକ ?

୭. କେଉଁ ଗ୍ରହର ସର୍ବାଧିକ ସଂଖ୍ୟକ ଉପଗ୍ରହ ରହିଛି ?
(କ) ବୃହସ୍ପତି (ଖ) ଶନି (ଗ) ୟୁରେନସ (ଘ) ନେପଚ୍ୟୁନ

୮. କେଉଁ ପରୀକ୍ଷାଗାରରେ ଟ୍ରାଞ୍ଜିଷ୍ଟର ଉଦ୍ଭାବିତ ହୋଇଥିଲା ?
(କ) କ୍ୟାଭେଣ୍ଡିସ (ଖ) ଫର୍ମି (ଗ) ବେଲ (ଘ) ଲାୱାରେନସ

୯. ପଦାର୍ଥ ବିଜ୍ଞାନ କ୍ଷେତ୍ରରେ କେବେ ଠାରୁ ନୋବେଲ ପୁରସ୍କାର ଦିଆଯାଉଅଛି ?
(କ)୧୯୦୧ (ଖ)୧୯୧୦ (ଗ)୧୯୬୯ (ଘ)୧୯୭୨

୧୦. ବିଶ୍ୱ ପାଣିପାଗ ଦିବସ କେବେ ପାଳନ କରାଯାଏ ?
(କ) ୩୦, ଜାନୁୟାରୀ (ଖ)୨୩, ମାର୍ଚ୍ଚ
(ଗ) ୧୧, ମେ (ଘ)୧୬, ସେପ୍ଟେମ୍ବର

**ଉତ୍ତର**

**୧.(ଗ)୨.୫୪ ସେମି, ୨.(କ)ପ୍ଲେନିମିଟର, ୩.(ଖ)କ୍ୟୁନିଫର୍ମ, ୪.(କ)ବ୍ରହ୍ମଗୁପ୍ତ, ୫.(ଖ)୨, ୬.(ଗ) ସୂକ୍ଷ୍ମକୋଣୀ ତ୍ରିଭୂଜ, ୭.(ଘ)୨୪%, ୮.(ଘ)୬, ୯.(ଘ) ୪୭୮, ୧୦.(ଗ) ଅସଂଖ୍ୟ**

**୧.(ଘ) ନଭେମ୍ବର ୧୧ ରୁ ୧୭, ୨.(ଗ)୧୯୬୯, ୩. (କ) ଗ୍ରାଫାଇଟ୍ ୪.(କ) ରେମ୍, ୫.(କ)ମାକ୍ସ ପ୍ଲାଙ୍କ, ୬. (କ) ଗାଲିଲି ଗାଲିଲିଓ, ୭.(କ)ବୃହସ୍ପତି, ୮.(ଗ) ବେଲ, ୯.(କ) ୧୯୦୧, ୧୦.(ଖ) ୨୩ ମାର୍ଚ୍ଚ**



ଜୀବନଟା ଖଣ୍ଡେ ପଥର ଭଳି, ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ ।- ଗେଟ୍

## (୨୦) ଜିଲ୍ଲା

୧. ଜିଲ୍ଲାର ନାମ - ଭଦ୍ରକ
୨. ଗଠନ - ୧ ଏପ୍ରିଲ୍ ୧୯୯୩
୩. କ୍ଷେତ୍ରଫଳ - ୨୫୦୫ବର୍ଗ.କି.ମି
୪. ଜନସଂଖ୍ୟା - ୧୫୦୬୫୨୨
(କ) ପୁରୁଷ - ୭୬୦୫୯୧
(ଖ) ମହିଳା - ୭୪୫୯୩୧
୫. ଉପଖଣ୍ଡ - ୦୧
୬. ତହସିଲ - ୦୭ (ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି, ବନ୍ତ, ତିହିଡ଼ି, ଧାମନଗର, ଭଣ୍ଡାରିପୋଖରୀ)
୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) - ୦୭ (ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି, ବନ୍ତ, ତିହିଡ଼ି, ଧାମନଗର, ଭଣ୍ଡାରିପୋଖରୀ)
୮. ଗ୍ରାମ ପଞ୍ଚାୟତ - ୧୯୩
୯. ଗ୍ରାମ - ୧୩୧୨
୧୦. ଥାନା - ୧୫
୧୧. ପୌରସଂସ୍ଥା(ମ୍ୟୁନିସିପାଲିଟି)- ୧
୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) -୧
୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ - ୫
୪୩. ଭଣ୍ଡାରୀପୋଖରି, ୪୪. ଭଦ୍ରକ, ୪୫. ବାସୁଦେବପୁର, ୪୬. ଧାମନଗର, ୪୭, ଚାନ୍ଦବାଲି
୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) - ୧୭୬୭୯୩(୯୩୧)
୧୫. ସାକ୍ଷରତା ହାର -୮୩.୨୫%
୧୬.ପୁରୁଷ ସାକ୍ଷରତା ହାର - ୮୯.୯୨%
୧୭. ମହିଳା ସାକ୍ଷରତା ହାର - ୭୬.୪୯%
୧୮.ଜନସଂଖ୍ୟା ବୃଦ୍ଧି ହାର - ୧୨.୯୫%
୧୯.ଜନସଂଖ୍ୟା ଘନତ୍ୱ - ୬୦୧ / ବର୍ଗ କି.ମି
୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା - ୯୮୧
୨୧.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୭୬
୨୨. ନିଆଁଲିଭା କେନ୍ଦ୍ର - ୦୬
୨୩.ଲୋକସଭା ଆସନ ସଂଖ୍ୟା - ୦୧
୨୪ ଜଙ୍ଗଲ ଜମି - ୯୭.୦୬ ବର୍ଗ କି.ମି
୨୫.ହାରାହାରି ତାପମାତ୍ରା-ସର୍ବନିମ୍ନ ୧୧.୪° - ସର୍ବୋଚ୍ଚ ୪୨.୮୧°
୨୬. ସାଧାରଣ ବୃଷ୍ଟିପାତ - ୧୫୬୮.୪ମି.ମି.
୨୭. ମୋଟର ଯାନ ପଞ୍ଜିକୃତ କୋଡ଼ - ଓ.ଡି.- ୨୨
୨୮.ପର୍ଯ୍ୟଟନସ୍ଥଳୀ - ଆରେଡ଼ି, ଆହାରପଡ଼ା, ଧର୍ମ କେନ୍ଦ୍ର, ଧାମନଗର, ଧାମରା, ଈଶ୍ୱରପୁର

## ପର୍ବପର୍ବାଣୀ ଓ ମୁଖ୍ୟ ଦିବସ

### ନଭେମ୍ବର ୨୦୨୨

ତା୧. ଗୋଷ୍ଠାଷ୍ଟମୀ, ଜଗମୋହନ ଭୋଗ
ତା୨. ଅଁଳା ନବମୀ, ଜଗଦ୍ଧାତ୍ରୀ ପୂଜା, ଶ୍ରୀରାଧାଙ୍କ ପାଦ ଦର୍ଶନ, ଭାଗବତ ସପ୍ତାହ ପାଠ ଅରମ୍ଭ
ତା୩. ସୁଦଶା ବ୍ରତ
ତା୪. ଦେବୋତ୍ଥାପନ ଏକାଦଶୀ, ପଞ୍ଚୁକ ବ୍ରତ ଆରମ୍ଭ, ଶରଣ ଶେଷ
ତା୫. ଗରୁଡ ଦ୍ୱାଦଶୀ, ତୁଳସୀ ବିବାହ
ତା୬. ବୈକୁଣ୍ଠ ଚତୁର୍ଦ୍ଦଶୀ, ବଡଓଷା
ତା୭. ଶ୍ରୀଜୀଉଙ୍କ ଲକ୍ଷ୍ମୀନୃସିଂହ ବେଶ କେଦାର ବ୍ରତ, ଚନ୍ଦ୍ରୋପବାସ
ତା୮. ରାସ ପୂର୍ଣ୍ଣିମା, ବାଲିଯାତ୍ରା, କାର୍ତ୍ତିକ ବ୍ରତ ଉଦ୍‌ଯାପନ, ରାହୁଗ୍ରସ୍ତ ଚନ୍ଦ୍ରଗ୍ରହଣ
ତା୯. ଛାଡ ଖାଇ
ତା୧୦. ମାଣବସା ଗୁରୁବାର ପୂଜା ଆରମ୍ଭ
ତା୧୩. ସୀତା ବିବାହ, ଶ୍ରୀକ୍ଷେତ୍ର ପରିକ୍ରମା
ତା୧୪. ଶିଶୁ ଦିବସ
ତା୧୫. ମାସାନ୍ତ
ତା୧୬. ବିଛା ସଂକ୍ରାନ୍ତି, ପ୍ରଥମାଷ୍ଟମୀ
ତା୧୭. କାଞ୍ଜି ଅଁଳା ଓଷା
ତା୨୦. ଉତ୍ପନା ଏକାଦଶୀ
ତା୨୨. ଶିବ ଚତୁର୍ଦ୍ଦଶୀ ଉପବାସ, ବେଢା ଦେବ ଦୀପାବଳୀ ଆରମ୍ଭ
ତା୨୩. ମହୋଦଧି ଅମାବାସ୍ୟା
ତା୨୪. ଦେବ ଦୀପାବଳୀ ଶେଷ
ତା୨୬. ରମ୍ଭା ତୃତୀୟା ବ୍ରତ
ତା୨୭. ଶରଣ ଆରମ୍ଭ
ତା୨୮. କୁରାଳ ପଞ୍ଚମୀ
ତା୨୯. ଓଢଣ ଷଷ୍ଠୀ, ପ୍ରାବରଣୋତ୍ସବ

ତା୦୧. ବିଶ୍ୱ ନିରାମିଷ ଦିବସ
ତା୦୫. ବିଶ୍ୱ ରେଡ଼ିଓଗ୍ରାଫି ଦିବସ, ବିଶ୍ୱ ସୁନାମୀ ଦିବସ
ତା୦୭. ନବଜାତ ଶିଶୁ ସୁରକ୍ଷା ଦିବସ, ବିଶ୍ୱ କର୍କଟ ସଚେତନା ଦିବସ
ତା୦୯. ଲିଗାଲ ସର୍ଭିସ ଦିବସ
ତା୧୦. ପରିବହନ ଦିବସ
ତା୧୧. ଜାତୀୟ ଶିକ୍ଷା ଦିବସ
ତା୧୨. ରାଷ୍ଟ୍ରୀୟ ପକ୍ଷୀ ଦିବସ
ତା୧୪. ଶିଶୁ ଦିବସ, ନେହେରୁଙ୍କ ଜନ୍ମ ଦିବସ, ବିଶ୍ୱ ମଧୁମେହ ଦିବସ, ଆନ୍ତର୍ଜାତୀକ ସହନଶୀଳତା ଦିବସ
ତା୧୫. ବିର୍ସାମୁଣ୍ଡା ଜନ୍ମ ଦିବସ
ତା୧୬. ଜାତୀୟ ପ୍ରେସ ଦିବସ, Endurance ପାଇଁ ଆନ୍ତର୍ଜାତୀୟ ଦିନ
ତା୧୭. ଗୁରୁ ନାନକ ଜନ୍ମ ଦିବସ, ଆନ୍ତର୍ଜାତୀକ ଛାତ୍ର ଦିବସ, ଜାତୀୟ ସାମ୍ବାଦିକ ଦିବସ, National Epilepsy Day
ତା୧୮. ବିଶ୍ୱ ବୟସ୍କ ଦିବସ
ତା୧୯. ବିଶ୍ୱ ଶୌଚାଳୟ ଦିବସ, ବିଶ୍ୱ ନାଗରିକ ଦିବସ
ତା୨୦. ସାର୍ବଜନୀନ ଶିଶୁ ଦିବସ, ଆଫ୍ରିକା ଶିଳ୍ପାୟନ ଦିବସ
ତା୨୧. ବିଶ୍ୱ ଦୂରଦର୍ଶନ ଦିବସ, ହରେକୃଷ୍ଣ ମହତାବଙ୍କ ଜନ୍ମଦିବସ
ତା୨୨. ଶହୀଦ ଲକ୍ଷ୍ମଣ ନାୟକ ଜନ୍ମ ଦିବସ
ତା୨୩. ନବକୃଷ୍ଣ ଚୌଧୁରୀଙ୍କ ଜନ୍ମ ଦିବସ, ସତ୍ୟସାଇବାବା ଜୟନ୍ତୀ
ତା୨୫. ବିଶ୍ୱ ଆମିଷ ଦିବସ
ତା୨୬. ଆଇନ ଦିବସ
ତା୩୦. ପତାକା ଦିବସ, କମ୍ପ୍ୟୁଟର ନିରାପତ୍ତା ଦିବସ

OPEN

Home Delivery available

# TASTY DOTS

## MORE FOOD, MORE LIFE



TANDOOR



BIRYANI



CHINESE



INDIAN

VISIT AGAIN

Place your Order
9777030560

M5/23, Near Essura Drug House
Acharya Vihar, Bhubaneswar

Volume - 13 ● Issue No. 05 ● Monthly ● November 2022 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


# ARYAVART ANCIENT ACADEMY

KHORDHA

## SENIOR SECONDARY SCHOOL

Affiliated to CBSE, New Delhi - 1530380, Code No. 16137







## Admission Open for

## Nursery to Std. - IX & XI

### INTEGRATED COACHING

- ★ NEET, JEE, JIPMER, NISER, IISER, NDA INTERNATIONAL OLYMPIAD etc.
- ★ Counseling Cell
- ★ Scholarship
- ★ Separate Hostel for Boys & Girls



RTE **25%** Seats Reserved for Std.-I












Plot No. 684, Haldipada, Khordha, Pin - 752056

Email : aryavartaa.krd@gmail.com, Website : www.aryavartancientacademy.in

**Toll Free : 1800 120 22 3333**


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057

Editor : Dr. Prasanna Kumar Jena

Founder : Dr. Pramod Chandra